
ଚରଣ-8

ଓଁ ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟଃ

# ଚରମ

❋ ତୃତୀୟ ପୁଷ୍ପ ❋ ପ୍ରଥମ ପାଖୁଡ଼ା ❋ ଅଷ୍ଟମ ସଂଖ୍ୟା ❋ ଦ୍ୱିତୀୟ ମହକ ❋

ସଂପାଦକ : ଶ୍ରୀ କେଶବଦାସ ବୃନ୍ଦାବନ ।

ପ୍ରକାଶକ : ସାଧାରଣ ସଂପାଦକ,
ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, କଟକ

ମୁଦ୍ରକ ଓ ଅକ୍ଷରସଜ୍ଜା : ରସଦ୍ ଆଡ୍ ଏଜେନ୍ସି, ମହତାବ ରୋଡ୍,
କଟକ, ଫୋନ- ୦୬୭୧-୨୩୧୧୪୩୧

## କାର୍ଯ୍ୟାଳୟ ଓ ପ୍ରାପ୍ତିସ୍ଥାନ

ଚରମ ପ୍ରକାଶନ ସଂସ୍ଥା, ସାହିତ୍ୟ ସଂସଦ୍,
ମାର୍ଫତ୍ : ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍ କାର୍ଯ୍ୟାଳୟ,
ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜି. : କଟକ, ଓଡ଼ିଶା
ପିନ୍ – ୭୫୪୨୦୬
ଫୋନ୍ – (୦୬୭୧) ୨୭୬୭୧୦୧

ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ୍‌ର ଅନ୍ୟତମ ଅଙ୍ଗ ସାହିତ୍ୟ ସଂସଦ୍ ତରଫରୁ ଚରମ ପ୍ରକାଶନ ସଂସ୍ଥା, କ୍ଷିତିଜ୍ୟୋତିଃ ଆଶ୍ରମ, ସ୍ୱର୍ଣ୍ଣକ୍ଷେତ୍ର, ମାହାଙ୍ଗା, ଜି: କଟକଙ୍କ ଦ୍ୱାରା ପ୍ରକାଶିତ ଏବଂ ଭବ୍ ପ୍ରିଣ୍ଟ, କଟକଙ୍କ ଦ୍ୱାରା ମୁଦ୍ରିତ । ପ୍ରକାଶକଙ୍କ କର୍ତ୍ତୃକ ସର୍ବସ୍ୱତ୍ୱ ସଂରକ୍ଷିତ ।

❋ ଭକ୍ତି ପ୍ରେମାଞ୍ଜଳି : ପ୍ରତି ଖଣ୍ଡ : ପନ୍ଦର ମୁଦ୍ରାଞ୍ଜଳି ❋

# ପ୍ରବେଶ ପରିଚିତି

❋ ତୃତୀୟ ପୁଷ୍ପ ❋
ପ୍ରଥମ ପାଖୁଡ଼ା
ଅଷ୍ଟମ ସଂଖ୍ୟା
ଦ୍ୱିତୀୟ ମହକ

❖ ବୈଦିକ ପ୍ରାର୍ଥନା ❖

ବିଶାଳ ବିଶ୍ୱସ୍ୟ ନିଦାନ ବୀଜଂ
ବରଂ ବରେଣ୍ୟଂ ବିଧିବିଷ୍ଣୁ ସର୍ବୈଃ ।
ବସୁନ୍ଧରା ବାରି ବିମାନ ବହ୍ନିଃ
ବାୟୁ ସ୍ୱରୂପଂ ପ୍ରଣବଂ ବିବନ୍ଦେ ।।

ତୃତୀୟ ମହକ, କେଶବାବ୍ଦ – ୫୫, ଭାଦ୍ର ପୂର୍ଣ୍ଣିମା, ୨୦୧୦


| ବିଷୟ | ପୃଷ୍ଠାଙ୍କ |
|---|---|
| **ଅରୁଣସ୍ତମ୍ଭ** | |
| ମଙ୍ଗଳାଚରଣ | ୧ |
| ଶ୍ରୀପଦ ମହିମା | ୧ |
| **ସିଂହଦ୍ୱାର** | |
| ଅଥ ଗୁରୁଦେବ ସ୍ତବନମ୍ | ୨ |
| **ମୁଖଶାଳା** | |
| ସଂପାଦକୀୟ | ୩ |
| **ଶ୍ରୀମନ୍ଦିର** | |
| 'ଚରମ'ର ପ୍ରଚ୍ଛଦପଟ ସମ୍ପର୍କରେ | ୪ |
| ଆମର ଲକ୍ଷ୍ୟ : ଚରମ ପ୍ରାପ୍ତି | ୬ |
| ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ : | ୮ |
| ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ : | ୧୧ |
| **ଗରୁଡ଼ସ୍ତମ୍ଭ** | |
| ବାଲ୍ୟକାଳୁ ଧର୍ମଧନ ସଞ୍ଚିତି : | ୧୩ |
| ଉତିଷ୍ଠତଃ ! ଜାଗ୍ରତଃ !! | ୧୫ |
| ଶ୍ରୀ ଶ୍ରୀ ଠାକୁରଙ୍କ ଦର୍ଶନରୁ : ମୋହ | ୧୭ |
| ଆଧ୍ୟାତ୍ମିକ ପ୍ରବନ୍ଧ : | ୧୯ |
| **ରତ୍ନବେଦୀ** | |
| ସମ୍ଭବାମି ଯୁଗେ ଯୁଗେ | ୨୨ |
| ପୁରାଣ ପୃଷ୍ଠାରୁ : ଗଳ୍ପାଂଶ | ୨୪ |
| କଲ୍ୟାଣ ହେଲି ତୋତେ | ୨୭ |
| କେଶବ କୈବଲ୍ୟ କଣିକା | ୩୧ |
| ଜିଜ୍ଞାସା:ଜିଜ୍ଞାସୁ : | ୩୩ |
| **ନୀଳଚକ୍ର** | |
| 'ଚରମ'ର ସଙ୍କେତ | ୩୬ |
| ଆଶ୍ରମ ସନ୍ଦେଶ | ୩୭ |


## ପତ୍ରିକା ବ୍ୟବହାର ବିଧି

୧. ଶ୍ରଦ୍ଧା ଭକ୍ତି ଓ ନିଷ୍ଠାର ସହିତ ପାଠ କରନ୍ତୁ ।
୨. ନିଜେ ପଢ଼ିବା ସହିତ ପରିବାରର ଅନ୍ୟ ସମସ୍ତଙ୍କୁ ପଢ଼ିବାକୁ ପ୍ରବର୍ତ୍ତନା ଦିଅନ୍ତୁ/କ୍ଷେତ୍ର ବିଶେଷରେ ନିଜେ ପଢ଼ି ପରିବାରର ଅନ୍ୟ ସମସ୍ତଙ୍କୁ ଶୁଣାନ୍ତୁ ।
୩. ପାଖ ପଡ଼ିଶାଙ୍କୁ ପଢ଼ିବାକୁ ସୁଯୋଗ ଦିଅନ୍ତୁ/ପଢ଼ି ଶୁଣାଇ ଦିଅନ୍ତୁ/ପତ୍ରିକା ନିୟମିତ କିଣିବା ପାଇଁ ଉତ୍ସାହିତ କରନ୍ତୁ ।
୪. ପତ୍ରିକାରୁ ବିଗ୍ରହ ଛିଣ୍ଡାଇ ନିଅନ୍ତୁ ନାହିଁ । ଏହା ଦ୍ୱାରା ପତ୍ରିକାର ଅଙ୍ଗହାନି ହେବ ।
୫. ପୂତ ପବିତ୍ରତା ସହିତ ପତ୍ରିକା ବ୍ୟବହାର କରନ୍ତୁ ଓ ସାଇତି ରଖନ୍ତୁ ।
୬. ପତ୍ରିକାର ପୁରୁଣା ସଂଖ୍ୟାମାନ ସଂଗ୍ରହ କରି ପଢ଼ନ୍ତୁ ଓ ସାଇତି ରଖନ୍ତୁ ।

– ସଂପାଦକ, 'ଚରମ' ।।



ମୂଳାଧାର କର୍ଣ୍ଣଧାର   ସ୍ୱାଧୀଷ୍ଠାନେ ସ୍ୱାଧୀନ ।
ମଣିପୁର ପୁରୋହିତ   ଅନାହତ ପ୍ରବୀଣ ।।
ବିଶୁଦ୍ଧରେ ଶୁଦ୍ଧଚିତ୍ତ   ଆଜ୍ଞାଚକ୍ର ଅନୁଜ୍ଞା ।
ସହସ୍ରାର ସାର ଏକା   ବ୍ରହ୍ମରନ୍ଧ୍ରର ପ୍ରଜ୍ଞା ।।

# ଅନୁଶୀଳନ



**ମଙ୍ଗଳାଚରଣ**

ସସ୍ନେହ ଶ୍ରଦ୍ଧା ପ୍ରେମପ୍ରୀତି ଯୁଗମ୍,
ନାମପ୍ରିୟବେ ସଦାହର୍ଷ ଚିରମ;
ତ୍ୱମେବ ସର୍ବ ଜନାନନ୍ଦକାରୀ,
ଦୁର୍ଗାତ୍ୱ ପାତୁ ନଃ ସଦାଶାନ୍ତମୂର୍ତ୍ତିଃ ॥

## ଶ୍ରୀପଦ ମହିମା

ଶ୍ରୀପଦ ମହିମା ଶ୍ରୀପଦୁଁ କ୍ଷରେ ।
ଶ୍ରୀପଦ ମହିମା ଥାଏ ଅକ୍ଷରେ ॥୧॥
ଶ୍ରୀପଦ ମହିମା ଜାଣେ ଶ୍ରୀପଦ ।
ଶ୍ରୀପଦ ଅଟଇ ଅଭୟ ପଦ ॥୨॥
ଶ୍ରୀପଦ ପାଦୁକା ସାକ୍ଷାତ ଗୁରୁ
ଶ୍ରୀପଦ ମହିମା ରସନା ଝୁରୁ ॥୩॥
ଶ୍ରୀପଦ ପୀଠେ ସାଷ୍ଟାଙ୍ଗ ପ୍ରଣାମ ।
ଗ୍ରହଣ କରନ୍ତି ପଦ ଅନାମ ॥୪॥
ଶ୍ରୀପଦ ନାବ ସଂସାର ସାଗରେ ।
ଶ୍ରୀପଦ ଆଶ୍ରିତ ବନ୍ଧନୁ ତରେ ॥୫॥
ଶ୍ରୀପଦରେ ଲୟ କରେ ଯେ ସ୍ଥିର ।
ଭବୁ ତରିଯାଏ ଏ ସତ୍ୟ ଗିର ॥୬॥
ଶ୍ରୀପଦେ ସମର୍ପି ଦେଲେ ସକଳ ।
କେଶାଗ୍ର ପରଶ ନ କରେ କାଳ ॥୭॥
ଶ୍ରୀପଦ ଚିନ୍ତି କରିବ ଶୟନ ।
ଶ୍ରୀପଦ ଦୃଶ୍ୟ ଦେଖିବ ନୟନ ॥୮॥
ଶ୍ରୀପଦ ଚିନ୍ତି ଶଯ୍ୟାତ୍ୟାଗ କର ।
ଦୈନନ୍ଦିନ କର୍ମେ ନଥିବ ଡ଼ର ॥୯॥
ଶ୍ରୀପଦ ସ୍ମରି ଶୁଭ ଅନୁକୂଳ ।
କଲେ ଯାତ୍ରା ହୁଏ ସର୍ବ ମଙ୍ଗଳ ॥୧୦॥

ଶ୍ରୀପଦ ଅଟଇ ବିଭୂତି ସିଦ୍ଧି ।
ଶ୍ରୀପଦ ପ୍ରାନ୍ତରେ ନିବେଶ ବୁଦ୍ଧି ॥୧୧॥
ଶ୍ରୀପଦ ମହିମା କର କୀର୍ତ୍ତନ ।
ଶ୍ରୀପଦ ସତତ କର ଚିନ୍ତନ ॥୧୨॥
ଶ୍ରୀପଦ ପାଦୁକା ହୃଦେ ଲଗାଇ ।
ମନ ଚଇତନ ଶ୍ରୀପଦେ ଥୋଇ ॥୧୩॥
ଶ୍ରୀପଦ ପାଦୁକା ମସ୍ତକେ ରଖି ।
ଶ୍ରୀପଦ ସ୍ୱରୂପ ସୂକ୍ଷ୍ମରେ ଦେଖି ॥୧୪॥
ଶ୍ରୀପଦ ଅଟଇ ସେବାର ମୂଳ ।
ଶ୍ରୀପଦ ପୀଠରେ ସକଳ ଠୁଳ ॥୧୫॥
ଶ୍ରୀପଦ ଅଟଇ ଧ୍ୟାନର ବିନ୍ଦୁ ।
ଲୟ ଲଗାଇଲେ ତରିବୁ ସିନ୍ଧୁ ॥୧୬॥
ଶ୍ରୀପଦ ମହିମା ଅତି ନିଗମ ।
ଶ୍ରୀପଦ କୃପାରୁ ମିଳେ ମରମ ॥୧୭॥
ଶ୍ରୀପଦ ମହିମା ବଖାଣି କହି ।
ଶ୍ରୀପଦ ଚାହିଁଲେ ପ୍ରଳୟୁ ରହି ॥୧୮॥
ଶ୍ରୀପଦ ଅଟଇ ସକଳ ହେତୁ ।
ଶ୍ରୀପଦ ଯୁଗଳ କଳିର ସେତୁ ॥୧୯॥
ଶ୍ରୀପଦକୁ ଯେହୁ ଭରସା କରେ ।
ଘୋର କଳିକାଳୁ ଅବଶ୍ୟ ତରେ ॥୨୦॥

ଶ୍ରୀପଦ ପୀଠରେ ମୋ ମତି ରହୁ ।
ଶ୍ରୀପଦ ଧ୍ୟାୟି ମୋ ଜୀବନ ଯାଉ ॥୨୧॥




## ଅଥ ଗୁରୁଦେବ ସ୍ତବନମ୍

ନମସ୍ତେ ଯଦୁନନ୍ଦନଂ ନମସ୍ତେ ସୁକାନ୍ତି ସୁତମ୍ ।
ନମସ୍ତେ ଜୀବନନାଥଂ ନମସ୍ତେ ପୁରୁଷୋତ୍ତମମ୍ ॥୧॥

ନମସ୍ତେ ଭାବଗ୍ରାହୀଣଂ ନମସ୍ତେ ପରମବ୍ରହ୍ମମ୍ ।
ନମସ୍ତେ ଜଗତନାଥଂ ନମସ୍ତେ ଗୁରୁସ୍ୱାମୀନମ୍ ॥୨॥

ନମସ୍ତେ ଭକ୍ତବତ୍ସଳଂ ନମସ୍ତେ ଶାନ୍ତମୂର୍ତ୍ତୟଃ ।
ନମସ୍ତେ କରୁଣାକରଂ ଶରଣଦଂ ନମୋସ୍ତୁତେ ॥୩॥

ନମସ୍ତେ ଅଭୟପଦଂ ନମସ୍ତେ ମୋକ୍ଷକାରକମ୍ ।
ନମସ୍ତେ ବରଦ ହସ୍ତଂ ଅଭୟଦଂ ନମୋସ୍ତୁତେ ॥୪॥

ନମସ୍ତେ ଯୁଗପୁରୁଷଂ ନମସ୍ତେ ଜନ୍ମସିଦ୍ଧକମ୍ ।
ନମସ୍ତେ ଚରମନାଥଂ ଅନ୍ତର୍ଯ୍ୟାମୀ ନମୋସ୍ତୁତେ ॥୫॥

ନମସ୍ତେ ସହସ୍ରଚିହ୍ନଂ ନମସ୍ତେ ଚରମଦାତମ୍ ।
ନମସ୍ତେ ଶେଷାବତାରଂ ହୃଷିକେଶଂ ନମୋସ୍ତୁତେ ॥୬॥

ନମସ୍ତେ ନିର୍ଗୁଣାଗୁଣଂ ନମସ୍ତେ ଅରୂପାନନ୍ଦମ୍ ।
ନମସ୍ତେ ଜଗତଗୁରୁଂ କଳ୍ପତରୁଂ ନମୋସ୍ତୁତେ ॥୭॥

ନମସ୍ତେ ସ୍ୱରୂପାତୀତଂ ନମସ୍ତେ ସ୍ୱଇଚ୍ଛାତୀତମ୍ ।
ନମସ୍ତେ ସ୍ୱଗୁଣାତୀତଂ ମାୟାଧରଂ ନମୋସ୍ତୁତେ ॥୮॥


### ବିଜ୍ଞପ୍ତି

ଚରମ ପ୍ରକାଶନ ସଂସ୍ଥା କର୍ତ୍ତୃକ ପ୍ରକାଶିତ ପତ୍ରପତ୍ରିକା, ପୁସ୍ତିକାଦିରେ ପ୍ରକାଶିତ ତଥ୍ୟ, ତତ୍ତ୍ୱ ଆଦି ବିଷୟ ବିନ୍ୟାସ ଓ ଶୈଳୀବିନ୍ୟାସ ଏବଂ ବ୍ୟବହୃତ ପ୍ରଚ୍ଛଦପଟ, ଡିଜାଇନ୍ ଇତ୍ୟାଦି ଏହି ସଂସ୍ଥା ଦ୍ୱାରା ସର୍ବସ୍ୱତ୍ତ୍ୱ ସଂରକ୍ଷିତ । ଚରମ ପ୍ରକାଶନ ସଂସ୍ଥାର ମୁଖ୍ୟ ପରିଚାଳକଙ୍କର ଲିଖିତ ଅନୁମତି ବିନା ଏହିସବୁ ଅନ୍ୟ ବ୍ୟକ୍ତି ବା ସଂଗଠନ/ସଂସ୍ଥା ବ୍ୟବହାର କରିବା, ଉଦ୍ଧାର କରିବା ବା ଅନ୍ୟତ୍ର ଯେ କୌଣସି ରୂପ ବା ଭାବରେ ପ୍ରକାଶ କରିବା ଆଇନାନୁଯାୟୀ ଦଣ୍ଡନୀୟ ଅପରାଧ ।

କେଶବଦାସ ବୃନ୍ଦାବନ
ମୁଖ୍ୟ ପରିଚାଳକ, ଚରମ ପ୍ରକାଶନ ସଂସ୍ଥା

# ମୁଖଶାଳା

## ସମ୍ପାଦକୀୟ

ଅବ୍ୟକ୍ତ ମଣ୍ଡଳର ଆଦି ଅନାଦି ଜଗତର ସେପାରିରୁ ସ୍ଥୂଳ ଜଗତ ବା ଶକଟକ ମଣ୍ଡଳର ପ୍ରତିଟି ଜଡ଼ ଚେତନ, ସ୍ଥାବର ଜଙ୍ଗମ, ଅଣୁ ପରମାଣୁ, କୀଟପତଙ୍ଗ, ସରୀସୃପ, ବୃକ୍ଷଲତା, ପଶୁପକ୍ଷୀ ଏପରିକି ସୃଷ୍ଟିର ତଥାକଥିତ ଶ୍ରେଷ୍ଠ ଜୀବ ମନୁଷ୍ୟ ପର୍ଯ୍ୟନ୍ତ ଯେଉଁ ଅନାଦି, ଅଦୃଶ୍ୟ, ଅଜ୍ଞେୟ, ଅବ୍ୟକ୍ତ, ଅରୂପ ଅନାମ ଶକ୍ତି ଚ୍ୟୁତ ବା ସ୍ଖଳିତ ନ ହୋଇ ଏକାଧାରରେ ଏକ ସମୟରେ ଭିନ୍ନ ଭିନ୍ନ ଲୀଳା ସଂଘଟନରେ କୁଶଳୀ ସେ ହିଁ ଅଚ୍ୟୁତ, ସେ ହିଁ କେଶବ, ସେ ହିଁ ଅବ୍ୟକ୍ତ ନିରାକାର ପୁରୁଷ । ସେ ହିଁ ସଚ୍ଚିଦାନନ୍ଦ ସ୍ୱରୂପ । ଅଣାକାର ପୁରୁଷଙ୍କୁ ଆକାରରେ, ଅନାମଙ୍କୁ ନାମରେ, ଅରୂପଙ୍କୁ ରୂପରେ, ଅଦୃଶ୍ୟଙ୍କୁ ସ୍ଥୂଳ ଓ ସୂକ୍ଷ୍ମ ଉଭୟ ଦୃଷ୍ଟିରେ, ଅଜ୍ଞେୟଙ୍କୁ ଜ୍ଞାତସାରରେ, ଅବ୍ୟକ୍ତଙ୍କୁ ବ୍ୟକ୍ତ ପ୍ରକାଶରେ ପାଇ ଆଜି ଯେଉଁମାନେ ଶ୍ରୀଚରଣପଙ୍କଜରେ ଶରଣାପନ୍ନ ହୋଇଛନ୍ତି, ବାସ୍ତବରେ ସେମାନଙ୍କର ଜନ୍ମ ଓ ଜୀବନ ସାର୍ଥକ ସଫଳ ହୋଇଛି କହିଲେ, ସତ୍ୟର ଅପଳାପ ହେବ ନାହିଁ । ଯେଉଁ ଦିବ୍ୟାତ୍ମାଗଣ ନିଷ୍ଠା ଓ ଆନ୍ତରିକତାର ସହିତ ଶ୍ରଦ୍ଧାଶୀଳ ହୋଇ ଶ୍ରୀ ଶ୍ରୀ ପ୍ରଭୁପାଦଙ୍କ ପ୍ରଦର୍ଶିତ ଓ ନିର୍ଦ୍ଦିଷ୍ଟ ଧର୍ମଧାରା ଗ୍ରହଣ କରି ନିତ୍ୟନୈମିତ୍ତିକ କର୍ମଯୋଗ ଅଭ୍ୟାସ ସାଧନ ପଥରେ ଦୃଢ଼ ବିଶ୍ୱାସର ସହିତ ସତତ ନିଯୁକ୍ତ ଅଛନ୍ତି, ସେମାନେ ମହା ଭାଗ୍ୟବାନ କହିଲେ ମଧ୍ୟ ଅତ୍ୟୁକ୍ତି ହେବ ନାହିଁ ।

ଅତିମାନୁଷ ଶକ୍ତି ଆଜି ଧରାପୃଷ୍ଠକୁ ଅବତରଣ କରିଛି । ଏକଥା କେହି ବିଶ୍ୱାସ କରୁ ବା ନ କରୁ, ଯେଉଁମାନେ ପ୍ରତ୍ୟକ୍ଷ ଅନୁଭୂତି ସମ୍ପନ୍ନ ସେମାନେ କଦାପି ଅବିଶ୍ୱାସ କରିବେ ନାହିଁ । ଯେଉଁମାନେ ଧାରା ଧରି ଅଭ୍ୟାସ ଯୋଗସାଧନା ନକରି ଗୁର୍ବୀ ଗଞ୍ଜନ ମୋହ ବଶରୁ ବିନାଶ୍ରମ ସାଧନାରେ ଗୁରୁ କୃପାରୁ ଫଳ ପ୍ରାପ୍ତିର ଆଶାବାନ୍ଧି ନିଷ୍କ୍ରିୟ ହୋଇ ବସି ରହିଛନ୍ତି, ସେମାନେ ଦିନେ ନା ଦିନେ ଅବଶ୍ୟ ବିକାରଗ୍ରସ୍ତ ହେବେ ହିଁ ହେବେ । ସାଧନାରେ ବୀତସ୍ପୃହ କୌଣସି ସାଧକ କସ୍ମିନ୍‌କାଳେ ସିଦ୍ଧିଲାଭ କରିପାରିନି, ପାରେନା । ପୁରାଣ ପୃଷ୍ଠାରୁ ଯେଉଁ କତିପୟ ଉଦାହରଣ ମିଳେ, ତାହା ସ୍ୱତନ୍ତ୍ର । କୌଣସି ବିଶେଷ ବା ସ୍ୱତନ୍ତ୍ର ସତ୍ୟକୁ ସାଧାରଣ ସତ୍ୟଭାବେ ଗ୍ରହଣ କରିବା ସର୍ବଦା ଓ ସର୍ବଥା ବିପଜ୍ଜନକ ଅଟେ । ଅଭିମାନ କରି ଯେଉଁମାନେ ଦୂରେଇ ରହିଛନ୍ତି ବା ରହୁଛନ୍ତି, ତାହା ହୁଏତ ତାଙ୍କ ଅଜ୍ଞତା ହୋଇପାରେ । ସେଥି ନିମନ୍ତେ ସେମାନେ ସ୍ନେହ ଶ୍ରଦ୍ଧାର ପାତ୍ର, କ୍ଷମାର ପାତ୍ର । ମାତ୍ର ବିଜ୍ଞତାର ଡିଣ୍ଡିମ ଓ ଟମକ ବାଡ଼େଇ ଯେଉଁମାନେ ଧାରା ଓ ଗୁରୁଭ୍ରାତା ଭଗ୍ନୀମାନଙ୍କ ପ୍ରତି ଅବମାନନା, ସଂଘ, ପରିଷଦ୍ ଓ ପରିଷଦ୍‌ର ବିଭିନ୍ନ ସଂସ୍ଥା ପ୍ରତି ଅବହେଳା ପ୍ରଦର୍ଶନ କରୁଛନ୍ତି, ସେମାନଙ୍କର ଅନ୍ୟଗତି ନାହିଁ । ଗୁରୁଗଞ୍ଜନର ଫଳ ଅବଶ୍ୟ ସେମାନଙ୍କୁ ଇହ/ପର କାଳରେ ଭୋଗ କରିବାକୁ ହେବ ହିଁ ହେବ ।

ଅତୀବ ଆନନ୍ଦର ବିଷୟ ଏହିକି, ଶ୍ରୀ ଶ୍ରୀ ଗୁରୁସ୍ୱାମୀଙ୍କର ଶିଷ୍ୟ ଅନୁଗତଙ୍କର ସଂଖ୍ୟା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ନିଷ୍ଠାବାନ୍, ଶ୍ରଦ୍ଧାଶୀଳ, ତ୍ୟାଗୀ, ଜ୍ଞାନୀ, ଜିଜ୍ଞାସୁମାନଙ୍କର ଭିଡ଼ ଅଧିକରୁ ଅଧିକ ହେଉଛି । ସେହି ତ୍ୟାଗୀ ଶିଷ୍ୟ ଓ ଭକ୍ତମାନଙ୍କର ଆନ୍ତରିକ ଉଦ୍ୟମରୁ ଆଶ୍ରମର ସ୍ଥୂଳ ଗଠନମୂଳକ କାର୍ଯ୍ୟଧାରା ଆଗେଇ ଚାଲିଛି । ସେମାନଙ୍କର ସାଧନା ସଫଳ ହେଉ – ଶ୍ରୀଶ୍ରୀ ଠାକୁରଙ୍କର ପଦ୍ମପାଦ ପୀଠରେ ଆମର ଆଜି ଏତିକି ପ୍ରାର୍ଥନା । ଅଳମତି ବିସ୍ତରେଣ !

–କେଶବଦାସ ବୃନ୍ଦାବନ

# ଶ୍ରୀମନ୍ଦିର

## ଚରମର ପ୍ରଚ୍ଛଦପଟ ସମ୍ପର୍କରେ

*'ଚରମ' ର ପ୍ରତି ସଂଖ୍ୟାରେ ଆମ ପତ୍ରିକାର ସାଙ୍କେତିକ ପ୍ରଚ୍ଛଦପଟ ସମ୍ପର୍କରେ ଧାରାବାହିକ ଲେଖା ପ୍ରକାଶ ପାଉଛି ! ଏହା ହିଁ ଆମର ମତ ଓ ପଥକୁ ସାବ୍ୟସ୍ତ କରୁଛି । ଏହା ସହିତ ''ସମ୍ଭବାମି ଯୁଗେ ଯୁଗେ'' କୁ ସଂଯୋଗ କରି ପାଠ କଲେ, ପାଠକ/ ପାଠିକାମାନେ ନିଗମ ସୃଷ୍ଟିତତ୍ତ୍ୱ ସମ୍ବନ୍ଧରେ ଅବବୋଧ କରିପାରିବେ ।*

## ସର୍ବମତର ଏକ ଭାବ

ସଦା ସର୍ବଦା ପରିବର୍ତ୍ତନଶୀଳ ଯାହା ତାହା ହିଁ ମାୟା । ଏହି ଅନନ୍ତ ସୃଷ୍ଟି ସତତ ପରିବର୍ତ୍ତନଶୀଳ । ତେଣୁ ଏହି ସୃଷ୍ଟି ହିଁ ମାୟା । ଏହି ସୃଷ୍ଟିକୁ ଯେଉଁ ଅବ୍ୟକ୍ତ ପୁରୁଷ ଧରି ରଖିଛନ୍ତି, ସେ ହିଁ ସ୍ରଷ୍ଟା ପୁରୁଷ, ମାୟାଧର । ଅବ୍ୟକ୍ତ ପୁରୁଷ ନିରାକାର, ଅଣାକାର, ନିର୍ଗୁଣ, ନିଷ୍କଳ ଏବଂ ନିରାମୟ, ନିଷ୍କ୍ରିୟ । ତାଙ୍କରି ଠାରୁ ବ୍ୟକ୍ତ ହୁଏ ବ୍ରହ୍ମ । ବ୍ରହ୍ମ ବ୍ୟକ୍ତ ହୋଇ ସନାତନ ବା ଅପରିବର୍ତ୍ତନଶୀଳ ହୋଇ ରହେ । ସେହି ସନାତନ ପୁରୁଷ ହିଁ ମୂଳବୀଜ, ସେ ହିଁ ନିତ୍ୟକୃଷ୍ଣ, ଅବ୍ୟକ୍ତ ପୁରୁଷର ସର୍ବପ୍ରଥମ ବ୍ୟକ୍ତ ସ୍ୱରୂପ । ତାଙ୍କରି ମଧ୍ୟରେ ନିତ୍ୟରାଧା ଓ ନିତ୍ୟକୃଷ୍ଣ: ପ୍ରକୃତି ଓ ପୁରୁଷ : ସନାତନ ସତ୍ତା ବିରାଜିତ । 'ଚରମ'ର ପ୍ରଚ୍ଛଦପଟର ସର୍ବୋପରି ମଣ୍ଡଳ ଯେଉଁଠାରୁ କି ଅନବରତ ସାବଲୀଳ ଭାବରେ ହରିଦ୍ରାରଶ୍ମି ବିଚ୍ଛୁରିତ ହେଉଛି ତାହା ହିଁ ଅବ୍ୟକ୍ତ ମଣ୍ଡଳ । ତାହାକୁ ଅନାଦି କାରଣଜଗଦ୍ ବୋଲି କୁହାଯାଏ ।

କୈବଲ୍ୟମଣ୍ଡଳ ମଧ୍ୟ ଏହି ଅବ୍ୟକ୍ତ ମଣ୍ଡଳର ଅଂଶବିଶେଷ । ପୁଣି କୈବଲ୍ୟମଣ୍ଡଳ ପାର୍ଶ୍ୱରେ ଅବତାରୀ ବ୍ରହ୍ମ ସୂକ୍ଷ୍ମରୂପରେ ସ୍ଥିତ । ବ୍ରହ୍ମ ହିଁ ଏକମାତ୍ର ପୁରୁଷ । ସେ ନିଷ୍କ୍ରିୟ, ନିଷ୍କଳ । ତାଙ୍କର କ୍ରିୟା ସମ୍ପାଦନ କରନ୍ତି ଶକ୍ତି । ଶକ୍ତି ହିଁ ପ୍ରକୃତି । ପ୍ରକୃତି ଶକ୍ତିମୟୀ । ସେ କ୍ରିୟାଶୀଳା ଅଟନ୍ତି ।

କୈବଲ୍ୟମଣ୍ଡଳ ପାର୍ଶ୍ୱକୁ ପରିବେଷ୍ଟନ କରି ସନାତନ ଧର୍ମମଣ୍ଡଳ ଅବସ୍ଥିତ । ଏହି ମଣ୍ଡଳରେ ସୂକ୍ଷ୍ମଭାବରେ ଧର୍ମପୁତ୍ର, ଜ୍ଞାନୀପୁତ୍ର, ଉତ୍ତମ ମହାତ୍ମାମାନଙ୍କର ବ୍ରହ୍ମ ଅବସ୍ଥିତ ଅଛନ୍ତି । ସନାତନ ଧର୍ମମଣ୍ଡଳକୁ ବେଷ୍ଟନ କରି ସକଳ ଭାବ, ଭକ୍ତି, ପ୍ରେମ, ବ୍ରହ୍ମତତ୍ତ୍ୱ, ବ୍ରହ୍ମଜ୍ଞାନ ବିଜ୍ଞାନାଦି ସୂକ୍ଷ୍ମରେ ବିରାଜିତ ।

ସନାତନ ଧର୍ମମଣ୍ଡଳକୁ ବେଷ୍ଟନ କରି ନିରଞ୍ଜନମଣ୍ଡଳ ଅବସ୍ଥିତ । ଏଠାରେ କାରଣ ବ୍ରହ୍ମସତ୍ତା - ବ୍ରହ୍ମା ବିଷ୍ଣୁ, ଶିବଙ୍କ କାରଣ ସତ୍ତା ରହିଥାଏ । ମହାଶକ୍ତି, ଯୋଗମାୟା ମଧ୍ୟ ସୂକ୍ଷ୍ମରେ ଏଠାରେ ଗୋପନୀୟ ଭାବରେ ଅଛନ୍ତି । ଏହା ହିଁ କାରଣ ଜଗତ ଅବ୍ୟକ୍ତମଣ୍ଡଳ, ଅନାଦି ଜଗଦ୍ ସମ୍ବନ୍ଧରେ ସୂକ୍ଷ୍ମ ଓ ସମ୍ୟକ୍ ସଂକ୍ଷିପ୍ତ ଧାରଣା । ଏ ପର୍ଯ୍ୟନ୍ତ ସକଳ ନିର୍ଗୁଣ । ଗୁଣତ୍ରୟର ସାମ୍ୟ ଓ ସମତା ବିନ୍ୟାସ ।

ପ୍ରଚ୍ଛଦପଟର ଓଁକାରମଣ୍ଡଳ ହିଁ ସୂକ୍ଷ୍ମଜଗଦ୍ । ଏହି ସୂକ୍ଷ୍ମ ଜଗତରେ ଅବ୍ୟକ୍ତ ବିନ୍ଦୁର ଓଁକାର ରୂପ ଧାରଣ । ବ୍ୟକ୍ତ ଭାବରେ ବ୍ରହ୍ମା, ବିଷ୍ଣୁ, ଶିବ ତ୍ରିଗୁଣ ନାମ ସ୍ୱରୂପ ବ୍ୟକ୍ତ । ଏହା ସତ୍ତ୍ୱ, ରଜ, ତମ ତ୍ରିଗୁଣ ନାମରେ ବିଦିତ ।

ବ୍ରହ୍ମା ଏବଂ ସାବିତ୍ରୀ କେନ୍ଦ୍ରବିନ୍ଦୁ ନିତ୍ୟ ବିଷ୍ଣୁଙ୍କ ନାଭିରୁ ସମ୍ଭୂତ ହୋଇ ରଜ ଗୁଣରେ ସୃଷ୍ଟି କରନ୍ତି । ସତ୍ତ୍ୱଗୁଣରେ ଲକ୍ଷ୍ମୀ ଓ ନାରାୟଣ ପାଳନ କରନ୍ତି । ତମଗୁଣରେ ଶିବ ଓ ପାର୍ବତୀ ସଂହାର କରନ୍ତି । ଏହି ସୂକ୍ଷ୍ମ ଜଗତ୍ ବା ଓଁକାରମଣ୍ଡଳରେ ସୂକ୍ଷ୍ମତଃ ତ୍ରିଗୁଣର ସ୍ୱତନ୍ତ୍ର ବିକାଶ ହୁଏ । ଏହି ଠାରେ ତତ୍ତ୍ୱର ଭାବ, ସ୍ୱରୂପ ଜ୍ଞାନ ଠୁଳ ହୋଇ ରହିଛି । ଏ ସକଳର ଦାୟିତ୍ୱ ଉମା ମାହେଶ୍ୱରୀ ବହନ କରନ୍ତି ଓ ଶିବଙ୍କ ମଧ୍ୟଦେଇ ଏହା ନିମ୍ନକୁ ପର୍ଯ୍ୟାୟ କ୍ରମରେ ଅବତରଣ କରେ ।

ଆଦି ଜଗତରେ ମଧ୍ୟ ମାୟାମଣ୍ଡଳ ସ୍ଥିତ । ସେହି ମାୟାମଣ୍ଡଳର ଅଧୀଶ୍ୱର ସ୍ୱୟଂ ନିତ୍ୟକୃଷ୍ଣ, ନିତ୍ୟବିଷ୍ଣୁ । ସେ ହିଁ ମାୟାଧର । ସୂକ୍ଷ୍ମ ଜଗତରେ ବିଷ୍ଣୁ ଓ ଲକ୍ଷ୍ମୀ ପାଳନ ସହିତ ମୁକ୍ତିମୋକ୍ଷର ଦାୟିତ୍ୱ ମଧ୍ୟ ବହନ କଲେ । ବୈଷ୍ଣବ ତତ୍ତ୍ୱର ଭାବ ସୂକ୍ଷ୍ମରେ ସଞ୍ଚୟ କରି ରଖିଲେ । ସଂହାର ଭାର ବହନ କରିବା ସହିତ ଶିବ ଓ ପାର୍ବତୀ ଓଁକାର ତତ୍ତ୍ୱରେ ରହି ଜ୍ଞାନତତ୍ତ୍ୱର ସ୍ୱରୂପର ସଂରକ୍ଷଣ କରିବା ସହିତ ସପ୍ତଲୋକକୁ ଜ୍ଞାନତତ୍ତ୍ୱ ବିତରଣ କରିବାର ମୁଖ୍ୟ ଦାୟିତ୍ୱ ବହନ କରନ୍ତି ।

ଏବେ ଲକ୍ଷ୍ୟ କରନ୍ତୁ : କେନ୍ଦ୍ର ବିନ୍ଦୁର ଯେଉଁ ରଶ୍ମି ପାଦପଦ୍ମରେ ଭେଦ କରିଅଛି ତାହା ହିଁ ଶକଟକମଣ୍ଡଳ । ଏଠାରେ ବିରାଟ ପୁରୁଷମାନେ ବା ମହାପୁରୁଷଗଣ ଲୀଳା କରନ୍ତି । ସେମାନେ ସେହି ଆଦିଜଗତର ସନାତନ ଧର୍ମମଣ୍ଡଳରୁ ଏକ ଏକ ଭାବ, ଭକ୍ତି, ମତ, ପଥ, ତନ୍ତ୍ର, ଜ୍ଞାନ ବା ବିଜ୍ଞାନ ଧରି ସ୍ୱପଥରେ ସୂକ୍ଷ୍ମ ଜଗତ୍ ବା ଓଁକାରମଣ୍ଡଳର ଶିବଲୋକ ମଧ୍ୟଦେଇ ଜ୍ଞାନତତ୍ତ୍ୱ ଧରି ସ୍ଥୂଳ ଜଗତରେ ଅବତୀର୍ଣ୍ଣ ହୁଅନ୍ତି । ପ୍ରତ୍ୟେକେ ଏକ ଏକ ସ୍ୱତନ୍ତ୍ର ପଥ ବା ମତରେ ଆସିଥିବା ହେତୁ ଅନ୍ୟ ପଥ ବା ମତ ସମ୍ପର୍କରେ କିଛି ବ୍ୟକ୍ତ କରନ୍ତି ନାହିଁ । ସ୍ୱପଥ ଓ ସ୍ୱମତରେ ଆପଣା ଆପଣା ଶିଷ୍ୟ ଓ ଭକ୍ତଗଣଙ୍କୁ ପରିଚାଳିତ କରି ଓଁକାରମଣ୍ଡଳ ବା ସୂକ୍ଷ୍ମ ଜଗତର ବିଷ୍ଣୁଲୋକ ପର୍ଯ୍ୟନ୍ତ ନେଇଯାଇ ମୁକ୍ତି ମୋକ୍ଷ ଦେବାର ଶକ୍ତି ସେମାନଙ୍କର ଅବଶ୍ୟ ଅଛି ବା ଥାଏ । କିନ୍ତୁ ମଣ୍ଡଳ ଭେଦରେ ମୁକ୍ତିମୋକ୍ଷ ପ୍ରାପ୍ତଜୀବ ବା ପ୍ରାଣୀଙ୍କର ସଂଖ୍ୟା ନିର୍ଦ୍ଦିଷ୍ଟ ଥାଏ । ସେମାନେ ସ୍ୱେଚ୍ଛାରେ ଅନିର୍ଦ୍ଦିଷ୍ଟ ସଂଖ୍ୟକ ପ୍ରାଣୀଙ୍କର ମୁକ୍ତିମୋକ୍ଷ ପ୍ରାପ୍ତି କରାଇପାରନ୍ତି ନାହିଁ ।

ପୁନଶ୍ଚ ମୁକ୍ତି ବା ମୋକ୍ଷ ଲାଭ କରୁଥିବା ଜୀବମାନେ କୈବଲ୍ୟର କଳ୍ପ ଭୋଗ ପରେ ଧରାଧାମରେ ପୁନର୍ଜନ୍ମ ଲାଭ କରନ୍ତି, କର୍ମ କରନ୍ତି ଓ କର୍ମଫଳର ବନ୍ଧନରେ ପଡ଼ନ୍ତି । ମାତ୍ର ନିର୍ବାଣ ବା ଚରମ ଲାଭ କଲେ, ଏ ଦୋଷରୁ ମୁକ୍ତି ମିଳେ । କେବଳ ଚରମ ପୁରୁଷ ଓ ନିର୍ଗୁଣ ବ୍ରହ୍ମ ବା ଅବ୍ୟକ୍ତ ବ୍ରହ୍ମ ପୁରୁଷ ହିଁ ଚରମ ପ୍ରାପ୍ତି କରାଇଥାଆନ୍ତି । ନିର୍ବାଣ ଲାଭ କଲେ ଦୀପ ଲିଭିଯାଏ । ଫଳରେ ତା'କୁ ପୁନର୍ଜନ୍ମ ଜନିତ କର୍ମ ଓ କର୍ମଫଳ ବନ୍ଧନରେ ପଡ଼ିବାକୁ ହୁଏ ନାହିଁ । ସେହି ଦିବ୍ୟାତ୍ମା ଯେତେବେଳେ ଧରାଧାମକୁ ଆସନ୍ତି, ଗୁରୁ ଅଙ୍ଗରେ ଅବତରଣ କରନ୍ତି ଓ ଜଗତଜନଙ୍କୁ ଧର୍ମପଥ ଦେଖାଇ ଯାଆନ୍ତି ।

ଏତାଦୃଶ ଅବ୍ୟକ୍ତ ଲୀଳା ପ୍ରସଙ୍ଗରୁ ଆଜି ମନୁଷ୍ୟ ସମାଜରେ ଏତେ ପ୍ରକାରର ମତ, ପଥ, ଭାବ, ଆଦର୍ଶ ଓ ସମ୍ପ୍ରଦାୟ ମୁଣ୍ଡ ଟେକି ରହିଛି । ପ୍ରତ୍ୟେକଙ୍କର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ମଧ୍ୟ ଏକ । ମାତ୍ର ଏହି ଏକ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସାଧନ ନିମନ୍ତେ ଭିନ୍ନ ଭିନ୍ନ ମତ, ପଥ, ଭାବ, ଆଦର୍ଶ, ସାଧନା ପଦ୍ଧତି ଇତ୍ୟାଦି ପ୍ରବର୍ତ୍ତିତ ହୋଇଛି ।

ତେଣୁ, ଧର୍ମାତ୍ମାମାନେ, ପରସ୍ପର ବିଦ୍ୱେଷ ପୋଷଣ କରିବା ଏକାନ୍ତ ଅନୁଚିତ । ଏତାଦୃଶ ଦ୍ୱେଷ ବିଦ୍ୱେଷ, ବାଦବିବାଦ ଦ୍ୱାରା ଆଧ୍ୟାତ୍ମିକ ଅଧଃପତନ ସହିତ ଅସଲ ଲକ୍ଷ୍ୟ ଭ୍ରଷ୍ଟ ହୁଏ । ଆତ୍ମୋନ୍ନୟନ ଆଦୌ ହୋଇପାରେନା । ଈଶ୍ୱରୋପଲବ୍ଧି ମଧ୍ୟ ସମ୍ଭବ ହୁଏ ନାହିଁ । ସର୍ବ ମତର ଭାବ ହିଁ ଏକ ଏବଂ ଅଭିନ୍ନ ଅଟେ ।

"ବିମୂଢ଼ାଃ ନାନୁପଶ୍ୟନ୍ତି, ପଶ୍ୟନ୍ତି ଜ୍ଞାନଚକ୍ଷୁଷଃ ।" (ଶ୍ରୀମଦ୍ ଭାଗବଦ୍ ଗୀତା)

(ଶ୍ରୀ ପୁରୁଷୋତ୍ତମ ଯୋଗଃ)

❋❋❋

# ଆମର ଲକ୍ଷ୍ୟ : ଚରମ ପ୍ରାପ୍ତି

*ଆମର ଆଧ୍ୟାତ୍ମିକ ବିଶ୍ୱାସ, ପରମାର୍ଥିକ ଲକ୍ଷ୍ୟ ଏବଂ ଆମର ମତ ଓ ପଥର ଦ୍ୟୋତନା ବହନ କରି ଚରମର ପ୍ରତି ସଂଖ୍ୟାରେ ଧାରାବାହିକ ଭାବରେ 'ଆମର ଲକ୍ଷ୍ୟ : ଚରମ ପ୍ରାପ୍ତି' ଶୀର୍ଷକରେ ବିଭିନ୍ନ ରୁଚିର ଆଧ୍ୟାତ୍ମିକ ପ୍ରବନ୍ଧମାନ ନିୟମିତ ପ୍ରକାଶ ହେଉଛି । ପାଠକ/ପାଠିକାମାନେ ଧୈର୍ଯ୍ୟର ସହିତ ଏହା ପାଠ କରି ଦୁର୍ଲଭ ମାନବ ଜୀବନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଧାରଣା କରିପାରିବେ ।*

## ଧର୍ମ-ନିଷ୍ଠା

ଧର୍ମ କଣ ? ଏହି ପ୍ରଶ୍ନର ଉତ୍ତର ଦେବାରେ ଶାସ୍ତ୍ର, ଶାସ୍ତ୍ରଜ୍ଞ ପଣ୍ଡିତ ପ୍ରବଚକମାନେ ଶତଜିହ୍ୱ ହୋଇ ଘଣ୍ଟା ଘଣ୍ଟା ବ୍ୟାଖ୍ୟା କରିଯିବେ । ବେଦ ବେଦାନ୍ତଠାରୁ ଆରମ୍ଭ କରି ରାମାୟଣ, ମହାଭାରତ, ଗୀତା ଭାଗବତରୁ ଅସଂଖ୍ୟ ଉଦାହରଣ, ସଂଜ୍ଞା ଇତ୍ୟାଦି ଗାଇଯିବେ । ମାତ୍ର ଆମେ ତହିଁରେ ସନ୍ତୁଷ୍ଟ ନୋହୁଁ । ବ୍ୟାକରଣ ଶାସ୍ତ୍ରର ବ୍ୟୁତ୍ପତ୍ତି ବା ଶ୍ଳୋକ ସମୂହର ଅର୍ଥ ଆମେ ବୁଝୁନା । ଆମର ଲୋଡ଼ା ଶୁଦ୍ଧ ମନ, ଶୁଦ୍ଧ ଚିତ୍ତ, ଶୁଦ୍ଧ ବୁଦ୍ଧି, ଶୁଦ୍ଧ ଚରିତ୍ର ଓ ଆଚରଣ । ଧର୍ମ ବିଷୟରେ ତମେ ଯାହା ସବୁ ଗପୁଛ, ସେଥିରୁ କଣିଚାଏ ତମ ଆଚରଣରେ, ଚରିତ୍ରରେ, ଚିନ୍ତାରେ, ବଚନରେ, କର୍ମଧାରାରେ ଏବଂ ନିତିଦିନିଆ ଜୀବନଚର୍ଯ୍ୟାରେ ଯଦି ଫୁଟି ନ ଦିଶିଲା, ତେବେ ସେ ଧର୍ମର ସଂଜ୍ଞା ନିରୂପଣ କରିବାକୁ ଯାଇ ତମର, ତମ ସମାଜର କି ଉପକାର ଭଲା ହେଲା ??

ଧର୍ମ ସମ୍ବନ୍ଧରେ ତମେ ଏତେ ଜ୍ଞାନ ଲାଭ କରିବା ପରେ, ଏତେ ଭାଷ୍ୟ ଏବଂ ପ୍ରବଚନ ଦେବା ପରେ, ଯଦି ତମ ଭିତରେ ନିଷ୍ଠୁରତା ଠୁଳ ହୋଇ ରହିଲା, ତମେ ଯଦି ଈର୍ଷାପରାୟଣ, ହିଂସୁକ ହୋଇ ରହିଲ, ଛଳନା କଲ, କପଟାଚାରୀ ଓ ମିଥ୍ୟାବାଦୀ ହେଲ, ତୁମ ମନ ଯଦି ସ୍ୱଚ୍ଛ ନ ହେଲା, ତମେ ଯଦି ବୁଦ୍ଧିକୁ ଲୟ କରି ମନକୁ ଜୟ କରି ନ ପାରିଲ, ଆତ୍ମା ଦ୍ୱାରା ଯଦି ବୁଦ୍ଧିକୁ ଲୟ କରି ନ ପାରିଲ, ତମେ ଯଦି ଚରିତ୍ରଶୋଧନ ଓ ଗଠନ କରି ନ ପାରିଲ, ସର୍ବଭୂତରେ ଯଦି ଈଶ୍ୱରଙ୍କୁ ଉପଲବ୍ଧି କରି ନ ପାରିଲ, ତେବେ ତମର ଏହି ଧର୍ମ ସମ୍ବନ୍ଧୀୟ ଜ୍ଞାନ ଗାରିମାର ମୂଲ୍ୟ କଣ ଆମକୁ କହିଲ ଭଲା ? ଆମର ଉପଲବ୍ଧି ହେଉଛି-ଧର୍ମ କେବଳ ମନ୍ଦିର, ମସ୍‌ଜିଦ୍, ଗୀର୍ଜା, ଗୁରୁଦ୍ୱାର, ମଠ, ବିହାର ସ୍ତୁପ ଇତ୍ୟାଦିରେ ସ୍ତୂପୀକୃତ ହୋଇ ନାହିଁ, କିମ୍ବା, ବେଦବେଦାନ୍ତ, ଗୀତା ଭାଗବତ, କୋରାନ୍, ବାଇବେଲ୍ ଇତ୍ୟାଦିରେ ବନ୍ଦୀ ହୋଇ ନଥାଏ । ଧର୍ମ ପ୍ରତ୍ୟେକ ଜୀବର ଦୈନନ୍ଦିନ କର୍ମଧାରା ମଧ୍ୟରେ, ଆଚାରଆଚରଣ ମଧ୍ୟରେ, ଜୀବନଧାରା ଓ ଜୀବନଚର୍ଯ୍ୟା ମଧ୍ୟରେ, ବ୍ୟବହାରିକ ଚରିତ୍ର ମଧ୍ୟରେ ଫୁଟି ପ୍ରକାଶ ପାଏ ।

ତେଣୁ ମାନବିକତା ଓ ମାନବିକ ସମ୍ବେଦନଶୀଳତା ହିଁ ପ୍ରକୃତ ମାନବଧର୍ମ । ଧର୍ମ ଆଚରଣର ଅର୍ଥ ହିଁ ମଣିଷଭଳି ଆଚରଣ କରିବା । ମନୁଷ୍ୟତ୍ୱ ଅର୍ଜନ କରିବା ହିଁ ଧର୍ମ ଅର୍ଜନର ମୌଳିକ ଅର୍ଥ । ମାନବତ୍ୱର ପୂର୍ଣ୍ଣ ବିକାଶ ସାଧନ ନ ହେଲେ ଧର୍ମ ସାଧନ ହୋଇପାରେ ନାହିଁ । ତେଣୁ ଆମର ସ୍ପଷ୍ଟ ମତ ହେଉଛି – ମାନବତ୍ୱର ପୂର୍ଣ୍ଣତା ସାଧନ ହିଁ ସକଳ ଧର୍ମର ମୂଳନୀତି । ପୃଥିବୀର ସମସ୍ତ ସମ୍ପ୍ରଦାୟ ମୌଳିକ ଭାବରେ ଏହି ଧର୍ମନୀତି ଉପରେ ଅଧିଷ୍ଠିତ ଓ ପ୍ରତିଷ୍ଠିତ । ଆଜି ସାମ୍ପ୍ରଦାୟିକ ଗ୍ଳାନି ହେତୁ ଏହି ମୂଳତତ୍ତ୍ୱଟିକୁ ତମେମାନେ ପାଶୋରିପକାଇ ଅନ୍ଧାରରେ ଧନ୍ଦି ହେଉଛ ସିନା ! ପୂଜା ଉପାସନା, ଆରାଧନା ସାଧନା, ସାଧନ-ଭଜନ, ଜପତପ, ଯାଗଯଜ୍ଞ, ତ୍ୟାଗ ସେବାଦାନ ଇତ୍ୟାଦି ଯାହା ସବୁ ତଥାକଥିତ ଧର୍ମାଚରଣ କୁହ, ସବୁର ମୂଳ ଲକ୍ଷ୍ୟ ହେଉଛି ମାନବ ଗୁଣ ସକଳର ସମ୍ପୂର୍ଣ୍ଣ ବିକାଶ ନିମନ୍ତେ ଐକାନ୍ତିକ ଓ ଏକନିଷ୍ଠ ସାଧନା । ଏହା ଭିନ୍ନ ଧର୍ମର ଅନ୍ୟ କିଛି ମାନେ ହୁଏନା, ହୋଇପାରେନା ।

ତମେ କଣ ସୁଖ ଚାହଁନା ? ଶାନ୍ତି ଲୋଡ଼ନା ? ଆନନ୍ଦ ଖୋଜନା ? ତମର କଣ ସନ୍ତୋଷ ଦରକାର ନାହିଁ ? କିନ୍ତୁ ସୁଖ, ଶାନ୍ତି, ଆନନ୍ଦ ଓ ସନ୍ତୋଷର ଉତ୍ସ ହେଉଛି ଧର୍ମ : ମାନବିକ ଧର୍ମ । ଅର୍ଥାତ୍ ମଣିଷର ଗୁଣ ସମୂହକୁ ଆହରଣ କରି ମଣିଷ ପରି ଆଚରଣ କରି ମଣିଷ ପରି ମଣିଷଟିଏ ହୋଇ ଜୀବନ ନିର୍ବାହ କଲେ, ତମେ ନିଶ୍ଚୟ

ସୁଖ, ଶାନ୍ତି, ଆନନ୍ଦ ଓ ସନ୍ତୋଷର ଅମୀୟରସ ଆସ୍ୱାଦନ କରିବ ହିଁ କରିବ । ଏତାଦୃଶ ମାନସିକ ଓ ବ୍ୟବହାରିକ ସ୍ଥିତି ଥରେ ଲାଭ କରିପାରିଲେ, ଜୀବନକାଳ ମଧ୍ୟରେ କସ୍ମିନ୍‌କାଳେ ଦୁଃଖ, ଦୈନ୍ୟ, ବିଚ୍ଛେଦ, ଅନୁତାପ ଭୋଗ କରିବାକୁ ହୁଏ ନାହିଁ । ଅନ୍ତିମରେ ଏହି ମହାସତ୍ୟ ହିଁ ପ୍ରାପ୍ତ ହୁଏ । ଏହା ହିଁ ଚରମ ପ୍ରାପ୍ତି ।

ଏବେ ଦେଖିବା ନିଷ୍ଠା କଣ ? ନିଷ୍ଠା= ନି+ସ୍ଥା+ଅ+ଆ । ତେଣୁ ନିଷ୍ଠାର ଆଭିଧାନିକ ଅର୍ଥ ହେଉଛି, ସ୍ଥିତି, ନିଷ୍ପତ୍ତି, ଦୃଢ଼ତା, ଭକ୍ତି ଓ ଶ୍ରଦ୍ଧା । କୌଣସି ଭାବଧାରା, ଆଦର୍ଶ ଇତ୍ୟାଦିରେ ଦୃଢ଼ ଅନୁରାଗ, ଗଭୀର ଶ୍ରଦ୍ଧା, ଏକାଗ୍ରତା, ଏକାନ୍ତ ଅନୁରକ୍ତିକୁ ହିଁ ନିଷ୍ଠା କୁହାଯାଏ । ଯାହା ମୋର ଅତି ପ୍ରିୟ, ମୋ ଜୀବନର ଜୀବନ, ପ୍ରାଣର ପ୍ରାଣ ତାହା ପ୍ରତି ମୋର ଅନୁରାଗ, ଅନୁରକ୍ତି, ଶ୍ରଦ୍ଧା ଓ ଦୃଢ଼ତା, ତହିଁରେ ମୋର ସ୍ଥିତି ଓ ଭକ୍ତି ରୂପକ ନିଷ୍ପତ୍ତି ହିଁ ମୋର ନିଷ୍ଠା ବୋଲି କଥିତ ।

ସେହି ବିଚାରରେ ଧର୍ମ ବା ମାନବିକ ଗୁଣାବଳୀ ଆହରଣ ଓ ଆଚରଣରେ ଦୃଢ଼ ଅନୁରାଗ, ଗଭୀର ଶ୍ରଦ୍ଧା, ଏକାଗ୍ରତା, ଏକାନ୍ତ ଅନୁରକ୍ତିର ସହିତ ଆପଣା ସ୍ଥିତିରେ ନିଷ୍ପତ୍ତି ସ୍ୱରୂପ ରହିବା ହିଁ ଧର୍ମନିଷ୍ଠା । ଏହି ଧର୍ମନିଷ୍ଠା ନିମନ୍ତେ ପ୍ରିୟତ୍ୱବୋଧ ଏବଂ ସଙ୍କଳ୍ପ ଏକାନ୍ତ ପ୍ରୟୋଜନ । ଏହି ଧର୍ମଧାରା ହିଁ ମୋର ଏକାନ୍ତ ପ୍ରିୟ ଓ ଧାରା ଧରି କର୍ମଯୋଗ ପ୍ରତିଦିନ ଅଭ୍ୟାସ ନ କଲେ ମୁଁ କୌଣସି ପ୍ରକାର ରହିପାରିବି ନାହିଁ, ତେଣୁ ଧାରା ଧରି କର୍ମ ଅଭ୍ୟାସଯୋଗ ଛାଡ଼ିପାରିବି ନାହିଁ : ଏପ୍ରକାର ଦୃଢ଼ ସଙ୍କଳ୍ପ ଓ ନିଷ୍ପତ୍ତି ନେଲେ ହିଁ ଧର୍ମନିଷ୍ଠା ଆସିଥାଏ, ନତୁବା ନାହିଁ ।

ହିଂସା, ଈର୍ଷା, ପରଶ୍ରୀକାତରତା, ନିଷ୍ଠୁରତା, ମିଥ୍ୟାଚାର, କପଟତା, ଛଳନା, ଚାତୁରୀ, ଚରିତ୍ରହୀନତା, ବୈଷମ୍ୟ ଆଦି ଆସୁରିକ ଓ ପାଶବ ପ୍ରବୃତ୍ତି ସକଳକୁ ଦୂରେଇଦେଇ ନପାରିଲେ ଧର୍ମାଚରଣ ସମ୍ଭବ ହୁଏ ନାହିଁ, ଯଦିବା କେଉଁଠି ସମ୍ଭବ, ତେବେ ତାହା ବାହ୍ୟତଃ ଧର୍ମାଚରଣ ହେଲେ ହେଁ ଅନ୍ତଃକରଣରେ ପଶୁ ପ୍ରବୃତ୍ତି ଠୁଳ ହୋଇ ରହିଥାଏ । ଏହା ମଧ୍ୟ ଛଳନା, କପଟାଚାର ଓ ବ୍ୟଭିଚାର ପଦବାଚ୍ୟ । ତମର ଲୋକ ଦେଖାଣିଆ ସେବା, ତ୍ୟାଗ, ଅନୁରାଗ, ଭକ୍ତି, ଦାନ ଇତ୍ୟାଦିରେ ଆମେ କସ୍ମିନ୍‌କାଳେ ସନ୍ତୁଷ୍ଟ ନୋହୁଁ । ଆମେ ଲକ୍ଷ୍ୟ କରୁ ତମ ଭାବକୁ, ତମ ଅନ୍ତଃସ୍ଥଳକୁ, ଅନ୍ତରକୁ ।

ବିଶ୍ୱାସ କର । ଅଟଳ ବିଶ୍ୱାସ ବଳରେ ଅସମ୍ଭବ ସମ୍ଭବ ହୁଏ । ସରଳ ପ୍ରାଣରେ, ନିଷ୍କପଟ ହୃଦୟରେ, ସ୍ୱଚ୍ଛ ମନରେ ବିଶ୍ୱାସ କର । ପ୍ରଥମେ ଦରକାର ଅଗାଧ ପ୍ରଗାଢ଼ ବିଶ୍ୱାସ । ତମେ ଯେଉଁ ଧର୍ମଧାରାରେ ଅଭିଷିକ୍ତ ହୋଇଛ, ତହିଁରେ ତମର ବିଶ୍ୱାସ ଘନୀଭୂତ ନ ହେଲେ, ନିଷ୍ଠା ଆସିବ ନାହିଁ । ବିଶ୍ୱାସକୁ ସାଥି କରି ଧୀରେ ଧୀରେ ଚଳିପାରିଲେ, ପ୍ରିୟତ୍ୱବୋଧ ଆସିଯିବ । ପ୍ରିୟତ୍ୱ ବୋଧରୁ ଆନ୍ତରିକତା, ଆନ୍ତରିକତାରୁ ଅନୁରାଗ, ଅନୁରାଗରୁ ପ୍ରେମ ଏବଂ ପ୍ରେମରୁ ଭକ୍ତି ସଞ୍ଚରି ଆସିବ । ଏହିପରି ରାଗାନୁଗ ପ୍ରେମଭକ୍ତି ଗଜୁରିଲେ, ପ୍ରିୟପୁରୁଷଙ୍କର ବିଚ୍ଛେଦ ସହିପାରିବ ନାହିଁ । ଯେତେବେଳେ ଏହି ବିଚ୍ଛେଦ ଅସହ୍ୟ ଯନ୍ତ୍ରଣାଦାୟକ ବୋଧ ହେବ, ତମେ ନିଜେ ହିଁ ବୁଝିପାରିବ ଯେ ତମର ନିଷ୍ଠା ଆସିଯାଇଛି ।

ଏଠାକୁ ଆସି ଧାରା ନେଇ ସନ୍ଦେଶପତ୍ର ଧରି ଖାତାରେ ନାମ ଲେଖାଇଦେଇ ତମେ ଯଦି ମନେ ମନେ ଭାବୁଥାଅ ଯେ, ତମେ ଧାର୍ମିକ ହୋଇଯାଇଛ, ତେବେ ଆମର କିଛି କହିବାର ନାହିଁ । ପଚାରିଲେ ଆମେ କହିବୁ : ଅସଲ ଧର୍ମସାଧନ ଏତେ ସହଜ ନୁହେଁ । ଧର୍ମନିଷ୍ଠା ବ୍ୟତିରେକେ ଧର୍ମସାଧନ ସମ୍ଭବ ନୁହେଁ । ଧର୍ମନିଷ୍ଠା ହିଁ ତମ ପ୍ରାଣକୁ ଉଦାର ଓ ଉନ୍ନତ କରେ । ଏହି ନିଷ୍ଠା ଥରେ ଆସିଗଲେ, ଆଦୌ ସଙ୍କୀର୍ଣ୍ଣତା ରହେ ନାହିଁ । ଯେଉଁମାନେ ପ୍ରକୃତ ଧାର୍ମିକ, ସେମାନଙ୍କର ଭେଦଭାବ ନଥାଏ । ସମସ୍ତେ ସେମାନଙ୍କ ଶ୍ରଦ୍ଧାଭାଜନ । ସମସ୍ତେ ସେମାନଙ୍କ ଦୃଷ୍ଟିରେ ସମାନ ।

ଧର୍ମନିଷ୍ଠାରେ ସ୍ଥିତିବାନ ବ୍ୟକ୍ତି ଧର୍ମ ଧର୍ମ ମଧ୍ୟରେ, ସମ୍ପ୍ରଦାୟ ସମ୍ପ୍ରଦାୟ ମଧ୍ୟରେ, ପଥ ପଥ ଓ ମତ ମତ ମଧ୍ୟରେ ପାର୍ଥକ୍ୟ ବାରିପାରେ ନାହିଁ । ଧର୍ମନିଷ୍ଠ ଲୋକ ଏପରି ହିଁ ହୋଇଥାଆନ୍ତି । ସେମାନଙ୍କ ନିକଟରେ ଧର୍ମ ଏକ । ବିଭିନ୍ନ ସମ୍ପ୍ରଦାୟ ମଧ୍ୟ ଏକ । ବିଭିନ୍ନ ପନ୍ଥ ବିଭିନ୍ନ ପଥ ମଧ୍ୟ ଏକ । ସେମାନେ ସବୁ ମହାପୁରୁଷଙ୍କ ନିକଟରେ ନତଶିର ହୋଇଯାଆନ୍ତି । ସମସ୍ତଙ୍କୁ ଶ୍ରଦ୍ଧା ଏବଂ ଭକ୍ତି କରନ୍ତି । ସେମାନେ କାହାକୁ ବିଦ୍ୱେଷ କରନ୍ତି ନାହିଁ । କାହାରି ନିନ୍ଦା ଅପବାଦ ରଟନ୍ତି ନାହିଁ । ଯାହା ଦିବାଲୋକ ପରି ସ୍ପଷ୍ଟ ଓ ସତ୍ୟ ତାହାହିଁ ପ୍ରକାଶ କରନ୍ତି । ଅଯଥା ଖୋସାମତ ବା ତୋଷାମଦ କରନ୍ତି ନାହିଁ । ତେଣୁ, ଶ୍ରୀମଦ୍ ଭାଗବତର ବାଣିଟିଏ ମନେ ରଖ –

ସକଳ ଧର୍ମ ମୋ ଗୋଚର । ଅଜ୍ଞାତ ଜନେ ମୁହିଁ ଦୂର ॥ –ଜଗନ୍ନାଥ ଦାସ ।

***

# ବନ୍ଦେ ମହାପୁରୁଷ ! ତେ ଚରଣାରବିନ୍ଦମ୍ !!!

*ଶିବସାଧକ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ମାଳିକାଶ୍ରିତ ଭବିଷ୍ୟତ ବାଣୀ ଓଡ଼ିଶା, ଭାରତ ତଥା ପୃଥିବୀର ବିଭିନ୍ନ ଅଞ୍ଚଳର ବିଭିନ୍ନ ସାଧକ ଓ ଭବିଷ୍ୟବକ୍ତାଙ୍କର ଭବିଷ୍ୟବାଣୀ ତୁଳନାରେ କୌଣସି ଗୁଣରେ ନ୍ୟୁନ ନୁହେଁ । କିନ୍ତୁ ଅଚ୍ୟୁତଙ୍କର ସେହି ମାଳିକା ବାଣୀର ଯଥାର୍ଥ ତର୍ଜମା ଓ ଅର୍ଥ ବିନ୍ୟାସ ନ ହୋଇ ପାରିବାରୁ ଏହା କ୍ରମେ ଜନମାନସରେ ଶଙ୍କା ଓ ସନ୍ଦେହ ସୃଷ୍ଟି କରିଚାଲିଛି । ତରମ ପୃଷ୍ଠାରେ ଏହାର ପିଣ୍ଡତତ୍ତ୍ୱ ମତରେ ନିର୍ଭୁଲ ବ୍ୟାଖ୍ୟା ଦିଆଯାଇ ମହପୁରୁଷଙ୍କ ପ୍ରତି ଶ୍ରଦ୍ଧାବନତ ଚିତ୍ତରେ ଭକ୍ତି ପ୍ରେମାଞ୍ଜଳି ଅର୍ପଣ କରାଯାଉଛି ।*

**କଳ୍କୀ ଭବିଷ୍ୟତ ଗୀତାରୁ ଉଦ୍ଧୃତ :**

ନିରାକାର କହନ୍ତି ଅଚ୍ୟୁତ ମୁଖ ଚାହିଁ ।
ଯାହା କହିବଇଁ ବାବୁ, ଶୁଣ ମନଦେଇ ॥୧॥
ସାଲ, ସନ, ମସିହା, ପୃଥ୍ୱୀ ଖଣ୍ଡନ ।
କି ଦଶା ଭୋଗିବେ ସକଳ ଜନ ॥୨॥
ଏଗାର ପାଞ୍ଚକୁ ଗୁଣନ ଲେଖ ।
ଦୁରୁଦଶା ଏବେ ସଂସାରଯାକ ॥୩॥
ତିନି ତେତିଶକୁ ଲୟ କରଇ ।
ଆସିଛି ଏଠାଇଁ ସଖା ସୋଦାଇ ॥୪॥
ଅଚ୍ୟୁତ ହୋ ଶୁଣ ଏ ମୋର ବାଣୀ ।
ହିମ ସାଗରର ଗରଳୁ ପାଣି ॥୫॥
ପୃଥ୍ୱୀ ଚାରିପାକ ହେବ ପ୍ରଳୟ ।
ପରଜା ବରଗ ଦ୍ରୋହ ଅଥୟ ॥୬॥
ବହିବ ଜରିଆ ନଦୀ ଅତି ପ୍ରବଳ ।
ପଶ୍ଚିମାଦି ଦିଗ ଚାରି ଟଳମଳ ॥୭॥
ବୈଶାଖ ମାସରେ ଦେଖୁଁ ଫୁଟିବ କଇଁ ।
ଶ୍ରାବଣ ମାସରେ ଶୁଣୁଁ ଫାଟିବ ଭୂଇଁ ॥୮॥
ହାହାକାରେ ପୃଥ୍ୱୀ କମ୍ପୁଣ ଥିବ ।
ଏକମାସ ଏକ ଯେ ଭିନ୍ନ ନୋହିବ ॥୯॥
ରହବଟରେ ଯଜ୍ଞ ଆରମ୍ଭ ହେବଇ ।
ତେତିଶ ଦିନରେ ଯଜ୍ଞ ପୁରଣ ହୁଅଇ ॥୧୦॥

(କଳ୍କୀ ଭବିଷ୍ୟତ ଗୀତା : ପଞ୍ଚମ ଖଣ୍ଡ : ପୃଷ୍ଠା : ୧୧)

(ଉଦ୍ଧୃତାଂଶର ସରଳ ବ୍ୟାଖ୍ୟା ଯଥାରୀତି ପରବର୍ତ୍ତୀ ପାଖୁଡ଼ା : ନବମ ସଂଖ୍ୟାରେ ପ୍ରକାଶ ପାଇଛି)

# ଚଉଦ ଡିବି ଡିବିକୁ ଉଦ୍ଧୃତାଂଶର ବ୍ୟାଖ୍ୟା :

**ଚରମ : ଦ୍ୱିତୀୟ ପୃଷ୍ଠ : ଚତୁର୍ଥ ପାଖୁଡ଼ା : ( ସପ୍ତମ ସଂଖ୍ୟା)ରେ ମୂଳପଦ ଦ୍ରଷ୍ଟବ୍ୟ :**

ସିଦ୍ଧ ସାଧକ ମହାପୁରୁଷ ଅଚ୍ୟୁତାନନ୍ଦ ନିର୍ବିକଳ୍ପ ସମାଧିରୁ ଫେରି ତପଲୋକର ଚଉଦ ମଣ୍ଡଳରେ ରହି ଚୈତନ୍ୟର ସୂକ୍ଷ୍ମ ମସ୍ତିଷ୍କରେ ଅନୁଭବ କରି ଦର୍ଶାଇଛନ୍ତି ଯେ ଚୈତନ୍ୟ ସମଗ୍ର ପିଣ୍ଡକୁ ଶବ୍ଦ ବିଚ୍ଛୁରଣ କରି ଶିହରଣ ସୃଷ୍ଟି କରୁଛି । ଚଉଦ ଡିବି ଡିବିର ପଦ ମାଧ୍ୟମରେ ମହାପୁରୁଷ ପ୍ରିୟ ଶିଷ୍ୟ ରାମଦାସଙ୍କୁ ସମ୍ବୋଧନ କରି ପିଣ୍ଡତତ୍ତ୍ୱରେ କହୁଛନ୍ତି: ହେ ରାମ, ତୁ ଥରେ ଶୁଣ, ଏ ଦେହ ହେଉଛି କଟକ, ନାଭିରୁ ହୃଦଚକ୍ର ପର୍ଯ୍ୟନ୍ତ ତା'ର କଟୀ, ପଞ୍ଚଗୁଣେ ବେନି ହେଲା ଦଶ । ତୁଳା ବୋଲିଲେ ହୃଦଚକ୍ରରେ ପ୍ରାଣର ସ୍ପନ୍ଦନ ସୂକ୍ଷ୍ମ କ୍ରିୟା ଲଲାଟକୁ ବାଟ ଫିଟାଇଛି ଏବଂ ସମଗ୍ର ମସ୍ତିଷ୍କକୁ ଯେଉଁ ପବନ ଶୋଷଣ କରୁଛି ତାହା ତୁଳା ନାମରେ ନାମିତ । ସେହି ତୁଳା ହେତୁ ଦ୍ୱାରରେ ଦଶ ପ୍ରକାର ଅଟେ, ବେନିଗୁଣ ଦୁଇ ଚାରି ଅଟେ । ହେତୁ ଗୃହରେ ଚାରି ପ୍ରକାର ଶବ୍ଦ  ସୃଷ୍ଟି ହୁଏ । ଶିଶୁ ଜନ୍ମ ହେବା ସମୟରେ ମଥାରେ ଯେଉଁ ଦୁକୁଦୁକି ପତଳା ଓ କୋମଳ ଥାଏ, ନିଃଶ୍ୱାସ ପ୍ରଶ୍ୱାସର ତାଳେ ତାଳେ ତାହା ଉଠ୍‌ପଡ୍ ହୁଏ । ଧୀରେ ଧୀରେ ତାହା କଠିନ ଅବସ୍ଥା ପ୍ରାପ୍ତ ହୋଇ ତୁଳାରେ ପରିଣତ ହୁଏ । ତୁଳା କଠିନ ଓ ସ୍ଥିର ହୋଇ ହେତୁଦ୍ୱାରକୁ ଦଶ ପ୍ରକାର ଶବ୍ଦ ଯୋଗାଏ । ତାହା ପୂର୍ବରୁ ହେତୁଗୃହରେ ଚାରି ପ୍ରକାର ଶବ୍ଦ ନିଷ୍କ୍ରିୟ ଅବସ୍ଥାରେ ଥାଏ । ତାହା ତମ ରଜ ଗୁଣକୁ ତଥା ଆସୁରୀ ଧର୍ମକୁ ସଦା ସର୍ବଦା ସକ୍ରିୟ ଓ ବଳଶାଳୀ କରିଥାଏ ॥ (୧)

ଏଠାରେ ଚନ୍ଦ୍ରମା ପୂରିବ ଅର୍ଥ ଚନ୍ଦ୍ରମା ବୋଇଲେ ଶ୍ୱାସ ପ୍ରଶ୍ୱାସର ପ୍ରାଣଶକ୍ତି ଚକ୍ଷୁ ପର୍ଯ୍ୟନ୍ତ ସୂକ୍ଷ୍ମ ଦର୍ଶନରେ ଭାଗ ନେଉଥିବା ଅର୍ଥକୁ ପ୍ରକାଶ କରେ । ଦିବାରାତ୍ର ଚବିଶ ଘଣ୍ଟା ପର୍ଯ୍ୟନ୍ତ ଏହି ଶ୍ୱାସକ୍ରିୟା ଦ୍ୱାରା ପ୍ରାଣଶକ୍ତି ଉଜ୍ଜୀବିତ ହୋଇ ରହିଥାଏ । କାର୍ତ୍ତିକ କୁମାର ଆତ୍ମାକୁ ବୁଝାଏ । ଶଠକ ଏକ ଆସୁରିକ ଶବ୍ଦ । ଆତ୍ମାର ଚାରି ପାର୍ଶ୍ୱରେ ଆସୁରୀ ଶବ୍ଦ କୋଷ ଆକାରରେ ବେଢ଼ି ରହିଥାନ୍ତି । ଜୀବ ଶରୀରର ଗଠନ ଅନୁଯାୟୀ ତାହାର ଧାରଣଶକ୍ତି ଧିରେ ଧିରେ ଫୁଟି ଉଠେ । ଅଷ୍ଟସଖୀ ଗୁଣି ଦୁଇ ତ୍ରିଗୁଣକ ( ୮x୨=୧୬ x ୩ =୪୮ ) ଅର୍ଥାତ୍ ଜୀବ ଧରାପୃଷ୍ଠରେ ଜନ୍ମ ହେବାର ୪୮ ଦିନ ଆସୁରିକ କ୍ରିୟାଗୁଡ଼ିକ ଶ୍ୱାସ ଗଠନ କୋଷରେ ଭାଗ ନିଅନ୍ତି । ବଳ ଅର୍ଥାତ୍ ଶ୍ୱାସରକାଳ ପୂର୍ବରୁ ସ୍ଥିର ହୋଇ ପ୍ରାଣୀର ଜୀବନକାଳ ବା ଶ୍ୱାସର କାଳ ନିର୍ଦ୍ଧାରଣ କରିଥାଏ । (୨)

ପିଣ୍ଡରେ ବାୟୁତତ୍ତ୍ୱକୁ ସନ କୁହାଯାଏ । ମସିହା ଅର୍ଥାତ୍ ଚଳନ ବାୟୁ ଶିରା ପ୍ରଶିରାରେ ଚଳ ପ୍ରଚଳ ହୋଇ ରକ୍ତ ସଂଚାଳନ କରିଥାନ୍ତି । ତାହା ପିଣ୍ଡରେ 'ଗୋପନଭାବରେ ଚଳନ କରନ୍ତି ଏବଂ ରକ୍ତ ସଞ୍ଚାଳନରେ ସାହାଯ୍ୟ କରନ୍ତି । ଶବ୍ଦ ହେତୁର ସ୍ଥୂଳ କ୍ରିୟାରେ ରକ୍ତ ମିଶିଯାଏ । ତିନିତ୍ରିଂଶ ଗୁଣେ ମଣି ତିନିଶ ଥୋଇ (୩x୩୦=୯୦+୩୦୦ =୩୯୦) ଅର୍ଥାତ୍ ସଂଖ୍ୟାଗୁଡ଼ିକୁ ପୃଥକ୍ ପୃଥକ୍ ବିଚାର କଲେ ୩,୯,୦ ଅର୍ଥାତ୍ ତ୍ରିଗୁଣ ଦ୍ୱାରା ନବଧାଭକ୍ତି କରି ଶୂନ୍ୟ ଏବଂ ଜ୍ୟୋତି ବ୍ରହ୍ମକୁ ଅନୁଭବ କରିବା  ଏଠାରେ ବୁଝାଇବ । ଜ୍ୟୋତିବ୍ରହ୍ମ ଠୁଳ ଅଟେ । ଦେହର ପର୍ଯ୍ୟାୟକ୍ରମରେ ବ୍ରହ୍ମକାଳ ନିରୂପଣ କଲା ॥(୩)

ବ୍ରହ୍ମକାଳରୁ ବ୍ରହ୍ମାଙ୍କର ମାନସପୁତ୍ର ପଞ୍ଚବାଳକ କୁମାର ଅବସ୍ଥାରେ ଦେହ ମଧ୍ୟରେ ଗୋପନରେ ଅଛନ୍ତି । ତେଣୁ ଦେହ ବୃଦ୍ଧାବସ୍ଥା ପ୍ରାପ୍ତ ହେଲେ ମଧ୍ୟ ଏହି ବାଳକମାନେ ବୁଢ଼ା ହୁଅନ୍ତି ନାହିଁ । ଏମାନେ ସ୍ଥୂଳରୁ ସୂକ୍ଷ୍ମ ପର୍ଯ୍ୟନ୍ତ ହେତୁ ସୁଖର ଅନୁଭବରେ ସାହାଯ୍ୟ କରନ୍ତି । ସତ୍‌ଗୁଣର ସାତ୍ତ୍ୱିକ ଭାବରେ ଏବଂ ସତ୍ ବଚନ, ସତ୍ ଚିନ୍ତନ ଓ ସତ୍ କରଣରେ ଏହି ପଞ୍ଚବାଳକ ସହଯୋଗ କରନ୍ତି । ଚରମ ବୋଇଲେ ନିରାକାର ବ୍ରହ୍ମକୁ ବୁଝାଏ । ବ୍ରହ୍ମରୁ ବ୍ରହ୍ମା ଏବଂ ବ୍ରହ୍ମାଙ୍କର ମାନସପୁତ୍ର ପଞ୍ଚବାଳକ (ପଞ୍ଚ କୋଷ, ପଞ୍ଚବାୟୁ, ପଞ୍ଚମନ) । ପଣ ଅର୍ଥାତ୍ ଦୃଢ଼ତା ସହକାରେ ସାଧନା ମାର୍ଗ ଅବଲମ୍ବନ କଲେ ସାଧକ ସାଧନର ଲକ୍ଷ୍ୟସ୍ଥଳ ଚରମ ଅବସ୍ଥା ପ୍ରାପ୍ତ ହୋଇଥାଏ । ଫଳରେ ସେହିମାନଙ୍କ ପଥ ଦେଇ ଯେତେକ ବ୍ରହ୍ମଜ୍ଞାନ ନିର୍ଗତ ହୁଏ ତାହା ଏହି ପଞ୍ଚବାଳକ ଜାଣିଲେ ନିଶା ଅର୍ଥାତ୍ ନିତ୍ୟଶାନ୍ତି ପଥରେ ସ୍ଥୂଳ ଜଗତ ଜାଣେ ॥(୪)

ଜଗତପୁର ବୋଇଲେ ଲଲାଟ । ତାହା ମଧ୍ୟେ ତୁଳସୀର ଦଳ, ତୁଳସୀର ଦଳ କହିଲେ ସହସ୍ର ଦଳକୁ ମଧ୍ୟ ବୁଝାଯାଏ । ଏଠାରେ ଅଷ୍ଟପାଟବଂଶୀ, ସଜ୍ଜନ ବୃନ୍ଦ, ଗୋତ୍ରାଦି ମୁନିଋଷି, ସନ୍ଥ ଯୋଗୀ, ବିଜ୍ଞାନ ଆତ୍ମା, ସଦ୍‌ଗୁରୁ

ମଣ୍ଡଳୀୟ ଆତ୍ମା ଶୂନ୍ୟ ସତ୍ତାରେ ଠୁଳ ହୋଇ ମେଳା କରନ୍ତି । ଜଗତ ବୋଇଲେ ପୂର୍ଣ୍ଣପିଣ୍ଡ ଏବଂ ସମଗ୍ର ପିଣ୍ଡର ମୂଳକେନ୍ଦ୍ର ମସ୍ତିଷ୍କ ଅନ୍ତର୍ଗତ ସହସ୍ରଦଳ କମଳ ଅଟେ । (୫)

ଶୁଣ ରାମଦାସ ତୁହି କରିଥିବୁ ଏଠି ଅର୍ଥାତ୍ 'ର' କାରରୁ ରାମ ଏବଂ 'ମ' କାରରୁ କୃଷ୍ଣ ବୋଇଲେ ରାମକୃଷ୍ଣଙ୍କର ଦାସ ନିରୀହ ଜୀବବ୍ରହ୍ମକୁ ବୁଝାଏ । ଚାବିକାଠି ବୋଇଲେ ମାୟାକୁ ବୁଝାଏ । ଜୀବର ଚାରିପାର୍ଶ୍ୱରେ ମାୟାର ବଳୟ ଆବୃତ୍ତ ହୋଇ ରହିଅଛି । ମାୟା ବଳୟର ଆଲୋଡ଼ନ ଫଳରେ ମାୟାର ଆବରଣରେ ଜୀବ ଆବଦ୍ଧ ହୋଇ ରହିଥାଏ । ଅନ୍ଧ ଜୀବ ମିଥ୍ୟାମଣ୍ଡଳରେ ପଡ଼ି ମାୟା ରୂପକ ଚାବିକାଠି ଆବୋରି ଧରିଛି । (୬)

ମାୟାରୁ ପଚିଶ ପ୍ରକୃତି ସୃଷ୍ଟି ହୋଇ ଯୋଗୀଗଣ ବୋଲାଉଛି । ଜୀବ ଯେତେବେଳେ ତୁଳସୀ ବନକୁ ପ୍ରବେଶ କରିବାକୁ ଭାବ ବଳାଏ, ଏହି ପ୍ରକୃତି ରୂପିଣୀ ଯୋଗୀଗଣ ବାଧା ଦିଅନ୍ତି । ତୁଳସୀ କାନନରେ ଥିବା ବ୍ରହ୍ମ ଭକ୍ତଗଣଙ୍କ କଥା ମନେ ପକାନ୍ତି । ବ୍ରହ୍ମତେଜ ଉଦୟ ହେଲେ ସଦ୍ ଚିନ୍ତନ, ସଦ୍ ବଚନ, ସଦ୍ ଚେତନ, ସଦ୍ କରଣ, ସତ ମାର୍ଗରେ ଗମନ ସ୍ୱତଃ ଜୀବର ବାହ୍ୟ ଆଚରଣରେ ସ୍ପଷ୍ଟ ଫୁଟିଉଠେ । ଏହା ଫଳରେ ଧର୍ମାର୍ଥୀ ସାଧକମାନଙ୍କର ତ୍ୟାଗ, ସେବା, ଦାନ, ନିଷ୍ଠା, ପ୍ରେମ ଭକ୍ତି ଇତ୍ୟାଦି କର୍ମ ଅନୁଷ୍ଠାନରେ ପରିଣତ ହୁଏ । ଏହା ହିଁ ବାସ୍ତବ କର୍ମଯୋଗ ଅଟେ । (୭)

ଗୋବିନ୍ଦ ବୋଇଲେ ପରଂବ୍ରହ୍ମକୁ ବୁଝାଏ । ଚରମ ବୋଇଲେ ଶୀର୍ଷକ ବିନ୍ଦୁକୁ ବୁଝାଏ । ଜୀବବ୍ରହ୍ମ ଯେତେବେଳେ ପରଂବ୍ରହ୍ମରେ ଯୁକ୍ତ ହୋଇ ଭକତ ଅର୍ଥାତ୍ ଭୟହୀନ କର୍ମତତ୍ପର ହୋଇଉଠେ, ସେତେବେଳେ ସେ ନିର୍ଗୁଣ ନାମ ପ୍ରକାଶ କରି ଯୋଗର ଶୀର୍ଷ ସ୍ଥାନରେ ପହଞ୍ଚିଯାଏ । (୮)

"ଆସିବ ବିଜୟ ଧାଇଁ ଶିଷ୍ୟ ଗୁଣ ଗାଇ" ବୋଇଲେ ଜୀବ ଯେତେବେଳେ ପରମରେ ଯୁକ୍ତ ହୋଇ ସୂକ୍ଷ୍ମ ସ୍ତରରୁ ସ୍ଥୂଳ ଚେତନାକୁ ପୁନର୍ବାର ଫେରିଆସେ, ସେତେବେଳେ ସାଧକ ଭଗବତ୍ କୃପା ଲାଭ କରି ବିଜୟୀ ହୁଏ । ସେତିକିବେଳେ ଜୀବ ଶିଷ୍ୟ ବୋଲାଇଥାଏ । ଏଠାରେ ଏକ ବ୍ରହ୍ମ ଗୁରୁ ହେଉଛି, ପୁଣି ଶିଷ୍ୟ ମଧ୍ୟ ହେଉଛି । ନିଜର ଗୁଣକୁ ନିଜେ ଗାନ କରି ଗୁରୁ ଓ ଶିଷ୍ୟ ଉଭୟ ଭାବକୁ ସେହି ବ୍ରହ୍ମ ହିଁ ପ୍ରକଟ କରୁଅଛି । ପିଣ୍ଡରେ ଥିବା ବହୁଜନ ଅର୍ଥାତ୍ ସ୍ନାୟୁ ଓ କୋଷଗୁଡ଼ିକ ଜ୍ୟୋତିର୍ମୟ ଆଲୋକରେ ଥେଇ ଥେଇ ଅର୍ଥାତ୍ ବ୍ରହ୍ମକମ୍ପନ ଶିହରଣ ଶବ୍ଦରେ ବ୍ରହ୍ମଙ୍କ ଗୁଣଗାନ କରି ନାମ ପ୍ରେମରେ ସମାଧିସ୍ଥ ହୋଇଯାଏ ।।(୯)

ଖୋଳ ବୋଇଲେ ବ୍ରହ୍ମ ଏବଂ କରତାଳ ବୋଇଲେ ପ୍ରେମଭାବ । ବ୍ରହ୍ମର ସୂକ୍ଷ୍ମ କମ୍ପନରେ ପ୍ରେମଭାବ ଉଦୟ ହୋଇ ପ୍ରଭୁନାମର ଶିହରଣରେ ମେଦିନୀ ଅର୍ଥାତ୍ ପିଣ୍ଡର ଆପାଦ ମସ୍ତକ ଶିହରିତ ହୋଇଯାଏ । ଜୀବ ଯେଉଁ ଆକାଶ ବା ଅନ୍ଧକୂପରେ ଥିଲା ବ୍ରହ୍ମତେଜସ୍ୱୀ ହୋଇ ଜ୍ଞାନରୂପକ କଇଁଫୁଲ ଫୁଟି ତୁଣ୍ଡଯାକ ଥିନି ଥିନି ହୁଏ ଓ ନାମପ୍ରେମରେ ଜୀବ ଉନ୍ମତ୍ତ ହୋଇ ନାଚି ଉଠେ । (୧୦)

ପ୍ରତ୍ୟେକ ନର ଦେହରେ ଯେତେବେଳେ ବ୍ରହ୍ମ ବିରାଜମାନ କରନ୍ତି, ଯେଉଁମାନେ ଏହା ସନ୍ଧାନ କରି ଠାବ କରିପାରନ୍ତି ସେମାନେ ନାରାୟଣ ଅର୍ଥାତ୍ ଚେତନ ବୋଲାନ୍ତି । ଚେତନ ଜୀବ ଠୁଳ ବ୍ରହ୍ମରେ ବୁଡ଼ିରହି ଜୀବ ମଧ୍ୟରେ ଥିବା ବିଷୟାର ବିଷକୁମ୍ଭ ହରଣ କରନ୍ତି । ଫଳତଃ ଜ୍ଞାନରୂପକ ପିୟୂଷ କୁମ୍ଭ ପରିପୂର୍ଣ୍ଣ ହୁଏ । ଏହି ଅବସ୍ଥାରେ ଜୀବ ଚରମ ଅର୍ଥାତ୍ ପରମବ୍ରହ୍ମଙ୍କୁ ନିଷ୍ଠାପୂର୍ଣ୍ଣ ସେବା ଦେଇ ସମାଧି ଅବସ୍ଥାର ଯୋଗାନ୍ତ କୁଣ୍ଡଳରେ ପହଞ୍ଚିପାରେ । (୧୧)

ଯୋଗାନ୍ତ କୁଣ୍ଡଳରେ ସମାଧିସ୍ଥ ଜୀବ ଜାଗ୍ରତ ରହି ସ୍ଥିର ଏବଂ ଶୁଦ୍ଧ ଚିତ୍ତ ହୋଇଯାଆନ୍ତି । ଜଗା ଅର୍ଥାତ୍ ସୂକ୍ଷ୍ମଚିତ୍ତ । ଜୀବ ବ୍ରହ୍ମ ଆଲୋକ ଦର୍ଶନ କଲେ, ଚିତ୍ତ ଦ୍ୱାରରେ ପହଞ୍ଚି ଚିତ୍‌ରେ ପକ୍ଷେ ଚୈତନ୍ୟ ଓ ପକ୍ଷେ ଚିତ୍‌କୁ ଭୋଗ କରେ । ଚୈତନ୍ୟ ଭୋଗରେ ରାମକୃଷ୍ଣ ପ୍ରେମ ଭଜନ ଆସେ ଏବଂ ଚିତ୍‌ର ପକ୍ଷେ ଭୋଗରେ ଆକାଶତତ୍ତ୍ୱ ବ୍ରହ୍ମଜ୍ଞାନ ଶବ୍ଦ ଆସେ । ଏହି ଠାରେ ରାମକୃଷ୍ଣଙ୍କୁ ଜୀବ ପିଣ୍ଡତତ୍ତ୍ୱରେ ପାଇ ଆନନ୍ଦ ଅନୁଭବ କରେ । (୧୨)

ମହାପୁରୁଷ ଅଚ୍ୟୁତାନନ୍ଦ ଜୀବକୁ ବାବୁ ବୋଲି ସମ୍ବୋଧନ କରି କହୁଛନ୍ତି ଯେ, ନିର୍ବିକଳ୍ପ ସମାଧିରେ ଜୀବ ସ୍ଥିତପ୍ରଜ୍ଞ ହୋଇ ତୁନି ହୋଇ ରହିଯାଏ । ବହୁଭାଷୀ ହୁଏ ନାହିଁ । ଏ ସବୁ ନିଗମ ତଥା ସୂକ୍ଷ୍ମ ଓ କାରଣ ଜଗତର କଥା । (୧୩)

# ଅମୃତସ୍ୱର

## ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ

*ସେ ନାରୀ । ସେ କୁମାରୀ ହେଉ ବା ବିବାହିତା ହୁଅନ୍ତୁ ସେ ମାଆ । ସେ ଜନନୀ, ଭଗିନୀ, କନ୍ୟା । ସେ ମଧ୍ୟ ଜାୟା । ପାତ୍ର ବିଶେଷରେ ତାଙ୍କ ପ୍ରତି ଶ୍ରଦ୍ଧା, ମମତା, ସ୍ନେହ, ପ୍ରେମ ଓ ଭକ୍ତି ନିବେଦନ କରିବା ହିଁ ସମାଜରେ ଆମର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ । ଛଳନା ବିହୀନ ଶୁଦ୍ଧଚିତ୍ତ ଓ ସ୍ୱଚ୍ଛ ମନରେ ତାଙ୍କର ମହତ୍ତ୍ୱ ଉପଲବ୍ଧି କରି ମାତୃତ୍ୱର ମହତ୍ତ୍ୱ ରକ୍ଷା କରିବା ବାଞ୍ଛନୀୟ । ଏହାହିଁ ପ୍ରକୃତ ଅର୍ଥରେ ଅସଲ ନାରୀ ଜାଗୃତି ।*

## ମାତୃତ୍ୱର ମହତ୍ତ୍ୱ

*ମହାତ୍ମା ମନୁଙ୍କ ଭାଷାରେ :*

"ଉପାଧ୍ୟାୟାଦଶାଚାର୍ଯ୍ୟ ଆଚାର୍ଯ୍ୟାଣାଂ ଶତଂପିତା ।
ସହସ୍ରନ୍ତୁ ପିତୃନ୍ମାତା ଗୌରବେଣାତିରିଚ୍ୟତେ ।"

ଅର୍ଥାତ୍ ଉପାଧ୍ୟାୟଙ୍କଠାରୁ ଆଚାର୍ଯ୍ୟ ଦଶଗୁଣ ଶ୍ରେଷ୍ଠ ଅଟନ୍ତି, ଆଚାର୍ଯ୍ୟଙ୍କଠାରୁ ପିତା ଶହେଗୁଣ ଏବଂ ପିତାଙ୍କଠାରୁ ମାତା ହଜାରେ ଗୁଣ ଶ୍ରେଷ୍ଠା, ବନ୍ଦ୍ୟା ଓ ପୂଜ୍ୟା ଅଟନ୍ତି । ମହାତ୍ମା ମନୁଙ୍କ ଏହି ଭାଷାରେ କଦାପି ଅତିଶୟୋକ୍ତି ନାହିଁ । ପରନ୍ତୁ, ଏହି ଉକ୍ତି ଧରାଧାମରେ ସମାଜରେ "ମାତୃତ୍ୱର ମହତ୍ତ୍ୱ" ଯଥାର୍ଥ ଭାବରେ ପ୍ରକଟ କରିଅଛି । ଭାରତୀୟ ମନୀଷାମାନେ ମାତୃଜାତିର ମହତ୍ତ୍ୱକୁ ସାର୍ଥକ ଭାବରେ ଉପଲବ୍ଧି କରି ଅନୁଭୂତିରେ ଆଣି ସଫଳ ରୂପେ ମାତୃଜାତିର ଉପାସନା କରି ଯାଇଅଛନ୍ତି ଏବଂ ଉତ୍ତର ପୁରୁଷମାନଙ୍କୁ ମାତୃମର୍ଯ୍ୟାଦା ରକ୍ଷା କରିବା ନିମନ୍ତେ ଉପଦେଶ ଶିକ୍ଷା ଦେଇଯାଇଛନ୍ତି ।

ଇତିହାସ ପର୍ଯ୍ୟାଲୋଚନାରୁ ତଥ୍ୟ ମିଳେ ଯେ ମଧ୍ୟଯୁଗୀୟ ଅବକ୍ଷୟମାଣ ପ୍ରବୃତ୍ତି ସକଳର ପ୍ରାଦୁର୍ଭାବରୁ ଆମ ଦେଶର ସାମାଜିକ ବିଧି ପ୍ରଣାଳୀ ବିଭିନ୍ନ ଦିଗରୁ ଦୋଷଦୁଷ୍ଟ ହେବାକୁ ଆରମ୍ଭ କଲା । ଏକ ପାଖରେ ବୈଦେଶିକ ଶାସନର କୁପ୍ରଭାବ ଏବଂ ଅନ୍ୟ ପାଖରେ କେନ୍ଦ୍ରୀଭୂତ ଧନସମ୍ପତ୍ତିର ଅଧିକାରୀବୃନ୍ଦଙ୍କର ସ୍ୱେଚ୍ଛାଚାରିତା ନାରୀର ଗାରିମାକୁ କ୍ରମଶଃ ଆଚ୍ଛାଦନ କରି ରଖିଲା । ଶତାବ୍ଦୀ ଶତାବ୍ଦୀ ଧରି ନାରୀଜାତିର ଗରିମା, ମାତୃଜାତିର ମହତ୍ତ୍ୱ କୁସଂସ୍କାରାଚ୍ଛନ୍ନ ହୋଇ ସମାଜର ଏହି ବଳିଷ୍ଠ ଅଙ୍ଗଟିକୁ ଜାଣିଶୁଣି ପକ୍ଷାଘାତ ରୋଗାକ୍ରାନ୍ତ କରିଦିଆଗଲା । ଫଳତଃ ଭାରତୀୟ ସାମାଜିକ, ପାରିବାରିକ ତଥା ଦାମ୍ପତ୍ୟ ଜୀବନରେ ନାରୀସମାଜ ଆପଣାର ସକଳ ତ୍ୟାଗ, ନିଷ୍ଠା, ସେବା, ସାହଚର୍ଯ୍ୟ, ଆନ୍ତରିକତା, ପ୍ରେମ, ପ୍ରୀତି, ସ୍ନେହ, ମମତା, ସହନଶୀଳତା, ଧୈର୍ଯ୍ୟ, ସ୍ଥିରତା, ଶାନ୍ତିଗୁଣ ଇତ୍ୟାଦି ସତ୍ତ୍ୱେ ଅଯଥାରେ ଓ ଅକାରଣରେ ଅବହେଳିତ, ଉପେକ୍ଷିତ, ଉତ୍ପୀଡ଼ିତ ହୋଇ ରହିଲେ । ଦାମ୍ପତ୍ୟ ଜୀବନର ପବିତ୍ରତା ନଷ୍ଟ ହେଲା, ପାରିବାରିକ ଜୀବନର ମହନୀୟ ଆନନ୍ଦଭ୍ରଷ୍ଟ ହେଲା, ସାମାଜିକ ଜୀବନର ମହତ୍ତ୍ୱ ନିଶୂନ ହୋଇଗଲା ।

ପାଶ୍ଚାତ୍ୟ ଶିକ୍ଷା ଓ ସଭ୍ୟତାର ଅନ୍ଧ ଅନୁକରଣରୁ ଭାରତୀୟ ଜନଜୀବନର ମହନୀୟତା କର୍ପୂର ପରି ଉଡ଼ିଗଲା ସତ, ଯୁଗ ଯୁଗର ସାକ୍ଷୀ ସ୍ୱରୂପ କନାଖଣ୍ଡିକ ପଡ଼ି ରହିଲା । ପ୍ରାଚୀନ ଭାରତରେ ମାତୃଜାତିର ମହତ୍ତ୍ୱ ଅକ୍ଷୁର୍ଣ୍ଣ ଥିଲା ।

ମାଆମାନଙ୍କର ମହନୀୟତା ପ୍ରଖ୍ୟାପନ କରିବା ନିମନ୍ତେ ପ୍ରାଚୀନ ଭାରତୀୟ ସାହିତ୍ୟରେ ଯେଉଁ ସବୁ ଶବ୍ଦ ପ୍ରୟୋଗ କରାଯାଇଥିଲା, ସେ ସବୁ ଶବ୍ଦର ବ୍ୟୁତ୍ପତ୍ତି କଲେ, ମାତୃଜାତିର ମହତ୍ତ୍ୱ ବେଶ୍ ଉପଲବ୍ଧ କରାଯାଇ ପାରିବ ।

ମହିଳା : ଏହି ଶବ୍ଦଟିର ବ୍ୟୁତ୍ପତ୍ତି ହେଲା : ମହ୍+ଇଲ+ଆ-ଅର୍ଥାତ୍ ଯେ ପୂଜନୀୟା, ଶ୍ରେଷ୍ଠା ଏବଂ ବନ୍ଦନୀୟା । ପ୍ରତ୍ୟେକ ମହିଳା ଆମର ମାଆ, ପୂଜନୀୟା ଏବଂ ବନ୍ଦନୀୟା । ନାରୀମାତ୍ରେ ହିଁ ମାନ୍ୟା । 'ମାନ୍ୟା'ର ବ୍ୟୁତ୍ପତ୍ତି ହେଉଛି: 'ମାନୟନ୍ତି ଏନାଃ ପୁରୁଷାଃ' – ଅର୍ଥାତ୍ ପୁରୁଷମାନେ ଯାହାକୁ ଶ୍ରଦ୍ଧା ବା ମାନ୍ୟ ପ୍ରଦର୍ଶନ କରନ୍ତି । ତେଣୁ ସେହି ମାଆ ବା ମହିଳାମାନେ ସମାଜରେ ସର୍ବଦା ମାନନୀୟା ଓ ଶ୍ରଦ୍ଧାସ୍ପଦା ଅଟନ୍ତି । ତାଙ୍କୁ ଯଥାର୍ଥ ମାନ୍ୟ ପ୍ରଦର୍ଶନ କରିବା ଆମ ସମସ୍ତଙ୍କର ଏକାନ୍ତ କର୍ତ୍ତବ୍ୟ ଅଟେ ।

'ସ୍ତ୍ରୀ'ର ଶବ୍ଦର ଅର୍ଥ, 'ସ୍ତ୍ୟାସ୍ୟତି ଅସ୍ୟାଂ ଗର୍ଭ ଇତି ସ୍ତ୍ରୀ' ଅର୍ଥାତ୍ : ତାଙ୍କରି ଶରୀର ମଧ୍ୟରେ ଗର୍ଭଧାରଣର ସ୍ଥିତି ବା କ୍ଷମତା ଥିବାରୁ ତାକୁ ସ୍ତ୍ରୀ କୁହାଯାଏ । ନାରୀ ଶବ୍ଦଟିର ଅର୍ଥ ମଧ୍ୟ ଅତ୍ୟନ୍ତ ବ୍ୟାପକ ଓ ସୁଦୂର ପ୍ରସାରୀ । 'ନୃ' ଶବ୍ଦରୁ ନର ଶବ୍ଦର ସୃଷ୍ଟି । ନର+ଈ=ନାରୀ । 'ନୃ'ର ଅର୍ଥ ଋକ୍ ବେଦରେ ସ୍ପଷ୍ଟ ହୋଇଛି । ଅର୍ଥାତ୍ ଯେ ବୀରତ୍ୱ ପ୍ରଦର୍ଶନ କରନ୍ତି, ନେତୃତ୍ୱ ନିଅନ୍ତି ଏବଂ ଦାନ ଦିଅନ୍ତି, ସେ ହିଁ ନର ପଦବାଚ୍ୟ । ଏହି ତିନୋଟି ପ୍ରଧାନ ଗୁଣ ଏକତ୍ର ଯାହାଙ୍କ ଠାରେ ପରିଲକ୍ଷିତ ହୁଏ ସେ ହିଁ ପ୍ରକୃତ ନରପଦବାଚ୍ୟ । ନତୁବା ନୁହେଁ । ସେହି ନ୍ୟାୟରେ ନାରୀଠାରେ ମଧ୍ୟ ଅତୀତରେ ବୀରତ୍ୱ, ନେତୃତ୍ୱ ଓ ଦାତୃ ଗୁଣ ସ୍ପଷ୍ଟ ପରିଲକ୍ଷିତ ହୋଇଥିବାର ଅନୁମାନସିଦ୍ଧ ସତ୍ୟ । ପୁରାଣ ଏବଂ ଇତିହାସରୁ ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତମାନ ମଧ୍ୟ ମିଳିଥାଏ ।

ମାତୃତ୍ୱକୁ ସୁନ୍ଦରୀ, ମାନିନୀ ଓ ଲଳନା ବୋଲି ମଧ୍ୟ ଅଭିହିତ କରାଯାଇଛି । ମାଆ ସୁନ୍ଦରୀ, ସ୍ୱାଭିମାନ ଗୁଣରେ ପରିପୁଷ୍ଟା, ଓ ତା'ଠାରେ ପ୍ରବଳ ଇଚ୍ଛାଶକ୍ତି ଦୃଢ଼ ହୋଇ ରହିଛି । ପୁଣି, ଭାର୍ଯ୍ୟା ଶବ୍ଦକୁ ଲକ୍ଷ୍ୟ କର : ଭୃ+ଯ+ଆ ଅର୍ଥାତ୍ ଯେ ପରିବାର ତଥା ସମାଜର ସେବା ପରିଚର୍ଯ୍ୟା ନିମନ୍ତେ ଭରଣା କରିଥାଆନ୍ତି ॥

ଏ ସବୁ ଦୃଷ୍ଟିରୁ ମାତୃତ୍ୱର ମହତ୍ତ୍ୱ କୀର୍ତ୍ତନ କରିବାରେ ଅନ୍ତ ନାହିଁ । ମାତୃଜାତି ପ୍ରତି ଭାରତୀୟ ପ୍ରାଚୀନ ସମାଜ ବ୍ୟବସ୍ଥାରେ ଯଥେଷ୍ଟ ସମ୍ମାନ ଓ ସମତା ଭାବଥିଲା । କାଳକ୍ରମେ ଆଜି ତାହା ଭଗ୍ନ ସ୍ତୂପରେ ପରିଣତ ହୋଇ ଆମର ଦାମ୍ପତ୍ୟ, ପାରିବାରିକ ଓ ସାମାଜିକ ମର୍ଯ୍ୟାଦାକୁ ନଷ୍ଟଭ୍ରଷ୍ଟ କରିଦେଇଛି । ଏହି ପରିପ୍ରେକ୍ଷୀରେ କାହାରିକୁ ଦୋଷ ନଦେଇ, ଅର୍ଥହୀନ ବିବାଦ ନ ଉପୁଜାଇ ଯଥାର୍ଥ ପଦକ୍ଷେପ ଗ୍ରହଣ କରି ମାତୃଜାତିକୁ ପୁନର୍ବାର ସମାଜରେ ସମ୍ମାନ ଓ କ୍ଷମତା ଦେଇ କ୍ଷମ ଓ ସମର୍ଥ କରି ଗଢ଼ି ତୋଳିବାର ଆବଶ୍ୟକତା ସର୍ବଥା ଉପଲବ୍ଧ ହେଉଛି ।

ଭାରତୀୟ ସଂସ୍କୃତିରେ ବିବାହିତା ନାରୀକୁ ଅର୍ଦ୍ଧାଙ୍ଗୀ ବୋଲି ଆଖ୍ୟାୟିତ କରାଯାଇଛି । ନାରୀର ସାହଚର୍ଯ୍ୟ ବିନା ପୁରୁଷର ଏବଂ ପୁରୁଷର ସାହଚର୍ଯ୍ୟ ବ୍ୟତିରେକେ ନାରୀର ଜୀବନ ସମ୍ପୂର୍ଣ୍ଣ ନୁହେଁ । ଏହି ଭାବରେ ଅଧିଷ୍ଠିତ ଦାମ୍ପତ୍ୟ ଜୀବନ ପୁଣ୍ୟ ଓ ପବିତ୍ରତାରେ ପରିପୂର୍ଣ୍ଣ । ପୁଣି ଯେ କୌଣସି ଧର୍ମାନୁଷ୍ଠାନ  ସ୍ୱାମୀ ବା ସ୍ତ୍ରୀ ଉଭୟଙ୍କର ମିଳିତ ଉଦ୍ୟମ ଓ ଉପସ୍ଥିତି ବିନା ସଫଳ ହୋଇପାରେ ନାହିଁ ବୋଲି ପୁରୁଷକୁ ସହଧର୍ମୀ ଓ ନାରୀକୁ ସହଧର୍ମିଣୀ ବୋଲି ପ୍ରାଚୀନ ଭାରତର ଗ୍ରନ୍ଥ ସକଳରେ ବର୍ଣ୍ଣନା କରଯାଇଛି । ବିଦ୍ୟା, ବୈଭବ ତଥା ବୀରତ୍ୱର ଅଧିଷ୍ଠାତ୍ରୀ ଦେବୀ ରୂପରେ ନାରୀକୁ ସ୍ୱତନ୍ତ୍ର ପ୍ରତିଷ୍ଠା ପ୍ରଦାନ କରାଯାଇଛି, ତେଣୁ ଶାରଦା, ଶ୍ରୀ ତଥା ଶକ୍ତିରୂପରେ ମାତୃଶକ୍ତିର ଉପାସନା ଓ ଆରାଧନା କରିବା ନିମନ୍ତେ ଶାସ୍ତ୍ରରେ ସ୍ପଷ୍ଟ ଉଲ୍ଲେଖ ରହିଛି ।

ବିଭିନ୍ନ କାଳରେ ନାରୀ ଭିନ୍ନ ଭିନ୍ନ ରୂପରେ ତ୍ୟାଗ, ବଳିଦାନ, ସ୍ନେହ, ଶ୍ରଦ୍ଧା, ଧର୍ମ, ସହିଷ୍ଣୁତା, ପ୍ରେମ, ପ୍ରୀତି, ମମତା, ପ୍ରେରଣା, ଉତ୍ସାହ, ବୀରତ୍ୱର ସ୍ୱର୍ଗୀୟ ଜ୍ୟୋତିର ମୂର୍ତ୍ତିମତୀ ପ୍ରତୀକ ରୂପେ ଆମ ସମ୍ମୁଖରେ ଅଧିଷ୍ଠିତା । ଏଥିରୁ ମାତୃତ୍ୱର ମହତ୍ତ୍ୱ ହୃଦୟଙ୍ଗମ କରାଯାଇପାରେ । ଯେଉଁ ଦେଶ, ସମାଜ, ଗୋଷ୍ଠୀ ବା ବ୍ୟକ୍ତି ଚିର ଉପାସିତା ଜନନୀ, ଭଗିନୀ, କନ୍ୟା ଏବଂ ଜୀବନର ସହଚରୀର ମାତୃତ୍ୱର ମହତ୍ତ୍ୱକୁ ଉପେକ୍ଷା କରି ମାତୃଜାତିର ଅବମାନନା କରେ, କସ୍ମିନ୍‌କାଳେ ସେ ଦେଶ, ସମାଜ, ଜାତି ବା ବ୍ୟକ୍ତି ଉନ୍ନତି ପଥରେ ଆଗେଇ ଯାଇପାରେନା, ପାରିନି ମଧ୍ୟ ।

ତେଣୁ ମାତୃତ୍ୱର ମହତ୍ତ୍ୱ, ବନ୍ଦନା, ଉପାସନାର ଗୁରୁତ୍ୱ ଉପଲବ୍ଧ କରି ମହିଳା ବିକାଶ, ମାତୃତ୍ୱର ବିକାଶ, ମାତୃବନ୍ଦନା ସଂଗଠନ ମାଧ୍ୟମରେ କରିବା ଦ୍ୱାରା ଦେଶ, ଜାତି ତଥା ସମାଜର ମଙ୍ଗଳ ସାଧନ କରାଯାଇପାରିବ ବୋଲି ଆମର ଦୃଢ଼ ବିଶ୍ୱାସ ।

***

# ବାଲ୍ୟକାଳୁ ଧର୍ମ ଧନ ସଞ୍ଚିବି

ଭାଗବତ କହେ : ''ଏ ଦେହ ସାଧୁସଙ୍ଗ ବିନୁ । ଲଭି ନ ପାରେ ଦିବ୍ୟ ତନୁ ।।''

*କିନ୍ତୁ, ପ୍ରକୃତରେ ସାଧୁଟିଏ ପାଇବା ଆଜିର ସମାଜରେ ଦୁଷ୍କର । ପିଲାଏ, ତମେମାନେ ଆଜଠୁଁ ସାଧୁ ହେବାପାଇଁ ସାଧନା କର । ମଣିଷ ପରି ମଣିଷ ହୁଅ । ଦେଶ ଓ ଦଶର ଟେକ ରଖ । ତମ ପାଇଁ ଗପଟିଏ -*

## ସାଧୁପିଲା

ପିଲାଏ; ଆଜି ତମକୁ ମଜା କଥାଟିଏ କହିବି । ମନେ ରଖିବ । ଜୀବନର ଶେଷ ପର୍ଯ୍ୟନ୍ତ ଏହି ଆଦର୍ଶରେ ଚଳିବ । ଭଲ ମଣିଷ ହେବ । ଦେଶ ଓ ଜାତିର ସେବା କରିବ । ପରର ଉପକାର କରିବ । କେବେ ବି କାହାରି ଅନିଷ୍ଟ ଚିନ୍ତା ସୁଦ୍ଧା କରିବ ନାହିଁ । ସ୍ୱାର୍ଥପର ହେବ ନାହିଁ । ଅନ୍ୟମାନଙ୍କୁ ହିଂସା, ଈର୍ଷା କରିବ ନାହିଁ । ସମସ୍ତଙ୍କୁ ଆଦର ସ୍ନେହ କରିବ । ଗୁରୁଜନମାନଙ୍କୁ ଭକ୍ତି କରିବ । ବୁଝିଲଟି !!

ବରଦାବାବୁ ଜଣେ ସାଧାରଣ ଭଦ୍ରଲୋକ । ରମାଦେବୀ ତାଙ୍କର ସ୍ତ୍ରୀ । ସେ ଜଣେ ଧର୍ମପ୍ରାଣା ମହିଳା । ଦାମୋଦର ତାଙ୍କର ଏକମାତ୍ର ସନ୍ତାନ । ଗାଁ ପାଖ ମାଇନର୍ ସ୍କୁଲରେ ଦାମୋଦର ସପ୍ତମ ଶ୍ରେଣୀରେ ପଢୁଥାଏ । ଭଲ ପଢ଼େ । ଭଲ ବ୍ୟବହାର ତା'ର, ହେଲେ ବଡ଼ ଜିଦ୍‌ଖୋର୍ । ମୁଣ୍ଡକୁ ଯାହା ଢୁକିଲା ତାହା ନ କଲେ, ସେ ସହଜରେ ଶାନ୍ତ ହୁଏ ନାହିଁ । ତେବେ ବାପା ବୋଉଙ୍କର କଥା ମାନେ । କେବେ ବି ଅବାଧ୍ୟ ହୁଏ ନାହିଁ ।

ଦାମୋଦରର କ୍ରିକେଟ୍ ଖେଳ ନିଶା ପ୍ରବଳ । ପ୍ରତିଦିନ ସ୍କୁଲ୍ ଛୁଟିପରେ ସାମାନ୍ୟ ଜଳଖିଆ ଖାଇ ସେ ବେଟ୍ ଧରି ଧାଇଁଯାଏ ଖେଳ ପଡ଼ିଆକୁ ସାଥୀମାନଙ୍କ ସହିତ କ୍ରିକେଟ୍ ଖେଳିବାକୁ । ରେଡ଼ିଓରୁ କ୍ରିକେଟ୍ ଖେଳର ଧାରାବିବରଣୀ ଶୁଣିବାର ନିଶା ମଧ୍ୟ ତା'ର ପ୍ରଚୁର । ସେଥିପାଇଁ ବୋଉଙ୍କ ପାଖରେ ପକେଟ୍ ଟ୍ରାଞ୍ଜିଷ୍ଟର୍‌ଟିଏ ପାଇଁ ସେ ବହୁତ ଥର ଅଳି କରି ଆସୁଛି । ମାତ୍ର ବାପା ବୋଉ ପିଲାର ପଢ଼ାପଢ଼ି କ୍ଷତି ହେବ ମନେକରି ଦାମୋଦର ପାଇଁ ପକେଟ୍ ଟ୍ରାଞ୍ଜିଷ୍ଟର୍ ଟିଏ କିଣିଦେଇ ନ ଥାନ୍ତି ।

ଦିନେ ସନ୍ଧ୍ୟାରେ ଦାମୋଦର ଖେଳିସାରି ଘରକୁ ଫେରିବା ପରେ ତା'ବୋଉ ଟଙ୍କା ଓ ବ୍ୟାଗ୍ ଦେଇ ତା'କୁ ସଡ଼କ ପାଖ ଦୋକାନରୁ ସଉଦା କିଣି ଆଣିବା ପାଇଁ ପଠାଇଲେ । ଦାମୋଦର ସୁଧୀର ପିଲାଟିଏ ପରି ସଉଦା କରି ଘରକୁ ଫେରିଲା । ବ୍ୟାଗ୍ ବୋଉଙ୍କ ହାତକୁ ବଢ଼ାଇଦେଇ ବଳକା ପାଞ୍ଚଟଙ୍କା ଦେବାପାଇଁ ପକେଟ୍ ଅଣ୍ଡାଳି ପାଇଲା ନାହିଁ । କେଉଁଠି ବାଟରେ ପଡ଼ିଯାଇଛି କି କ'ଣ ବୋଲି ଭାବି ଟର୍ଚ୍ଚଟି ଧରି ଖୋଜିବା ପାଇଁ ଘରୁ ପୁଣିଥରେ ବାହାରିଲା । ବୋଉ ଘରେ ତାଙ୍କ କାମରେ ଲାଗିଲେ ।

କିଛି ସମୟ ପରେ ଦାମୋଦର ଘରକୁ ଫେରି ପକେଟ୍‌ରୁ ମନିବ୍ୟାଗ୍‌ଟିଏ ବାହାର କରି ତହିଁରୁ ପୁଳାଏ ନୋଟ୍ କାଢ଼ି ବୋଉକୁ ଦେଖାଇଲା ଓ କହିଲା, ''ବୋଉଲୋ ! ପାଞ୍ଚଟଙ୍କା ଖୋଜୁ ଖୋଜୁ ସଡ଼କ ଧାରରୁ ଏତକ ପାଇଛି ।

ସବୁ ସେହି ଠାକୁରଙ୍କ ଇଚ୍ଛା । ମୁଁ ଭାବୁଛି, ଏହି ଟଙ୍କାରେ ପକେଟ୍ ଟ୍ରାଞ୍ଜିଷ୍ଟର୍‌ଟିଏ କିଣିବି ।'' ଦାମୋଦରର ବୋଉ ରମାଦେବୀ ଜିଭ କାମୁଡ଼ି ପକାଇଲେ । କହିଲେ, ''ଏ କି କଥା କହୁଛୁ ବାପ ! ଏ ଟଙ୍କା ତ ତୋର ନୁହେଁ । କିଏ ବାଟରେ ଯାଉଁ ଯାଉଁ ପକେଟରୁ ଗଳାଇ ପକାଇଛି ଅସାବଧାନରେ । ଘରେ ଯାଇ ଖୋଜି ଡ଼ହଳ ବିକଳ ହେଉଥିବ ପରା ! ଟଙ୍କାତକ ମନିବ୍ୟାଗ୍‌ରେ ସାଇତି ରଖିଦେ ଧନ । ତୋ ବାପା ଆସିଲେ, ଥାନାରେ ଯାଇ ଦେଇଆସିବୁ । ବୁଝିଲୁ ମୋ ସୁନା ! ଠାକୁରେ ଖୁସି ହେବେ, ଆଶିଷ ଦେବେ, କଲ୍ୟାଣ କରିବେ !!''

ସେଇୟା ହେଲା । ବରଦାବାବୁ ଥାନାକୁ ଗଲେ ଦାମୋଦରକୁ ନେଇ । ଦାମୋଦର ଥାନାବାବୁଙ୍କୁ ମନିବ୍ୟାଗ୍ ଦେଇ ସବୁ କଥା ଟିକିନିଖି କହିଗଲା । ଥାନାବାବୁ ଦାମୋଦରର ନାମ, ଠିକଣା, ସ୍କୁଲ ଠିକଣା ସବୁ ଲେଖି ରଖିଲେ । ମନିବ୍ୟାଗ୍‌ରୁ ଟଙ୍କାପଇସା ଗଣି ଦେଖିଲେ ମୋଟ୍‌ରେ ତିନିହଜାର ସାତଶହ ପଚସ୍ତରି ଟଙ୍କା ଥିଲା । ଟଙ୍କା ସହିତ କାଗଜଟି ବାହାରିଲା । ସେଥିରେ ମନିବ୍ୟାଗ୍ ମାଲିକଙ୍କର ଠିକଣା ଓ ନାମ ଲେଖାଥିଲା । ଥାନାବାବୁ କହିଲେ, ଟଙ୍କା ଫେରେଇଦେବାକୁ ଆଉ ଅସୁବିଧା ହେବ ନାହିଁ । ଦାମୋଦରର ମଥା ଆଉଁସି ଦେଇ ଥାନାବାବୁ କହିଲେ, ''ବାବୁରେ, ଏପରି ବାପା ବୋଉ ପାଇ ତୁ ଧନ୍ୟ ହୋଇଛୁ । ତୁ ନିଶ୍ଚୟ ଦିନେ ମଣିଷ ପରି ମଣିଷ ହୋଇ ଆମ ଦେଶଦଶର ନାମ ରଖିବୁ !!''

ମନିବ୍ୟାଗ୍ ହଜାଇଥିବାରୁ ସ୍ଥାନୀୟ ହାଇସ୍କୁଲ ଶିକ୍ଷକ ରଥବାବୁ ବଡ଼ ବ୍ୟସ୍ତରେ ଥିଲେ । ଥାନାରୁ ଡାକରା ପାଇ ଉପଯୁକ୍ତ ପ୍ରମାଣ ଦେଇ ବ୍ୟାଗ୍ ସହ ଟଙ୍କା ଫେରି ପାଇ ବଡ଼ ଖୁସି ହେଲେ । ଥାନାବାବୁଙ୍କ ପରାମର୍ଶରେ ଦାମୋଦରର ଠିକଣା ପାଇ ତା ପାଇଁ ଭଲ ପକେଟ୍ ଟ୍ରାଞ୍ଜିଷ୍ଟର୍‌ଟିଏ କିଣି ନେଇ ସ୍କୁଲରେ ଦେଇ ଆସିଲେ । ଦାମୋଦର ସାଧୁପିଲା ବୋଲି ସ୍କୁଲ୍‌ରେ ଓ ଆଖପାଖରେ ଜଣାଶୁଣା ହୋଇଗଲା ।

***

ବଡ଼ ହେବାପାଇଁ ବାନ୍ଧୁଛୁ ପାଗ ।
ବିପରୀତେ ଖସିଯିବରେ ବାଗ ।।

ମନମୁଖୀ ଭାବ ଛାଡ଼୍‌ରେ ଛାଡ଼୍ ।
ଗୁରୁମୁଖୀ ହୋଇ ଗଣ୍ଡିକୁ ଝାଡ଼୍ ।।

ଏକମୁଖୀ ଭାବ ଅନ୍ତରେ ଗଢ଼୍ ।
ଧାପେ ଧାପେ ସାଧି ଚରମେ ଚଢ଼୍ ।।

# ଉତ୍ତିଷ୍ଠତଃ ! ଜାଗ୍ରତଃ !!

*ଯୁବଶକ୍ତି ହିଁ ବିଶ୍ୱର ଶ୍ରେଷ୍ଠ ଶକ୍ତି । ଯୁବ ସମାଜର ସମୁଚିତ ସଙ୍ଗଠନ ମାଧ୍ୟମରେ ଏହି ଶକ୍ତିର ଯଥୋଚିତ ବିକାଶ ସମ୍ଭବ । ଏହି ଶକ୍ତିର ସଦୁପଯୋଗ ହିଁ ଆମର ଏକାନ୍ତ ଲକ୍ଷ୍ୟ । ଏହି ଲକ୍ଷ୍ୟର ଫଳଶ୍ରୁତି ହିଁ ଚରମ ପୃଷ୍ଠାରେ "ଉତିଷ୍ଠତଃ ! ଜାଗ୍ରତଃ" ଶୀର୍ଷକ ମାଧ୍ୟମରେ ବିଭିନ୍ନ ରୁଚିର ପ୍ରବନ୍ଧମାନ ପ୍ରକାଶ କରିବା । ଅମୃତର ସନ୍ତାନମାନଙ୍କୁ ଅନନ୍ତ ଆଶିଷ ଦେଇ ଶ୍ରୀଶ୍ରୀଶ୍ରୀ ଠାକୁର ଆହ୍ୱାନ କରନ୍ତି ବିଶ୍ୱକଲ୍ୟାଣ ମଞ୍ଚକୁ । ହେ ଯୁବଗୋଷ୍ଠି । ଏହି ଆହ୍ୱାନର ସଫଳ ରୂପାୟନ କର । ନିରାଶ ହେବାକୁ ହେବ ନାହିଁ । ଜନ୍ମ ଓ ଜୀବନ ସାର୍ଥକ ହେବ ହିଁ ହେବ ।*

## ବିବେକର ଆହ୍ୱାନ

**ହେ ଭାରତର ଶକ୍ତିଧର ଯୁବସମାଜ !**

ତମ ଉପରେ ଆମର ଯଥେଷ୍ଟ ବିଶ୍ୱାସ ଅଛି । ତମମାନଙ୍କୁ ଆମେ ଭରସା କରିଛୁ, ଅପେକ୍ଷା କରିଛୁ । ଆମର ଦୃଢ଼ ବିଶ୍ୱାସ, ତମେମାନେ ହିଁ ଏହି ପୁଣ୍ୟଭୂମିର ଶିକ୍ଷା, ସଂସ୍କୃତି ଓ ସଭ୍ୟତାର ସୁରକ୍ଷା କରିପାରିବ । ତମେମାନେ ଋଷି ପୁତ୍ର, କନ୍ୟା । ତମମାନଙ୍କ ଧମନୀରେ ଏବେ ବି ପୁରୁଷାନୁକ୍ରମରେ ଆର୍ଯ୍ୟଭାରତର ଋଷିରକ୍ତ ପ୍ରବାହିତ ହେଉଛି । ନିଜକୁ ନିରୀକ୍ଷଣ କର, ସମୀକ୍ଷା କର, ହତାଶ, ନିରାଶ ହୁଅ ନାହିଁ । ତମ ଜନ୍ମ ଓ ଜୀବନ କଦାପି କସ୍ମିନ୍‌କାଳେ ନିରର୍ଥକ ହୋଇପାରେନା । ଆଶାବାଦୀ, ଆତ୍ମବିଶ୍ୱାସୀ ହୁଅ, ମହାପୁରୁଷମାନଙ୍କ ପ୍ରତି ଶ୍ରଦ୍ଧାଶୀଳ ହୁଅ । ପୂଜ୍ୟର ପୂଜା କର । ନୀତିନିଷ୍ଠ ହୋଇ ଉଚିତ ମାର୍ଗ ନିର୍ଦ୍ଧାରଣ କରି ସେହି ପଥରେ ବୀରତ୍ୱ ଓ ଧୈର୍ଯ୍ୟର ସହିତ ଆଗେଇ ଚାଲ ।

ହେ ଶକ୍ତିର ସନ୍ତାନସନ୍ତତି ଗଣ ! ହେ ବୀର ଯୁବଗୋଷ୍ଠି !

ତୁମକୁ ଆମର ବିଶେଷ ଅନୁରୋଧ : ହିଂସା ଆଚରଣ କର ନାହିଁ । ଅସତ୍ ପଥରେ ପାଦ ଦିଅ ନାହିଁ । ଅସତ୍ କର୍ମ ହାତକୁ ନିଅ ନାହିଁ । ଅସତ୍ ଚିନ୍ତା ମନ କୋଣରେ ସ୍ଥାନ ଦିଅ ନାହିଁ । ନିଜ ଉପରେ ତଥା ଈଶ୍ୱରଙ୍କଠାରେ ଅଟଳ ବିଶ୍ୱାସ ରଖ । ପରମପିତା ସବୁମତେ ତମର ପାଖେ ପାଖେ ରହି ତମକୁ ସାହାଯ୍ୟ କରିବା ନିମନ୍ତେ ତତ୍ପର ହୋଇ ରହିଛନ୍ତି । ଲୋଡ଼ା କେବଳ ତମର ଐକାନ୍ତିକ ନିଷ୍ଠା ଓ ବିଶ୍ୱାସ । ଆବଶ୍ୟକ କେବଳ ସମ୍ପୂର୍ଣ୍ଣ ଶରଣାଗତି । ତାଙ୍କରି ପଦ୍ମପାଦପୀଠରେ ଶରଣାପନ୍ନ ହୁଅ । ମନଖୋଲି ତାଙ୍କ ସନ୍ନିଧାନରେ ସବୁ ସମସ୍ୟା ଗୋଟି ଗୋଟି କରି ସବିସ୍ତୃତ କହିଦିଅ । କିଛି ଲୁଚାଅ ନାହିଁ । ସତ୍ୟବାଦୀ ବୀର ହୁଅ । ଅପେକ୍ଷା କର ଧୈର୍ଯ୍ୟ ଓ ସ୍ଥିରତାର ସହିତ । ଦେଖ ସେ ସୂକ୍ଷ୍ମରେ ତମପାଇଁ ଯାହା କଲ୍ୟାଣକର ତାହାହିଁ ବିଧାନ କରୁଛନ୍ତି । ତାଙ୍କରି ଦାନକୁ ମଥାପାତି ହୃଷ୍ଟଚିତ୍ତରେ ଗ୍ରହଣ କରିନିଅ । ଇଚ୍ଛା କରି ବାଛି କିଛି ମାଗ ନାହିଁ । ସେ ପରା ମଙ୍ଗଳମୟ ! ସେ କ'ଣ ତମର ମଙ୍ଗଳ ବିଧାନ କରିବେ ନାହିଁ ?

ଥରେ ମାତ୍ର ନିର୍ଜନରେ ସ୍ଥିର ଚିତ୍ତରେ ଏକାନ୍ତ ମୁହୂର୍ତ୍ତରେ ଚିନ୍ତା କରି ଦେଖ : ଆଜି ଭାରତରେ ଦୁର୍ନୀତି ଓ ଭ୍ରଷ୍ଟାଚାର ଉପରୁ ତଳ ପର୍ଯ୍ୟନ୍ତ ସର୍ବତ୍ର ଜାଲ ପରି ବିଛେଇ ହୋଇଯାଇଛି । ତମେମାନେ ଶିକ୍ଷିତ, ସଭ୍ୟ, ଭଦ୍ର ଓ ସମ୍ଭ୍ରାନ୍ତ । ତମେ କ'ଣ ଏହି ଦୁର୍ନୀତି ଯଜ୍ଞରେ ଆହୁତି ଦେଇ ସେହି ଭ୍ରଷ୍ଟାଚାର ରୂପକ ହବ୍ୟାଗ୍ନିକୁ ଅଧିକ ପ୍ରଜ୍ୱଳିତ କରିବା ଉଚିତ ହେବ ? ଏହା ଦ୍ୱାରା ହୁଏତ ତମର ବ୍ୟକ୍ତିଗତ କ୍ଷୁଦ୍ରସ୍ୱାର୍ଥ ପୂରଣ ହୋଇପାରେ, ମାତ୍ର ଏଥିରେ ତମ ବ୍ୟକ୍ତିତ୍ୱର ମର୍ଯ୍ୟାଦା ରହିବ ତ ? ଜାତୀୟ, ସାମାଜିକ ଜୀବନର ଉତ୍କର୍ଷ ସାଧନ ହୋଇପାରିବ ତ ?? ବଂଶ ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରହିବ ତ ???

ତମେମାନେ ଆମର ଅତି ଆଦରର ପୁଅଝିଅ । ତମେମାନେ ଯୁବକଯୁବତୀ । ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ସ୍ତରରେ ତମେମାନେ ଶିକ୍ଷାଲାଭ କରିଛ । ତମମାନଙ୍କର ଇଚ୍ଛା ଭଲ ପଦସ୍ଥ ଚାକିରିଟିଏ ପାଇ ମାସକୁ ମାସ ମୋଟା ଅଙ୍କର ବେତନ ପାଇ ନିଜେ ସୁଖସମୃଦ୍ଧିରେ ଜୀବନ ବିତାଇବ, ନିଜ ପରିବାର ପ୍ରତିପୋଷଣ

କରିବ, ସୁସ୍ଥ ଓ ସ୍ୱଚ୍ଛ ବ୍ୟକ୍ତିଗତ, ଦାମ୍ପତ୍ୟ, ପାରିବାରିକ, ସାମାଜିକ ଜୀବନଯାପନ କରିବ । ନୁହେଁ କି ? ଆମେ ମଧ୍ୟ ତମମାନଙ୍କ ପାଇଁ ଠିକ୍ ସେହି ସଦିଚ୍ଛା ପୋଷଣ କରିଛୁ । ମାତ୍ର, ତମ ଇଚ୍ଛା ଓ ଆମ ଇଚ୍ଛା ପୂରଣ ପଥ ଭିନ୍ନ ଭିନ୍ନ । କ'ଣ ବୁଝିପାରିଲ ନାହିଁ ? ବେଶ୍, ଧୈର୍ଯ୍ୟଧରି ଧୀରସ୍ଥିର ଭାବରେ ନିମ୍ନୋକ୍ତ ବାକ୍ୟଗୁଡ଼ିକୁ ପଢ଼ି ଲକ୍ଷ୍ୟସ୍ଥିର କରିନିଅ । ଅମାନିଆ, ଅବୁଝା, ଅଝଟ ହୁଅ ନାହିଁ ।

ତମେମାନେ ଜାଣ, ଆମେ ବି ଜାଣୁ : ଆଜିକାଲି ଆମ ଦେଶର ବିଭିନ୍ନ ସରକାରୀ ବେସରକାରୀ ଦପ୍ତରମାନଙ୍କରେ ଚାକିରି ସବୁ ନିଲାମ ହେଉଛି । ଦୁର୍ନୀତି ଓ ଭ୍ରଷ୍ଟାଚାର କିପରି କ୍ରମଶଃ ଆମ ଗଣତନ୍ତ୍ରର ଘାସମୂଳ ପର୍ଯ୍ୟନ୍ତ ମାଡ଼ିଗଲାଣି ତାହା ଆଉ କାହାରିକୁ ଅଜଣା ନାହିଁ । ସ୍ପଷ୍ଟ ଦିବାଲୋକରେ ଖୋଲାଖୋଲି ଭାବରେ ଏହା ସତେଯେପରି ଆମ ଜାତୀୟ ଚରିତ୍ରର ଅଙ୍ଗୀଭୂତ ହୋଇଗଲାଣି । ଯେ ଯେତେ ଅଧିକରୁ ଅଧିକ ଅର୍ଥ ଉପାର୍ଜନ କରିପାରୁଛି, ଅଧିକ ଅର୍ଥ ସଞ୍ଚୟ କରିପାରିଛି, ଆଜିର ଭାରତୀୟ ସମାଜ ଓ ଜନଜୀବନରେ ସେ ସେତେ ଅଧିକ କ୍ଷମତା, ପ୍ରତିପତ୍ତି, ସମ୍ମାନର ଅଧିକାରୀ ହୋଇପାରୁଛି । ଜ୍ଞାନ, ବିଦ୍ୟା, ଚରିତ୍ର, ବ୍ୟକ୍ତିତ୍ୱ ଇତ୍ୟାଦିର କାଟ୍‌ତି, ଅର୍ଥ ପାଖରେ ସତେ ଯେପରି ନିଷ୍ପ୍ରଭ ହୋଇଯାଇଛି, ହାର୍ ମାନିନେଇଛି । ସତ୍ୟ, ନୀତି, ସଚ୍ଚୋଟପଣିଆ ଆଜିର ଭାରତୀୟ ଜୀବନରେ ସ୍ୱପ୍ନପ୍ରାୟ ଦୁଷ୍ପ୍ରାପ୍ୟ । ତେଣୁ, ତମେମାନେ ପରାଜୟର ଗ୍ଳାନିରେ ମ୍ରିୟମାଣ ହୋଇପଡୁଛ; ନୁହଁରେ ?

କିନ୍ତୁ, କାହିଁକି ତମେମାନେ ଏହି ନିଲାମ ଡାକରେ ପ୍ରତିଯୋଗିତା କରୁଛ ଯେ ? ଯେଉଁ ପଚିଶ ପଚାଶ ହଜାର ଟଙ୍କା ଉତ୍କୋଚ ଦେଇ ଚାକିରିଟିଏ ନିଲାମ ଧରି ନିଜର ନିଜତ୍ୱ ଓ ସ୍ୱାଧୀନତାକୁ ବଳିଦେଇ ଦୁର୍ନୀତିକୁ ତେଜେଇବ; ସେହି ଟଙ୍କାକୁ ମୂଳଧନ କରି ଛୋଟ ବ୍ୟବସାୟଟିଏ କଲେ, ତମେ କ'ଣ ତମ ପରିବାରକୁ ଭରଣପୋଷଣ ଯୋଗାଇପାରିବ ନାହିଁ ? ଶ୍ରମ, ନିଷ୍ଠା, ନୈତିକତା, ମିତବ୍ୟୟତା, ପ୍ରଗାଢ଼ ଉଦ୍ୟମ ବଳରେ ତମ ଦ୍ୱାରା ସୁନ୍ଦର ବ୍ୟବସାୟ ସଂସ୍ଥାଟିଏ ହୋଇପାରିବ ନିଶ୍ଚୟ; ଏ ବିଶ୍ୱାସ ତମମାନଙ୍କ ଉପରେ ଆମର ଅଛି । ଥରେ ଚେଷ୍ଟା କରି ଦେଖତ !!

ତମେମାନେ ଏକଜୁଟ୍ ହୁଅ । ସେହି ପରମପିତା ପରମେଶ୍ୱରଙ୍କ ପଦ୍ମପାଦକୁ ଧ୍ୟାନ କର । ଦଶ ବାରଜଣ ଏକାଠି ହୋଇ ଏକତ୍ର ପୁଞ୍ଜି ବିନିଯୋଗ କରି ସମବାୟ ଭିତ୍ତିରେ ବିଭିନ୍ନ ବ୍ୟବସାୟ ସଂସ୍ଥା ନିଜ ନିଜ ଉଦ୍ୟମରେ ଖୋଲିଦିଅ । ତମର ଲକ୍ଷ୍ୟ ରହୁ ଜନକଲ୍ୟାଣରେ । ସମାଜ ମଙ୍ଗଳ ନିମନ୍ତେ ତମେମାନେ ଉତ୍ସର୍ଗୀକୃତ କର୍ମଧାରା ଗ୍ରହଣ କର । ଦେଖିବ, ତମର ତଥା ତମ ପରିବାରର ଭରଣପୋଷଣ ସହିତ ସ୍ୱାଧୀନ ଭାବରେ ମର୍ଯ୍ୟାଦା ସହକାରେ ତମେ ଏହି ପୁଣ୍ୟଭୂମି ଭାରତର ସେବାରେ ନିଜକୁ ଯଥାର୍ଥ ଭାବରେ ବିନିଯୋଗ କରିପାରିଛ । ଦେଶରେ ଆରମ୍ଭ ହୋଇଥିବା ଭ୍ରଷ୍ଟାଚାର ଯଜ୍ଞରେ ତମେ ଆଉ ଆହୁତି ଦେଇ ତା'କୁ ଅଧିକ ପ୍ରଜ୍ୱଳିତ ନ କରି ନିର୍ବାପନ କରିବାର ଲକ୍ଷ୍ୟରେ ଦୃଢ଼ ରୁହ । ତମେ ନିଜେ ଥରେ ବିଶ୍ୱାସର ସହିତ ଦୃଢ଼ ଓ ନୀତିବାନ୍ ହୋଇଗଲେ, ଦୁର୍ନୀତିଗ୍ରସ୍ତ ଭ୍ରଷ୍ଟାଚାରୀମାନେ ତମକୁ ଭୟ କରିବେ ହିଁ କରିବେ ।

ହେ ମୋର ବୀର ପୁତ୍ରକନ୍ୟାମାନେ ! ତମେ କ'ଣ ଏତିକି ସ୍ୱାର୍ଥ ତ୍ୟାଗ କରିପାରିବ ନାହିଁ ? ଏକ ସୁସ୍ଥ ରାଷ୍ଟ୍ରୀୟ ପରମ୍ପରା ସୃଷ୍ଟି କରିପାରିବ ନାହିଁ ?? ତମ ଇଚ୍ଛା ଓ ଆମ ଇଚ୍ଛାକୁ ଗୋଟିଏ ବିନ୍ଦୁରେ ମିଳିତ କରିପାରିବ ନାହିଁ ??? ଆମର ତମ ଉପରେ ଯଥେଷ୍ଟ ବିଶ୍ୱାସ ଅଛି । ତମେ ନିଶ୍ଚୟ ପାରିବ ହିଁ ପାରିବ । ସାହସ ସଞ୍ଚୟ କର । ଚରିତ୍ର ଗଠନ କର । ନୀତିବାନ୍ ହୁଅ । ତମର ଜୟ ହେଉ !!!

***

## ବିଜ୍ଞାପନ

ଗୁରୁକୁଳାଶ୍ରମ ପଦ୍ଧତିରେ ଆଧ୍ୟାତ୍ମିକ ଶିକ୍ଷା ପ୍ରଦାନ ନିମନ୍ତେ ସ୍ୱର୍ଣ୍ଣକ୍ଷେତ୍ରସ୍ଥିତ ବିଶ୍ୱଭ୍ରାତୃତ୍ୱ ବିଦ୍ୟାମ୍ବୁ ପରିଷଦ୍‌ର ଏକ ବିଭାଗ ''ସନାତନ ଆଧ୍ୟାତ୍ମିକ ବିଦ୍ୟା ନିକେତନ''ର ଏକ ଶାଖା ବିଦ୍ୟାଳୟ ଜଗତପୁରର ଜଗନ୍ନାଥ ଇନ୍ କମ୍ପ୍ଲେକ୍ସର 'କେଶବ ଭବନ'ଠାରେ ଖୋଲାଯାଇଅଛି । ଆଗ୍ରହୀ ବ୍ୟକ୍ତି ବିଶେଷଙ୍କୁ ଏହାର ସୁଯୋଗ ନେବା ପାଇଁ ଅନୁରୋଧ । ଏଥି ନିମନ୍ତେ ଆବେଦନପତ୍ର ଆହ୍ୱାନ କରାଯାଇଅଛି । ମାହାଙ୍ଗାସ୍ଥ ବିଶ୍ୱଭ୍ରାତୃତ୍ୱ ବିଦ୍ୟାମ୍ବୁ ପରିଷଦ୍ କାର୍ଯ୍ୟାଳୟରେ ବା କେଶବ ଭବନରେ ଅନୁସନ୍ଧାନ କରନ୍ତୁ ।

*ସମ୍ପାଦକ, ସନାତନ ଆଧ୍ୟାତ୍ମିକ ବିଦ୍ୟା ନିକେତନ*

# ଶ୍ରୀଶ୍ରୀ ଠାକୁରଙ୍କ ଦର୍ଶନରୁ

# ମୋହ



ମୋହ ବଶରୁ ବହୁ ସତାତ୍ମା ଅନେକ କ୍ଷେତ୍ରରେ ଅହଙ୍କାରର ଶିକାର ହୋଇ ଦେବଦୁର୍ଲଭ ମାନବ ଜୀବନକୁ ପାପ କଳଙ୍କିତ କରି ଦେଇଥିବାର ପର୍ଯ୍ୟାପ୍ତ ପ୍ରମାଣ ରହିଛି । ମୋହ ସମ୍ପର୍କରେ ଅବଗତ ହେଲେ ଏତାଦୃଶ ଆଧ୍ୟାତ୍ମିକ ଅଧଃପତନରୁ ରକ୍ଷା ମିଳିବା ସମ୍ଭବ । ବିଶ୍ୱ କଲ୍ୟାଣ ଅର୍ଥେ ଶ୍ରୀ ଶ୍ରୀ ଠାକୁରଙ୍କ ଦର୍ଶନତତ୍ତ୍ୱରୁ ମୋହ ସମ୍ପର୍କିତ ଲେଖା ଚରମରେ ପତ୍ରସ୍ଥ ହେଉଛି ।

**ଶିଷ୍ୟ ଉବାଚ :**

ଜ୍ଞାତଚୋର୍ମାର ପ୍ରକରଣ । କହ ହେ ଦେବ ନାରାୟଣ ।।<br>
ଶ୍ରବଣେ ବଳୁଅଛି ମନ । ଭୋଦେବ, ସନ୍ତୋଷ ବିଧାନ ।।

**ଶ୍ରୀ ଗୁରୁସ୍ୱାମୀ ଉବାଚ :**

ଜ୍ଞାତଚୋର୍ମାର ଦୁଇ ଭେଦ । ହିତ ଓ ଅହିତ ପ୍ରଭେଦ ।।

ଅହିଜ୍ଞାତଚୋର୍ମା ମୋହ ଯେପରି (୧) **ସୁସୁପ୍ତି ମୋହ** ଏବଂ (୨) **ଅସୁସୁପ୍ତି ମୋହ** ଏହି ଦୁଇ ଶ୍ରେଣୀରେ ବିଭକ୍ତ, (ଚରମ: ୨ୟ ପୁଷ୍ପ: ୪ର୍ଥ ପାଖୁଡ଼ା ଦ୍ରଷ୍ଟବ୍ୟ) । ଜ୍ଞାତଚୋର୍ମା ମୋହ ସେହିପରି (୧) **ହିତଜ୍ଞାତଚୋର୍ମା ମୋହ** ଏବଂ (୨) **ଅହିତଜ୍ଞାତଚୋର୍ମା ମୋହ** ଏହି ଦୁଇ ଶ୍ରେଣୀରେ ବିଭକ୍ତ ।

**ଶ୍ରୀ ମନ୍ନାରାୟଣ ଉବାଚ :**

ବସ୍ତୁ ଅଳୀକ ଲୋଭନୀୟ । ମନ କ୍ଷଣକେ ଜଡ଼ିଦିଅ ।।<br>
ଭୋଗ ସରିବା ପରେ ପରେ । ପୁଣି ତାହାକୁ ତ୍ୟାଗ କରେ ।।<br>
ଏ କ୍ରିୟା କରେ ଯେଉଁ ମୋହ । ସେ ହିତଜ୍ଞାତଚୋର୍ମା ମୋହ ।।

ଯେ କୌଣସି ଲୋଭନୀୟ ବସ୍ତୁ ଯେତେ ଅଳୀକ ହୋଇଥିଲେ ମଧ୍ୟ ମନୁଷ୍ୟର ମନ ସେହି ବସ୍ତୁର ଲୋଭନୀୟତାରେ କ୍ଷଣିକ ମଧ୍ୟରେ ଜଡ଼ିତ ହୋଇଯାଏ । ବସ୍ତୁଟିକୁ ଭୋଗ କରିବା ପାଇଁ ମନୁଷ୍ୟ ଆସକ୍ତି ବଶବର୍ତ୍ତୀ ହୁଏ । ଅବଶ୍ୟ ଭୋଗ ଲାଳସାର ପରିତୃପ୍ତି ପରେ ମନ ତହିଁରେ ଚିରଦିନ ଲାଖି ନ ରହି, ତାହାକୁ ପରିତ୍ୟାଗ କରେ ଓ ପୁନର୍ବାର ନୂତନ ଆକର୍ଷଣୀୟ ଏବଂ ଲୋଭନୀୟ ବସ୍ତୁର ମୋହରେ ପଡ଼େ । ଯେଉଁ ମୋହ ମନୁଷ୍ୟ ମନରେ ଏହି କ୍ରିୟା ବାରମ୍ବାର କରେ, ତାହାକୁ ହିତଜ୍ଞାତଚୋର୍ମା ମୋହ କୁହାଯାଏ । ଜ୍ଞାତଚୋର୍ମା ମୋହର ଏହା ପ୍ରଥମ ପ୍ରକରଣ ବା ପ୍ରଥମ ଶ୍ରେଣୀ ବା ପ୍ରଥମ ପ୍ରକରଣ ଅଟେ ।

ଉଦାହରଣଟିଏ ଦେଉଛି, ଶୁଣ । ଏହି ଉଦାହରଣରୁ ହିତଜ୍ଞାତଚୋର୍ମା ପ୍ରକରଣ ସ୍ପଷ୍ଟ ବୁଝାପଡ଼ିବ । ତମମାନଙ୍କ ମଧ୍ୟରୁ ଅନେକେ ସୁନ୍ଦର ଶିଶୁଟିଏ ଦେଖିଲେ କୋଳ କରିବାକୁ, ସ୍ନେହ କରିବାକୁ, ଚୁମ୍ବନ ଦେବାକୁ ଓ ଆନନ୍ଦ ମନରେ

ଶିଶୁଟିକୁ ବାରମ୍ବାର ଚାହିଁ ଦେଖିବାର ଲୋଭ ସମ୍ଭାଳି ପାରନ୍ତି ନାହିଁ । ମନେରଖ, ଏହାହିଁ ହେଉଛି ହିତଜ୍ଞାତଚୋର୍ମା ମୋହର ବ୍ୟବହାର । ଠିକ୍ ସେହିପରି କୌଣସି ନବ ଯୁବତୀକୁ ଦେଖିବାମାତ୍ରେ ଅନେକଙ୍କ ମନ ବ୍ୟାକୁଳତାରେ ଘାରିହୁଏ । ଯୁବତୀର ନବଯୌବନର ସୌନ୍ଦର୍ଯ୍ୟ ଦେଖି ମନନୟନ ତହିଁରେ ଲାଖିଯାଏ । ତା' ସହିତ ଦୁଇ ଚାରି ପଦ କଥାବାର୍ତ୍ତା କରିବାପାଇଁ ମନ ବ୍ୟାକୁଳ ହୁଏ । ନବଯୁବତୀର ସୁନ୍ଦର ରୂପଦର୍ଶନ କଲା ପରେ ତା'କୁ ଉପଭୋଗ କରିବାର ବାସନା ମନକୋଣରେ ଜାଗ୍ରତ ମଧ୍ୟ ହୋଇଥାଏ । ଏହା ହିତଜ୍ଞାତଚୋର୍ମା ମୋହ ବଶରୁ ହୋଇଥାଏ । ଏହି ହିତଜ୍ଞାତଚୋର୍ମା ମୋହ ପ୍ରାଣୀର ତନୁମନକୁ କଣ୍ଢେଇ ପରି ନିଜ ଇଚ୍ଛାମତେ ନଚାଇଥାଏ । ଠିକ୍ ଏହି ନ୍ୟାୟରେ ପ୍ରାଣୀ ସୁନ୍ଦର ଫୁଲଟିଏ ଦେଖି ପାଇବାକୁ ମନ ବଳାଇଥାଏ, ଏପରିକି ଫୁଲଟିକୁ ବୃନ୍ତରୁ ଛିଡ଼ାଇ ଆଣିବା ନିମନ୍ତେ ହାତ ବଢ଼ାଇ ଦିଅନ୍ତି । ଏହି ମୋହ ବଶରୁ ମୋହିତ ପ୍ରାଣୀର ମନ କୋଣରେ ଉପଭୋଗ ଆଶାର ଦୀପ ଦପ୍ ଦପ୍ ହୋଇ ଜଳିଉଠେ । ଯେ କୌଣସି ସୁନ୍ଦର ବସ୍ତୁକୁ ପାଇ ତାହାକୁ ଉପଭୋଗ କରିବା ନିମନ୍ତେ ମାନସିକ ସନ୍ତୁଳନ ଓ ପୀଡ଼ା ଭୋଗ କରେ । ଉପଭୋଗର ପରକ୍ଷଣରେ ଏ ପ୍ରକାର ମାନସିକତା ଉଭେଇଯାଏ ।

| | | |
|---|---|---|
| କ୍ଷଣିକ ପାଇଁ ଆସିଥାଇ | । କ୍ଷଣକେ ଉଭାଇଣ ଯାଇ | ।। |
| ନ ଜାଣିପାରେ ଏହା ପ୍ରାଣୀ | । ମୋହ ବଶରୁ ଭୋଗ ଘେନି | ।। |
| କ୍ଷଣିକ ଉପଭୋଗ କରି | । ନିଜତ୍ୱ, ବ୍ୟକ୍ତିତ୍ୱକୁ ସାରି | ।। |
| ଶ୍ରୀହୀନ ହୋଇପଡ଼େ ସିନା | । ହିତଜ୍ଞାତର କ୍ରିୟା କିନା | ।। |

ଏବେ ଅହିତଜ୍ଞାତଚୋର୍ମା ମୋହ ବିଷୟରେ ଶୁଣ । ପ୍ରାଣୀମାନେ ନାନା ପ୍ରକାର କର୍ମକର୍ମାଣି ଅବଶ୍ୟ କରିଥାଆନ୍ତି । କର୍ମକର୍ମାଣି ଶେଷରେ ପ୍ରାଣୀମାନେ ନିର୍ଦ୍ଧାରିତ ଦାନ ପ୍ରଦାନ କରିଥାଆନ୍ତି । କେତେକ ପୁରୋଧା କର୍ତ୍ତାଙ୍କଠାରୁ ଜିଦ୍ କରି ଅଧିକ ଅର୍ଥ ଦାବୀ କରି ଠକାଇ ନିଅନ୍ତି । ଜୋର୍‌ଜବରଦସ୍ତ ପୁରୋଧା ଏହି ଦାନ ଗ୍ରହଣ କରିଥାନ୍ତି । ସମାଜରେ କର୍ତ୍ତା ବିବାହ, ବ୍ରତ, ଶ୍ରାଦ୍ଧ, ଯଜ୍ଞାଦି କର୍ମକର୍ମାଣି କରି ଅଜ୍ଞତା ହେତୁ ପୁରୋହିତମାନଙ୍କଠାରୁ ଠକିଯାଆନ୍ତି । ପୁରୋହିତ ଓ ସେବାୟତମାନେ ଅଜ୍ଞ କର୍ତ୍ତାମାନଙ୍କୁ ଭଣ୍ଡିଥାଆନ୍ତି । ସେମାନେ କର୍ତ୍ତାଙ୍କର ସ୍ୱେଚ୍ଛାକୃତ ଦାନ ଦକ୍ଷିଣାରେ ସନ୍ତୁଷ୍ଟ ନ ହୋଇ ଅସନ୍ତୋଷ ପ୍ରକାଶ କରନ୍ତି ଏବଂ କର୍ତ୍ତାର ଶକ୍ତି ବହିର୍ଭୂତ ଅଯଥା ଅତ୍ୟଧିକ ଦାନ ଦକ୍ଷିଣା ଦାବୀରେ ଅଡ଼ିବସନ୍ତି । କର୍ତ୍ତାକୁ ଅଯଥା ହଇରାଣ ହରକତ୍ କରି କର୍ତ୍ତାର ଶକ୍ତି ବହିର୍ଭୂତ ଅଯଥା ଅତ୍ୟଧିକ ଦାନ ଦକ୍ଷିଣା ଗ୍ରହଣ କରି ପୁରୋଧା ଓ ସେବାୟତମାନେ ଆପଣାର ଅଜ୍ଞାନତାରୁ ଦାରିଦ୍ର୍ୟ ଭୋଗ କରନ୍ତି । ସେମାନେ ଯେ କେବଳ ଇହଲୋକରେ ଦରିଦ୍ର ହୁଅନ୍ତି ତା' ନୁହେଁ, ପରଲୋକରେ ମଧ୍ୟ ଦାରିଦ୍ର୍ୟ କଷଣ ଭୋଗନ୍ତି । ଏହି ଅହିତଜ୍ଞାତଚୋର୍ମା ମୋହ ପ୍ରାଣୀର ହୃଦୟରେ ଶୋକ ଏବଂ କୋହ, ଦୁଃଖ ଏବଂ ଦୁର୍ଦ୍ଦଶା ଭରିଦେଇଥାଏ ।

ତେଣୁ କସ୍ମିନ୍‌କାଳେ କାହାରିଠାରୁ ତା'ର ଶକ୍ତି ବହିର୍ଭୂତ ଅତ୍ୟଧିକ ଦାନ, ଦକ୍ଷିଣା ଦାବୀ କରିବା ବା ଗ୍ରହଣ କରିବା ଆଦୌ ବାଞ୍ଛନୀୟ ନୁହେଁ । ଯଦି କେହି ଏପରି କରୁଥାଏ, ତେବେ ବୁଝିବାକୁ ହେବ ଯେ, ସେ ଅହିତଜ୍ଞାତ ଚୋର୍ମା ମୋହ ହେତୁ ଏପରି ଅର୍ଥ ପିଶାଚ ସାଜିଛି ଏବଂ ସେ ତା'ର ଇହ ଓ ପରକାଳ ଜୀବନରେ ନିଶ୍ଚିତ ଭାବରେ ଦାରିଦ୍ର୍ୟ ଦୋଷଦୁଷ୍ଟ ହୋଇ ଶୋକ, କୋହ, ଦୁଃଖ, ଦୁର୍ଦ୍ଦଶାରେ କାଳାତିପାତ କରିବ ହିଁ କରିବ ।

❐

ସବୁଠି ଗେଞ୍ଜୁଛୁ ଆପଣା ନାସା ।
ମାନ ସମ୍ମାନର ରଖୁଛୁ ଆଶା ।।
କାକ ପିକ ଭେଦ ବାରିଲୁ ନାହିଁ
ଦିବ୍ୟଦୃଷ୍ଟି ବାବୁ, ପାଇଲୁ କାହିଁ ।

ଆବୋରି ନେଉଛୁ ସବୁ ଦାୟିତ୍ୱ ।
ତହିଁରେ କି ବଢ଼ିଯିବ ମହତ୍ତ୍ୱ ??
ସମଭାବେ ସମଦରଶୀ ହୋଇ ।
ସଭିଙ୍କୁ ଆଦରେ ସମ୍ବୋଧ ଭାଇ ।

# ଆଧ୍ୟାତ୍ମିକ ପ୍ରବନ୍ଧ

*'ଚରମ' ପୃଷ୍ଠାର ଏହା ଏକ ନିୟମିତ ଧାରାବାହିକ । ଏହି ଶୀର୍ଷକରେ ବ୍ରହ୍ମଜିଜ୍ଞାସୁ ଅଗଣିତ ପାଠକ/ପାଠିକାମାନଙ୍କୁ ପରମାର୍ଥିକ ମାର୍ଗର ଶାନ୍ତି ସନ୍ତୋଷ ପ୍ରଦାନ କରିବା ଆମର ଲକ୍ଷ୍ୟ । ଏହି ଉଦ୍ଦେଶ୍ୟକୁ ସମ୍ମାନ ଦେଇ ଏହି ଶୀର୍ଷକରେ ବିଭିନ୍ନ ସଂଖ୍ୟାରେ ଭିନ୍ନ ଭିନ୍ନ ରୁଚିର ଆଧ୍ୟାତ୍ମିକ ପ୍ରବନ୍ଧମାନ ପ୍ରସ୍ତୁତ ହେଉଛି । ଏହି ସଂଖ୍ୟାରେ ଶ୍ରୀଗୁରୁଙ୍କ ଶ୍ରୀ ଚରଣାଶ୍ରିତ ହୋଇ ସୁଖ ସାର୍ଥକ ଜୀବନ ଲାଭର ପଥ ନିର୍ଦ୍ଦେଶିତ ହୋଇଛି ଏହି ପ୍ରବନ୍ଧ : ''ବନ୍ଦେ ଗୁରୁଦେବ ! ତବ ଚରଣାରବିନ୍ଦମ୍'' ରେ ।*

## ବନ୍ଦେ ଗୁରୁଦେବ ! ତବ ଚରଣାରବିନ୍ଦମ୍ ।

କେତେ ବିଚିତ୍ର ଏହି ସୃଷ୍ଟି । କେତେ କେତେ ରୂପ, ରଙ୍ଗ, ଭାବ, ଭାବନା ନେଇ ସେ ନିତ୍ୟ ନୂତନା ଓ ଅପରୂପା । ବ୍ୟକ୍ତ ଓ ଅବ୍ୟକ୍ତର ମଧୁର ସମନ୍ୱୟ ଏହି ସୃଷ୍ଟିରେ । ଦିବ୍ୟ ଓ ଅଦ୍ୟବର ଦିବ୍ୟ ଶୃଙ୍ଗାର ଏହି ସୃଷ୍ଟିରେ । ବସ୍ତୁ ଆଉ ଭାବର ଏକାତ୍ମ ରଚନା ଏହି ସୁନ୍ଦର ଧରାରେ । ତେଣୁ ଧୂଳିର ଧରାକୁ ଅବତରି ଆସନ୍ତି ଦିବ୍ୟାତ୍ମା ଅବତାରୀ ପୁରୁଷମାନେ ।

ଲୋକେ କହନ୍ତି, ଏହା ଦୁନିଆଁ । ଦୁନିଆଁ ଅର୍ଥ, ଦୁଇ ନିଆଁର ସମନ୍ୱୟ । ଏହି ଦୁଇ ନିଆଁ ହେଲା, ଏନ୍ତୁଡ଼ିଶାଳର ନିଆଁ ଓ ଳୁଣର ଚିତା । ଏହି ଦୁଇ ନିଆଁକୁ ସମୟର ଯେଉଁ କାଳ୍ପନିକ ରେଖା ଯୋଡ଼ି ଦେଇଛି, ତା'ର ନାମ ହିଁ ଦୁନିଆଁ । ସେହି ଦୁନିଆ ଭିତରେ ଆତଯାତ ହେଉଛନ୍ତି ସ୍ଥାବର-ଜଙ୍ଗମ, କୀଟ ପତଙ୍ଗ ଆଦି କେତେ କେତେ ପ୍ରାଣୀ । ତା' ଭିତରେ ସର୍ବଶ୍ରେଷ୍ଠ ହେଉଛି ମଣିଷ । ଚଉରାଶି ଲକ୍ଷ ଯୋନି ପରିକ୍ରମଣ କରି ମନୁଷ୍ୟ ଜନ୍ମଲାଭ କରେ ମାତୃଗର୍ଭରୁ । ବଡ଼ ଦୁର୍ଲଭ ଏ ମନୁଷ୍ୟ ଜନ୍ମ ।

ବିବେକ, ବିଚାର ଓ ଚେତନାରେ ଶ୍ରେଷ୍ଠ ବୋଲି ଇତର ପ୍ରାଣୀଠାରୁ ମନୁଷ୍ୟ ଜନ୍ମ ମହତ୍ । ସତ୍ୟ କଥନ୍, ସତ୍ୟ ଦର୍ଶନ, ସତ୍ୟ ଆଚରଣ ମଧ୍ୟରେ ମନୁଷ୍ୟତ୍ୱର ବିକାଶ ଘଟେ । ଆଚରଣ ଓ ଉଚ୍ଚାରଣର ସମନ୍ୱୟରେ ନିର୍ମଳ ବ୍ୟକ୍ତିସତ୍ତା ଜାଗରିତ ହୁଏ । ରୀତି, ନୀତି, ବିଚାରବୋଧ ଦ୍ୱାରା ଚୈତନ୍ୟ ଜାଗ୍ରତହୁଏ । ଏହି ଚେତନାର ଜାଗୃତି ହିଁ ଦିବ୍ୟାତ୍ମାବୋଧର ଅନୁଭବ ଆଣିଦିଏ । ଭାବରୁ ଜ୍ଞାନର ଉଦୟ । ଜ୍ଞାନରୁ ଚୈତନ୍ୟ । ଚୈତନ୍ୟରୁ ଦିବ୍ୟପ୍ରେମ, ଦିବ୍ୟପ୍ରେମରୁ ଅଧ୍ୟାତ୍ମ ଭାବ । ଅଧ୍ୟାତ୍ମ ଭାବରୁ ଈଶ୍ୱରାନୁଭବ ହୋଇଥାଏ । ସୁପ୍ତ ଚେତନାକୁ ଜାଗ୍ରତ ନ କଲେ ଭଗବାନଙ୍କ ସହିତ ଭେଟ ହୁଏ ନାହିଁ । ଭଗବାନଙ୍କ ସହ ଭେଟ ନହେଲେ ଆତ୍ମା ଓ ପରମାତ୍ମାଙ୍କ ନିତ୍ୟରାସ ହୁଏ ନାହିଁ ।

ଭଗବାନଙ୍କର ଅନ୍ୟ ଏକ ନାମ ସଚ୍ଚିଦାନନ୍ଦ । ସଚ୍ଚିଦାନନ୍ଦର ଅର୍ଥ ସତ୍, ଚିତ୍ ଓ ଆନନ୍ଦ । ହୃଦୟ ମଧ୍ୟରେ ସତ୍ୟକୁ ଅନୁଭବ କରି, ସତ୍ୟ ଦର୍ଶନ କରି, ସତ୍ୟ ପଥରେ ଗମନ କରି, ସତ୍ୟ ଆଚରଣ କଲେ ଚେତନାର ଉଦୟ ହୁଏ । ଚେତନାର ଉଦୟ ହେଲେ ଆନନ୍ଦର ଉନ୍ମେଷ ଘଟେ । ଏହି ଆନନ୍ଦ କ'ଣ ? ଏ ଆନନ୍ଦ ଭୋଗ, ବିଳାସ, ଇନ୍ଦ୍ରିୟ ଲାଳସା କିମ୍ବା ପାର୍ଥିବ ସୁଖ ନୁହେଁ, ଏହା ଇନ୍ଦ୍ରିୟାତୀତ ଅପାର୍ଥିବ ସୁଖଭାବନା । ଏହି ଦିବ୍ୟ ସୁଖ-ଭାବନା ହିଁ ଆନନ୍ଦ । ଏହି ଆନନ୍ଦ ଅମୃତତ୍ୱ ଆଣିଦିଏ ।

'ଆନନ୍ଦମମୃତମ୍ ଯଦ୍ ବିଭାତି'- ଆନନ୍ଦ ଭିତରୁ ଅମୃତର ପ୍ରାପ୍ତି । ଏହି ଅମୃତ ପାନ କଲେ ଜୀବ ଅଜର, ଅମର, ଅବିନାଶୀ ହୋଇଯାଏ । ଏହି ଆନନ୍ଦ ହିଁ ବ୍ରହ୍ମାନନ୍ଦ ସହୋଦର । ଆନନ୍ଦକୁ ପାଇଗଲେ ବ୍ରହ୍ମଙ୍କୁ ପାଇବାର ପଥ ପରିଷ୍କାର ହୋଇଯାଏ । ଆନନ୍ଦ ଅର୍ଦ୍ଧଚନ୍ଦ୍ର ରୂପରେ ବ୍ରହ୍ମଙ୍କୁ ଆଚ୍ଛନ୍ନ କରି ରଖିଛି ।

ବ୍ରହ୍ମପାଖକୁ ଯିବାକୁ ହେଲେ ଆନନ୍ଦକୁ ମାଧ୍ୟମ କରିବାକୁ ହେବ । ଆନନ୍ଦର ସାହାଯ୍ୟ ବିନା ବ୍ରହ୍ମର ନିକଟବର୍ତ୍ତୀ ହେବା ସହଜ ନୁହେଁ । ଏହି ଆନନ୍ଦ ହିଁ ମହାକାମନା । ପରଂବ୍ରହ୍ମ ରୂପୀ ଦାରୁଦେବତା ଜଗନ୍ନାଥଙ୍କର ଅର୍ଦ୍ଧଚନ୍ଦ୍ରାକୃତି ଅଧର ହିଁ ଆନନ୍ଦର ସ୍ୱରୂପ । ତେଣୁ ସେ ଅମୃତ ଅଧରରୁ ଆନନ୍ଦ ଝରୁଥାଏ । ସେହି ଅଧରରେ ଲାଗି ହୋଇ ମହାପ୍ରସାଦ ଯାଏ ଆନନ୍ଦ ବଜାରକୁ । ସେଇଥିପାଇଁ ବଜାରର ନାମ ପରା ଆନନ୍ଦବଜାର, ଧାମର ନାମ ଆନନ୍ଦଧାମ, ମହାପ୍ରସାଦର ନାମ କୈବଲ୍ୟ । ତାହା ପୁଣି ପ୍ରଭୁଙ୍କର କରୁଣାରୁ ମିଳେ, କରୁଣା ବିନା ଆନନ୍ଦ କାହିଁ ? ଆନନ୍ଦ ବିନା ବ୍ରହ୍ମ କାହିଁ ??

ତେଣୁ ହୃଦୟକୁ କ୍ଷେତ କରିଦିଅ । ଭାବକୁ ବୀଜ ମଣ । ଭକତିକୁ ରସ କର । ତା'ପରେ ବୀଜରୁ ଯେଉଁ ଅଙ୍କୁର ବାହାରିବ ତାହାକୁ ହିଁ ପ୍ରେମ ବୋଲି ଜାଣ । ସେହି ପ୍ରେମର ବୃକ୍ଷରୁ ଯେଉଁ ଫଳ ମିଳିବ, ତାହା ହିଁ ଆନନ୍ଦ । ସେହି ଆନନ୍ଦ ଫଳକୁ ଲାଭ କଲେ ବ୍ରହ୍ମର ଅନୁଭବ ଆସେ । ଚୈତନ୍ୟ ଜାଗ୍ରତ ନ ହେଲେ ଏ ସବୁ କିଛି ହେବ ନାହିଁ ।

''ଚିଆଁଇ ଚୈତନ୍ୟ ଜୀବ ପରମକୁ ଭେଟାଭେଟି କର ହରି''- ଚୈତନ୍ୟ ଜାଗରିତ ହେଲେ, ଆନନ୍ଦର ପ୍ରାପ୍ତି ହୁଏ । ସେହି ଆନନ୍ଦର ଗର୍ଭରୁ ଜାତ ହୁଏ ଦିବ୍ୟଜ୍ଞାନ । ଏହି ଜ୍ଞାନ ଅନ୍ଧାରରୁ ଆଲୋକ ଆଡ଼କୁ, ମିଥ୍ୟାରୁ ସତ୍ୟଆଡ଼କୁ ଘେନିଯାଏ । ଚୈତନ୍ୟକୁ ଜାଗ୍ରତ କରିବାକୁ ହେଲେ ମାୟାଠାରୁ ଦୂରେଇ ରହିବାକୁ ପଡ଼ିବ । ମାୟାର ଅନେକ ଅବସ୍ଥା ମଧ୍ୟରୁ ଦୁଇଟି ଅବସ୍ଥା-- ଗୋଟିଏ 'ଯୋଗମାୟା' ଅନ୍ୟଟି ' ମହାମାୟା' । ଯୋଗମାୟାକୁ ନେଇ ଈଶ୍ୱର ଲୀଳା କରନ୍ତି । ସୃଷ୍ଟିର ସୃଜନ, ପାଳନ ଓ ପ୍ରଳୟ କରନ୍ତି । ଯୋଗମାୟା ଈଶ୍ୱରଙ୍କୁ ଉପଲବ୍ଧି କରିବାର ବାଟ କଢ଼ାଇ ଆଣେ । କିନ୍ତୁ ମହାମାୟା ମଣିଷ ସହିତ ବାସ କରେ । ମୋହ, ଭୋଗ, ବିଳାସ, ଆସକ୍ତି ଇନ୍ଦ୍ରିୟ କାମନାରେ ବଶୀଭୂତ କରିଦିଏ ମନୁଷ୍ୟକୁ । ମଣିଷ ଅନ୍ଧାର ଭିତରେ ଘାଣ୍ଟିହୁଏ । ଆସକ୍ତିର ପଙ୍କ ଭିତରେ ଘୁଷୁରୀପରି ଲୋଟୁଥାଏ । ପାପପଙ୍କରେ ସଲବଲ ହେଉଥାଏ । କିନ୍ତୁ ଆମକୁ ପଙ୍କରେ ଘୁଷୁରି ନୁହେଁ, ପଙ୍କଜ ହେବାକୁ ହେବ । ସତ୍ୟରୂପୀ ସନାତନ ସୂର୍ଯ୍ୟନାରାୟଣଙ୍କ ଆଡ଼କୁ ମୁହଁକରି ସତ୍ୟର ଆଲୋକରେ କଳୁଷିତ ମୁହଁକୁ ଉଦ୍ଭାସିତ କରିବାକୁ ହେବ । ଦିବ୍ୟଭାବନାର ମୁକ୍ତ ପବନକୁ ସ୍ପର୍ଶ କରିବାକୁ ହେବ । ଦିବ୍ୟ ସଂଦେଶର ସୁରଭିକୁ ଆଘ୍ରାଣ କରିବାକୁ ପଡ଼ିବ ।

ଆମେ ଊର୍ଦ୍ଧ୍ୱମୁଖ ହେବା, ଆଲୋକ ମୁଖ ହେବା । ସୁରଭିତ, ସୁଶୋଭିତ ହେବା । ଏହି ହିଁ ଆତ୍ମାର ମୁକ୍ତିକାମୀ ଆକାଂକ୍ଷା । ଏହି ଆକାଂକ୍ଷାର ପରିପୂର୍ଣ୍ଣତା ହିଁ ଈଶ୍ୱର ଦର୍ଶନ । ତେଣୁ, ଏହି ଆକାଂକ୍ଷାର ପରିପୂର୍ଣ୍ଣତାପାଇଁ ଆମକୁ ମହାମାୟାର କବଳରୁ ମୁକ୍ତ ହୋଇ ଯୋଗମାୟା ସହିତ ଯୁକ୍ତ ହେବାକୁ ପଡ଼ିବ । ଭାବ ସହିତ ଜ୍ଞାନକୁ, ଭାବନା ସହିତ ଚେତନାକୁ ଯୋଡ଼ି ପିଣ୍ଡ ଭିତରେ ବ୍ରହ୍ମକୁ ଦେଖିବାକୁ ହେବ । ଈଶ୍ୱରଙ୍କ ଶୁଭ ଆଗମନ ପାଇଁ ହୃଦୟର ଦ୍ୱାରକୁ ମୁକ୍ତ କରିବାକୁ ହେବ । ପ୍ରେମ ଓ ଭକ୍ତିର ଗୋବର ପାଣିରେ ହୃଦୟକକ୍ଷକୁ ପରିଚ୍ଛନ୍ନ ଓ ବିଶୁଦ୍ଧ କରିବାକୁ ହେବ । ଦିବ୍ୟଭାବନାରୁ ଧୂପ-ଝୁଣାରେ ସେ ନିଳୟକୁ ସୁରଭିତ କରିବାକୁ ହେବ । ଈଶ୍ୱରଙ୍କ ବାସ ଉପଯୋଗୀ କରିବାକୁ ହେବ ଆମର ପିଣ୍ଡକୁ । ଆତ୍ମାକୁ ଧରି ରଖିବା ପାଇଁ ଦେହକୁ ଦେଉଳ କରିଦେବାକୁ ହେବ । ଦେହ ଭାବରେ ରହି ମଧ୍ୟ, ଆମେ ଦେହାଧୀନ ହେବା ନାହିଁ । ଦେହ ଧର୍ମ ପାଳନ କରି ମଧ୍ୟ, ଆମେ ଆତ୍ମାର ଉଦ୍‌ବୋଧନକୁ ଅପେକ୍ଷା କରିବା ।

ଭୂମିରୁ ଭୂମାକୁ, ଦେହରୁ ଦେହାତୀତକୁ, ସ୍ଥୂଳରୁ ସୂକ୍ଷ୍ମକୁ, ସୀମାରୁ ଅସୀମକୁ ଯାତ୍ରାର ଆକାଂକ୍ଷା ହିଁ ଦିବ୍ୟଭାବନା । ପ୍ରକୃତିରୁ ନିବୃତ୍ତିକୁ ଗମନ କରିବା ହିଁ ଈଶ୍ୱର-ଅନ୍ୱେଷଣ । ଦିବ୍ୟଚେତନାରେ ଈଶ୍ୱରଙ୍କୁ ଖୋଜି ପାଇବା ହିଁ ଚରମ ପ୍ରାପ୍ତି । ଏହି 'ଚରମ'କୁ ପାଇବାଲାଗି ମନୁଷ୍ୟର ଜନ୍ମ । ପାଇବାର ମାର୍ଗଟିକୁ ଖୋଜିବାକୁ ପଡ଼ିବ । ଯାତ୍ରା କରିବାପାଇଁ ପାଥେୟ ଯୋଗାଡ଼ କରିବାକୁ ହେବ । ଏ ମାର୍ଗ ସହଜରେ ମିଳେ ନାହିଁ । ବଡ଼ ଦୁର୍ଲଭ ଏ ପଥ । କେତେ କେତେ ମୁନି, ଋଷି, ସାଧକ, ମହାତ୍ମା ଯୁଗ ଯୁଗ ଧରି ଏହି ପଥର ସନ୍ଧାନରେ ଧ୍ୟାନରତ, ସାଧନାମଗ୍ନ । ତଥାପି ଅନାଦି, ଅନନ୍ତ, ଅଣାକାର, ଅନାମକୁ ପାଇବା ସହଜ ହୋଇ ନାହିଁ । ଭୁଲ୍ ବାଟ ଧରି ବୁଲିଲେ ନିରାଶ ହୋଇ ଫେରିବାକୁ ପଡ଼େ ।

ଖଳାରେ ପାଳଗଦାରେ ବଳଦ ବୁଲିବାପରି ନିଜ ଅହମିକା ଚାରିକଡ଼େ ଘୂରି ବୁଲିବା ହିଁ ସାର ହୁଏ । ଜନ୍ମ ପରେ ଜନ୍ମ ଏହିପରି ନିରାଶା, ବ୍ୟର୍ଥତା, ଅପକର୍ମରେ କଟେ । ମୁକ୍ତିର ପଥ ମିଳେ ନାହିଁ । କିନ୍ତୁ, ଠିକ୍ ବାଟ

ଧରିପାରିଲେ, ଦୁର୍ଲ୍ଲଭ ଜିନିଷ ମଧ୍ୟ ସହଜରେ ମିଳିଥାଏ । ବିଶ୍ୱଙ୍କ ସହ ଭେଟ ହୋଇଯାଏ । ତାଙ୍କରି କରୁଣା କଣାରେ ମୁକ୍ତି ମିଳିଯାଏ । ରୂପର ସାଗରରେ ବୁଡ଼ିଲେ ଅରୂପର ଦର୍ଶନ ମିଳେ । ସୀମା ଭିତରେ ଖୋଜିଲେ ଅସୀମକୁ ପାଇ ହୁଏ । ଭାବରେ ଖୋଜିଲେ ଭାବଗ୍ରାହୀ ଧରା ଦିଅନ୍ତି । ପିଲା ରାହା ଧରି କାନ୍ଦିଲେ ମାଆର ବକ୍ଷରେ ଆଲୋଡ଼ନ ସୃଷ୍ଟି ହୁଏ । କରୁଣାର ଧାରା ଝରିଆସେ, ସେ ସମ୍ଭାଳିପାରେ ନାହିଁ ନିଜକୁ । ମମତାର ନଦୀ ଉଛୁଳ ହୁଏ ତା' ବୁକୁରେ । ଧାଇଁ ଆସି ନିରୀହ ଶିଶୁକୁ କୋଳେଇ ନିଏ ମା, ମମତାଭରା ମଧୁର ଚୁମ୍ବନ ଭରିଦିଏ ଶିଶୁର ନିଷ୍ପାପ ମୁହଁରେ ।

ସେମିତି ଭାବରେ ଆକୁଳ ହୋଇ କାନ୍ଦିପାରିଲେ ଈଶ୍ୱର ସେହି ମାଆ ଭଳି ଧାଇଁ ଆସନ୍ତି ଭକ୍ତ ପାଖକୁ । ଆଶିଷ ଓ କରୁଣାର ଧାରା ଢ଼ାଳିଦିଅନ୍ତି ତା'ମୁଣ୍ଡରେ । ହେଲେ କାନ୍ଦି ଜାଣିବା ଦରକାର, ଆତୁରତାରେ ବିଭୋର ହୋଇ ଶିଖିବା ଦରକାର । ତା'ନହେଲେ, ଭଗବାନଙ୍କ ହୃଦୟ ତରଳିବା ସମ୍ଭବ ନୁହେଁ । ଖୋଜି ନ ଜାଣିଲେ ପଥ ମିଳେ ନାହିଁ । ପଥ ନ ପାଇଲେ ପ୍ରାପ୍ତି ପାଖରେ ପହଞ୍ଚି ହୁଏ ନାହିଁ । 'ଚରମ' ପାଖରେ ପହଞ୍ଚିବା ସମ୍ଭବ ହୁଏ ନାହିଁ । ନିଜର ଅପାରଗ ପଣିଆ ପାଇଁ ଲୋକେ ଈଶ୍ୱରଙ୍କୁ ନିନ୍ଦନ୍ତି । ଧର୍ମକୁ ଅବିଶ୍ୱାସ କରନ୍ତି । ଧର୍ମର ମାର୍ଗ ଛାଡ଼ି ଅଧର୍ମ ପଥରେ ମାତନ୍ତି । ନ୍ୟାୟ, ରୀତି, ନୀତି, ଆଚରଣ ଛାଡ଼ି ଅନାଚାରୀ, ବ୍ୟଭିଚାରୀ ହୁଅନ୍ତି । ଈଶ୍ୱରଙ୍କର ସନ୍ତାନ ହୋଇ ମଧ୍ୟ କୁଳାଙ୍ଗାର ହୁଅନ୍ତି । ଈଶ୍ୱରଙ୍କ ନିବାସ ଆପଣା ପିଣ୍ଡକୁ କଳୁଷିତ କରି ଦିଅନ୍ତି । ନିଜକୁ ନାସ୍ତିକ ବୋଲି କହିବାରେ ଗର୍ବ ବୋଧକରନ୍ତି । ସୃଷ୍ଟିରେ ଥାଇ ସୃଷ୍ଟି ଛଡ଼ା ହୁଅନ୍ତି । ଭାବକୁ ଛାଡ଼ି ଜ୍ଞାନରେ ମୂଢ଼ ହୁଅନ୍ତି । ଚେତନାକୁ ଛାଡ଼ି ଯୁକ୍ତିରେ ନିଜକୁ ବଡ଼ ମଣନ୍ତି ।

କିନ୍ତୁ, ଜାଣିବା ଲୋକଙ୍କୁ ପଥ ଦିଶେ ଉଜ୍ଜ୍ୱଳ । ସତ୍ୟର ସୂର୍ଯ୍ୟାଲୋକରେ ଝଲମଲ, ଦୁର୍ଲଭ ପ୍ରାପ୍ତିକୁ ସୁଲଭରେ ପାଇବାର ସହଜ ପଥଟିଏ ଅଛି । ସେ ପଥ ହେଲା, ଗୁରୁଙ୍କର ଶରଣାପନ୍ନ ହୋଇ ଆଶ୍ରିତ ହେବା । ଭକ୍ତିରେ, ସେବାରେ, ନିରନ୍ତର ଗୁରୁଙ୍କର ଆଶ୍ରିତ ହେବା । ନିଜର ଅହଙ୍କାରକୁ ବଳିଦେଇ ଆତ୍ମସମର୍ପିତ ହେବା । ଗୁରୁ ହେଲେ ସେମିତି ଏକ ଉଜ୍ଜ୍ୱଳ ଆଲୋକିତ ପଥ, ଯିଏ ସହଜରେ ପହଞ୍ଚାଇ ଦିଅନ୍ତି ଈଶ୍ୱରଙ୍କ ନିକଟରେ । ସୁପ୍ତ ପ୍ରାଣରେ ଦିବ୍ୟଜ୍ଞାନର ଉନ୍ମେଷ କରାନ୍ତି ଭକ୍ତପ୍ରାଣରେ । ଭକ୍ତର ସମସ୍ତ ଅପାରଗତା, ଅପକର୍ମ, ଅସମର୍ଥତାକୁ ନିଜ ଉପରକୁ ନେଇ, ସତ୍, ଚିତ୍, ଆନନ୍ଦର ମାର୍ଗଦେଇ ହାତ ଧରି ଧିରେ ଘେନି ଯା'ନ୍ତି ସଚ୍ଚିଦାନନ୍ଦଙ୍କ ପାଖକୁ । ଭକ୍ତ ତାଙ୍କରି ଭିତରେ ଦେଖନ୍ତି ସଚ୍ଚିଦାନନ୍ଦଙ୍କ ସ୍ୱରୂପ । ଗୁରୁଙ୍କ ଆଖିରେ ପ୍ରଭୁଙ୍କ ଆଖିର କରୁଣା ଝଲସି ଉଠେ । ଗୁରୁଙ୍କ ଓଠର ହସରେ ବିଭୁଙ୍କର ମମତା ଫୁଟି ଉଠେ ।

ଆକାଶରେ ଅନେକ ଛବି, ଅନେକ ଦୃଶ୍ୟ ଭାସି ବୁଲୁଥାଏ । ଖାଲି ଆଖିରେ ଦେଖି ହୁଏ ନାହିଁ । କିନ୍ତୁ, ସେ ସବୁ ଦୃଶ୍ୟ ଦେଖାଦିଏ ଟି.ଭି. ପରଦାରେ । ଗୁରୁ ସେହିପରି ଏକ ଟି.ଭି. ଯିଏକି ଅସୀମ, ଅନନ୍ତ ଈଶ୍ୱରଙ୍କର ସ୍ୱରୂପ ଦର୍ଶନ କରାଇ ଦିଅନ୍ତି ଭକ୍ତକୁ ତାଙ୍କ ନିଜ ହୃଦୟ ଭିତରେ ।


ତେଣୁ, ଗୁରୁହିଁ ଏକମାତ୍ର ପନ୍ଥା ଓ ପଥ । ଆଧ୍ୟାତ୍ମ ଜଗତରେ ପ୍ରବେଶ ପାଇଁ ନିରନ୍ତର ଯାତ୍ରାର ପଥ, ଚରମର ପଥପ୍ରଦର୍ଶକ । ଆଚରଣ ଓ ଉଚ୍ଚାରଣରେ ପବିତ୍ରତାର ପ୍ରଣବ ଧ୍ୱନି ।

ଆସ ଭାଇ, ଗୁରୁ ଚରଣରେ ସମର୍ପିତ ହେବା । ନିଜର କ୍ଷୁଦ୍ର ସଙ୍କୀର୍ଣ୍ଣତା, ଅହମିକା, ଇନ୍ଦ୍ରିୟାଧୀନ କାମନା ଓ ବାସନାକୁ ସମର୍ପିଦେବା । ମନ ଓ ହୃଦୟକୁ ସମର୍ପିଦେବା ସେହି ପଦାରବିନ୍ଦରେ । ସେଇଥିରେ ଆମର ଗତି-ମୁକ୍ତି ଏବଂ ପ୍ରାପ୍ତି-ଗୁରୁକୃପାହିଁ କେବଳମ୍ ।

ମନ୍ଦ ବଡ଼ପଣ କରରେ ଦୂର
ଅହଙ୍କାର ଅଟେ ନରକ ଦ୍ୱାର ॥

# ସମ୍ଭବାମି ଯୁଗେ ଯୁଗେ

# ଗର୍ଭବେଦୀ



ଶ୍ରୀମଦ୍ ଭାଗବତ କହେ :

''ଶୟନେ ସ୍ଥୂଳ ଦେହ ପାଇଁ । ଜନନୀ ଜରାୟୁକୁ ଯାଇ ॥''

ସ୍ଥୂଳ ଜଗତରେ ସ୍ଥୂଳ ଶରୀର ଲାଭ ନିମନ୍ତେ ଜନନୀ, ଜଠର, ଜରାୟୁ ହିଁ ଏକମାତ୍ର ମାଧ୍ୟମ । ଏହି ସତ୍ୟ ଦେବତାମାନଙ୍କ ପାଇଁ ମଧ୍ୟ ପ୍ରଯୁଜ୍ୟ । ମର୍ଯ୍ୟାଦାପୁରୁଷ ଶ୍ରୀ ରାମଚନ୍ଦ୍ର, ଭଗବାନ ଶ୍ରୀ କୃଷ୍ଣଚନ୍ଦ୍ରଙ୍କ ପରି ଶ୍ରୀଶ୍ରୀଠାକୁର କେଶବଚନ୍ଦ୍ର ମଧ୍ୟ ମାତୃଗର୍ଭ ସମ୍ଭୂତ । ମାତୃଗର୍ଭରେ ଶ୍ରୀଶ୍ରୀଶ୍ରୀ ଠାକୁରଙ୍କର ସ୍ୱ-ଅନୁଭୂତିର ସ୍ୱାକ୍ଷର ବହନ କରେ ''ସମ୍ଭବାମି ଯୁଗେ ଯୁଗେ' ଶୀର୍ଷକରେ :

## ଜନନୀ, ଜଠର, ଜରାୟୁ

ପୂର୍ବାନୁସୃତି : ଚରମ : ୨ୟ/୪ର୍ଥରୁ :

**ଶୃଣ ସୂକ୍ଷ୍ମ ଭୃଙ୍ଗ :** ମହାକାଳ ସୃଷ୍ଟ୍ରୀକ କ୍ରିୟାଦ୍ୱାରା ମା' ମୋହାଚ୍ଛନ୍ନ ହୋଇ ମାୟାଜାଲ ସୃଷ୍ଟିର କାରଣ ଦାୟୀ ହୁଏ । ମହାମାୟା ଯେତେବେଳେ ବ୍ରହ୍ମମାୟା କୋଷଗୁଡ଼ିକ ବିସ୍ତାର କଲା, ସେତେବେଳେ ଶୃଣ ସୂକ୍ଷ୍ମ ଭୃଙ୍ଗ ଦ୍ୱାରା ତିନୋଟି ପାଖୁଡ଼ାରେ ଆଶ୍ରୟ ନେଇ ଜୀବର ଦୁକୁଦୁକିର ଶ୍ୱାସକ୍ରିୟା ଜନିତ ପବନ ନାସାପଥ ଦେଇ ପ୍ରାଣ ପର୍ଯ୍ୟନ୍ତ ଚଳପ୍ରଚଳ କଲା । ପୁଣି କୁଣ୍ଡଳିନୀର ସୂକ୍ଷ୍ମ ଗତି ଭେଦ କରି ସୁଷୁମ୍ନା କାଣ୍ଡର ବତ୍ରିଂଶ ପାଖୁଡ଼ାକୁ ଧରି ପ୍ରାଣ ତା'ର ସ୍ଥାନ ନିରୂପଣ କଲା । ଏହାପରେ ଜରାୟୁସ୍ଥ ଜୀବର ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗକୁ ପବନ ଯୋଗାଇଲା ।

ଶୃଣର ଗତି ଅନୁସାରେ ଏହା ଚକ୍ଷୁ, କର୍ଣ୍ଣ, ନାସା, ମୁଖକୁ ପ୍ରାଣବାୟୁ ଯୋଗାଇଲା । ଚକ୍ଷୁ ତିଆରି ନ ହେବା ପୂର୍ବରୁ ସେହି ସ୍ଥାନରେ କୃଷ୍ଣବର୍ଣ୍ଣର ଗାର ଥାଏ । ଶୃଣ ଶବ୍ଦ ସୃଷ୍ଟି କରି ମୁଦ୍ରିତ ଚକ୍ଷୁକୁ ଦ୍ୱିଖଣ୍ଡିତ କରେ । ଉପର ପତା, ତଳ ପତା ବୋଲି ତାହାକୁ କୁହାଯାଏ । ଭ୍ରୂଲତାର କେଶଗୁଚ୍ଛର ମୂଳପିଣ୍ଡ ଲାଲବର୍ଣ୍ଣ ଦେଖାଯାଉଥାଏ । ଏହି ଲାଲ ବର୍ଣ୍ଣ ଦ୍ୱାରା ଶବ୍ଦ ଶୃଣ ସୂକ୍ଷ୍ମ ଭୃଙ୍ଗର ଆଶ୍ରୟ ନେଇ ସପ୍ତ ବ୍ରହ୍ମାଣ୍ଡ ଶବ୍ଦ ଦ୍ୱାରା ଆଲୋକ ଅନୁଭୂତ ହୁଏ । ଏକ ଚକ୍ଷୁ ସୂର୍ଯ୍ୟର ଓ ଅନ୍ୟଟି ଚନ୍ଦ୍ରର ଅଂଶୁ ଗ୍ରହଣ କରେ । ସୂର୍ଯ୍ୟଙ୍କର ଅଂଶୁ ଗ୍ରହଣ କରୁଥିବା ଚକ୍ଷୁ ସହସ୍ରାଂଶୁ ନୀଳବର୍ଣ୍ଣ ଆଲୋକ ଜରାୟୁରେ ଥାଇ ଅନୁଭବ କରେ । ଏହି ଅନୁଭବ ଦ୍ୱାରା ସହସ୍ର ଅଂଶୁ ବ୍ରହ୍ମାଣ୍ଡ ସୂର୍ଯ୍ୟଙ୍କଠାରୁ ପିଣ୍ଡସୂର୍ଯ୍ୟରେ ସୂକ୍ଷ୍ମାତିସୂକ୍ଷ୍ମ ଦ୍ରୋଳା ଦ୍ୱାରା ଶରୀରକୁ ଶକ୍ତି ଯୋଗାଇଥାଏ ।

ପିଣ୍ଡକୁ ଶକ୍ତି ଯୋଗାଇବାର ସପ୍ତଦିବସ୍‌ରେ ଜରାୟୁସ୍ଥିତ ପିଣ୍ଡ ପିତୃଯାନର ସୂକ୍ଷ୍ମ ଗୃହରେ (ପୂର୍ବରୁ ଯେଉଁଠି ଅବସ୍ଥାନ କରିଥିଲା) ସେହି ସ୍ଥାନର ଶବ୍ଦ ଜ୍ଞାନ କରେ । ପୂର୍ବରୁ ପିଣ୍ଡପୁରୁଷ ସ୍ଥିତିରେ ସେ ବ୍ରହ୍ମାଙ୍କର ପଞ୍ଚବାଳକ ବା କୁମାର ଅବସ୍ଥାରେ ଥିବା ଅନୁଭବ ହୁଏ । ବ୍ରହ୍ମାଙ୍କ ଅଂଶର ବାଳକମାନେ ଏହି ମଣ୍ଡଳ ପର୍ଯ୍ୟନ୍ତ ବ୍ୟାପ୍ତ ହୋଇଥାନ୍ତି । ଯେଉଁ ଆତ୍ମା କର୍ମଫଳ ସୁକୃତ ଜନିତ କ୍ରିୟା କରି ଐଶ୍ୱର୍ଯ୍ୟ, ଜ୍ଞାନାଦି ଆଣନ୍ତି, ଜରାୟୁସ୍ଥ ପିଣ୍ଡ ଅବସ୍ଥାରେ ସେହି ଆତ୍ମାକୁ ସେମାନେ ଆଶୀର୍ବାଦ ଓ କଲ୍ୟାଣ କରନ୍ତି । ଜରାୟୁରେ ଥିବା ପିଣ୍ଡକୁ ଆଶିଷ ପ୍ରଦାନ ଚିହ୍ନର ରେଣୁ ହରିଦ୍ରାବର୍ଣ୍ଣ ହୋଇଥାଏ । ସେହି ହରିଦ୍ରା ବର୍ଣ୍ଣର ରେଣୁ ରଶ୍ମି ଜୀବର ନାଭି ସହିତ ସଂଯୁକ୍ତ ହୁଏ । ନାଭି ସହିତ ଯୁକ୍ତ ହୋଇ ତାହା ଗୈରିକ ରଙ୍ଗର ଶୃଣ

(ଶବ୍ଦ) ପ୍ରତ୍ୟେକଟି କୋଷରେ ଆଶ୍ରୟ ନେଇ ସୁପ୍ତ ଅବସ୍ଥାରେ ରହିଥାଏ । ସେହିକୋଷର ଉପରିଭାଗରେ ଗୈରିକ ରଙ୍ଗର ଆବରଣ ରହିଥାଏ । ଏହି ଆବରଣ ଭିତରେ ଅନନ୍ତଙ୍କର ମନ୍ତ୍ର ମଧ୍ୟ ଠୁଳ ହୋଇ ରହିଥାଏ ।

ପୃଥ୍ୱୀ ଶରୀରକୁ ବୋଲାଇ ନାସା ମଧ୍ୟରେ ପବନ ଆତଯାତ ହେବାର ଦୃଶ୍ୟମାନ ହୁଏ । ଶୁଣଭୃଙ୍ଗ ସୂକ୍ଷ୍ମ ବୀଜ ନିର୍ମାଣ କରି ତାକୁକାର ତିନୋଟି ଗାର ବ୍ରହ୍ମାଣ୍ଡର ମହଃମଣ୍ଡଳ ପର୍ଯ୍ୟନ୍ତ ବ୍ୟାପ୍ତ ହୋଇ ରହିଥିବାର ଦେଖାଯାଏ । ଚକ୍ଷୁରେ ସୂର୍ଯ୍ୟଙ୍କର ଅଂଶୁ ଥାଏ । ନାଭିରେ ପବନର ଗୃହ ନିର୍ମାଣ ହୋଇ ଦ୍ୱାର ତାକୁକାସ୍ୱତୀକୁ ଆବୋରି ହରିଦ୍ରାବର୍ଣ୍ଣ ଧାରଣ କରିଥାଏ । କର୍ଣ୍ଣଦେଶରେ ସୁଧର୍ମାର ଶବ୍ଦ ଶିଙ୍ଗାଭୃଙ୍ଗର ଆଶ୍ରୟ ନେଇ ରହିଥାଏ । ସତ୍ୟର ତପସ୍ୱୀମାନେ ସୂକ୍ଷ୍ମ କ୍ରିୟା ଅନୁଭବ ଲଲାଟରେ ଦର୍ଶନ କରନ୍ତି । ଏହାର ବର୍ଣ୍ଣ ମଧ୍ୟ ନୀଳ ଓ ହରିଦ୍ରା । ପିଣ୍ଡର ଜଣ୍ଡସୂତ୍ରୀରେ ଚୈତନ୍ୟ ଶୂନ୍ୟଂମଣ୍ଡଳର ପଦିକା କାଟି ଲଗି ରହିଥାଏ । ଏହି ପଦିକାଟି ଶବ୍ଦ ସହିତ ଯୁକ୍ତ ହୋଇ ଚକ୍ଷୁକର୍ଣ୍ଣର ଶବ୍ଦ ଓ ଦୃଶ୍ୟ ଗ୍ରହଣ ଯନ୍ତ୍ର ତିଆରି କରେ । ବ୍ରହ୍ମଙ୍କ ଆଜ୍ଞା ପାଇ ଶୁଣଭୃଙ୍ଗ ଇନ୍ଦ୍ରିୟାଦି ମୂଳରେ ଭ୍ରୁଣ ରୂପୀ ସୂକ୍ଷ୍ମବୀଜ ସୃଷ୍ଟି କରିବାରେ ସାହାଯ୍ୟ କରେ । ପ୍ରତ୍ୟେକଟି ଭ୍ରୁଣରେ ବ୍ରହ୍ମା ଚଉଷଠି ପ୍ରକାର ଆଲୋକ କିରଣ ପ୍ରଦାନ କରିଥାଆନ୍ତି । ଜରାୟୁରେ ଥିବା ଅବସ୍ଥାରେ ପୂର୍ଣ୍ଣିମା, ସଂକ୍ରାନ୍ତି, ଅମାବାସ୍ୟା ଭୋଗ ହୁଏ । ଏହି ଆଲୋକ ଜୀବକୋଷରେ କିରଣ ପ୍ରଦାନ କରିଥାଆନ୍ତି ।

ପୂର୍ଣ୍ଣିମାଭୃଙ୍ଗ କୋଷକୁ ପୂର୍ଣ୍ଣମାତ୍ରାରେ ବଳିଷ୍ଠ କରି ପୁଣି ପୂର୍ଣ୍ଣିମା ପରେ ସୁପ୍ତ କୋମଳ ଅବସ୍ଥାକୁ ଆଣେ । ସମ୍ପୂର୍ଣ୍ଣ ଶରୀର ନିର୍ମାଣ ପର୍ଯ୍ୟନ୍ତ ବହୁତ କଷିକଷାଇ ଦେହଟି ଗଠନ କରେ । ବ୍ରହ୍ମାଙ୍କର ଦେହ ଗଠନ ସୂତ୍ର ମାଆ ଆଦୌ ଜାଣିପାରେ ନାହିଁ । କେବଳ ସ୍ଥୂଳତଃ ଯନ୍ତ୍ରଣା ଅନୁଭବ କରେ । ମାତୃ ଜରାୟୁ ଯଦି ଶୁଚିବନ୍ତ ଓ ପବିତ୍ର ଥିବ, ସେହି ମାଆମାନେ ଗର୍ଭାବସ୍ଥାରେ ଏହା ଆଂଶିକ ଅନୁଭବ କରନ୍ତି । ଶିଶୁ ଭୂମିଷ୍ଠ ହେବା ସମୟରେ ମାଆ ଅଚେତନ ଥାଆନ୍ତି । ନିତ୍ୟସିଦ୍ଧ ମଣ୍ଡଳର ଆତ୍ମା ଜରାୟୁକୁ ଆସିଲେ, ମାଆମାନେ କେବଳ ସଂକ୍ରାନ୍ତିରେ ଶାନ୍ତି ଅନୁଭବ କରନ୍ତି । ଜରାୟୁ ମଧ୍ୟସ୍ଥ ଓଁକାର ଧ୍ୱନି ମାଆ କାନରେ ପ୍ରତିଧ୍ୱନି ତୋଳେ । କିନ୍ତୁ, ଜରାୟୁରେ ଶିଶୁ ଘଟସୂତ୍ରୀ ମନ୍ତ୍ରରେ ବ୍ରହ୍ମଙ୍କ ସହ ଯୋଗ ଯୁକ୍ତ ହୋଇ ପିଣ୍ଡ ମନ୍ତ୍ର ଉଚ୍ଚାରଣ କରନ୍ତି । (ଏଠାରେ ପାଠକମାନଙ୍କ ମନରେ ପ୍ରଶ୍ନ ଉଠିବ : ଜିହ୍ୱା ଓ ଓଷ୍ଠ ଲେଉଟାଇବାର ଶକ୍ତି ନଥାଇ ମାତୃଗର୍ଭରେ ଜରାୟୁସ୍ଥ ଜୀବ କିପରି ମନ୍ତ୍ର ଉଚ୍ଚାରଣ କରେ ?)- ବ୍ରହ୍ମାଙ୍କ ଆଜ୍ଞାପାଇ ସୂକ୍ଷ୍ମ ଶୁଣ ଭୃଙ୍ଗ କ୍ରିୟା ବୈଷ୍ଣବ ମାୟା ସୃଷ୍ଟି କରି ଜିହ୍ୱା ତିଆରି ହେବା ପୂର୍ବରୁ ସୂକ୍ଷ୍ମ ନାଦରେ ପରମ ବ୍ରହ୍ମଙ୍କ ଉଦ୍ଦେଶ୍ୟରେ ନାମ/ମନ୍ତ୍ର ଉଚ୍ଚାରଣ କରେ । ଏହା ଉଚ୍ଚାରଣ କରିବା ନିମନ୍ତେ ସ୍ଥୂଳ ଜିହ୍ୱା ବା ଓଷ୍ଠ ବା ସ୍ୱରଯନ୍ତ୍ରର ଆବଶ୍ୟକ ନାହିଁ । ସୂକ୍ଷ୍ମରେ ଏହା ସ୍ପନ୍ଦନ କ୍ରିୟା ସହିତ ସ୍ୱୟଂଚାଳିତ ହୋଇଥାଏ ।

ଶିଶୁ ଯେତେବେଳେ ମାତୃଗର୍ଭ ପଥ ନିରୂପଣ ମନ୍ତ୍ର ଉଚ୍ଚାରଣ କରେ, ପରାଶ୍ରୁତି ଦ୍ୱାରା ଅକ୍ଷୟ ଶବ୍ଦ ପରିବର୍ତ୍ତନ ହୋଇ ମାଆ କାନରେ ଓଁକାର ଧ୍ୱନି ବାରମ୍ବାର ଶୁଣାଯାଏ । ପବିତ୍ର ଜରାୟୁ ବ୍ୟତୀତ ଏହା ଅସମ୍ଭବ । ଶୁଣ ସୂକ୍ଷ୍ମ ଭୃଙ୍ଗ ଶବ୍ଦ ସୃଷ୍ଟି କରି ବ୍ରହ୍ମଃ ସହିତ ଯୋଗ ହୋଇ ପ୍ରାଣପ୍ରତିଷ୍ଠା କରେ । ପ୍ରାଣପ୍ରତିଷ୍ଠା ସମୟରେ ମାଆର ଲଲାଟରୁ ଲାଲ ରଙ୍ଗର ତାରକା ଚିହ୍ନ ସମ୍ବଳିତ ଆଲୋକ ରଶ୍ମି ଗର୍ଭସ୍ଥ ଶିଶୁର ବକ୍ଷଦେଶରେ ପଡ଼ିଥାଏ । ବକ୍ଷରେ ସେ ଆଲୋକ ପତିତ ହୋଇ ନୀଳବର୍ଣ୍ଣ ଧାରଣ କରେ । ଅମାବାସ୍ୟାରେ ଧବଳ ବର୍ଣ୍ଣ ହୋଇଯାଏ । ବର୍ଣ୍ଣ ସହିତ ଗ୍ରହ ଯୋଗ ଘଟେ । ପୁଣି ଏକାଦଶୀ, ମାସାନ୍ତ, ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗରେ ବିଯୋଗ ଘଟେ ।

ସଂଯୋଗ ସମୟରେ ଇନ୍ଦ୍ରିୟାଦିଗଣଙ୍କର କମ୍ପନ ଅବସ୍ଥା ଆସିଯାଏ । ବିଯୋଗ ଅବସ୍ଥାରେ ସ୍ଥାଣୁ ହୋଇ ରହି ଯା'ନ୍ତି । ସ୍ଥାଣୁ ହୋଇ ରହନ୍ତି ସତ, ମାତ୍ର ବ୍ରହ୍ମ କାର୍ଯ୍ୟ ପ୍ରଦାନ କରେ । ଏହି ସୂକ୍ଷ୍ମ ଜୀବ ବା ଜୀବାତ୍ମା କେଶାଗ୍ରର ସତେଇଶ ହଜାର ସାତଶହ ଛବିଶ (୨୭,୭୨୬) ଭାଗରୁ ଏକ ଭାଗ ମାତ୍ର ବ୍ରହ୍ମର ଅଂଶ ତୋଳି ରଖିଥାଏ । ବ୍ରହ୍ମଙ୍କଠାରୁ ଯେଉଁ ଅଂଶ ରହିଲା, ତାହା ପୂର୍ଣ୍ଣିମାରେ ଗୈରିକ, ସଂକ୍ରାନ୍ତିରେ ହରିଦ୍ରା, ଅମାବାସ୍ୟାରେ ଧବଳ, ମାସାନ୍ତରେ ଲାଲ, ଏକାଦଶୀରେ ନୀଳାଭବର୍ଣ୍ଣ ଧାରଣ କରେ । ପ୍ରାଣର ଆବାହନରୁ ପ୍ରତିଷ୍ଠା ପର୍ଯ୍ୟନ୍ତ ସୁଷୁମ୍ନାର ପଦ୍ମନାଡ଼ି ପଥଦେଇ ସପ୍ତଲୋକକୁ ଧୂମ୍ରବର୍ଣ୍ଣ ରଶ୍ମି ଆକାରରେ ତାହା ଚଳପ୍ରଚଳ କରେ ।



# ପୁରାଣ ପୃଷ୍ଠାରୁ

## ଗଳ୍ପଟି

*ପୁରାଣ ସମସ୍ତେ ପଢ଼ନ୍ତି, ଆଗ୍ରହରେ ଶୁଣନ୍ତି ଏବଂ ଆନନ୍ଦିତ ହୁଅନ୍ତି । ମାତ୍ର ପୁରାଣର ପ୍ରତିଟି ଗଳ୍ପାଂଶର ଅନ୍ତରାଳରେ ନିହିତ ତତ୍ତ୍ୱକୁ ବୁଝନ୍ତି  ବା ବୁଝାନ୍ତି କେତେଜଣ ? କେବଳ ଗଳ୍ପଭାଗରେ ସୀମିତ ହୋଇଗଲେ ପ୍ରକୃତ ଅଧ୍ୟାତ୍ମ ଶିକ୍ଷାଲାଭ ହୁଏ ନାହିଁ । ଚରମର ପୃଷ୍ଠାରେ ପୁରାଣର ବିଭିନ୍ନ ଗଳ୍ପାଂଶ ସହିତ ଶ୍ରୀଶ୍ରୀ ଠାକୁରଙ୍କର ପ୍ରଦତ୍ତ ମୀମାଂସା ସଂଯୋଜିତ ହୋଇ ଜନମାନସରେ ଅଧ୍ୟାତ୍ମ ଶିକ୍ଷା, ସାଧନସୂତ୍ର ପ୍ରତି ଆଗ୍ରହ ଓ ରୁଚି ସୃଷ୍ଟି କରିବା "ପୁରାଣ ପୃଷ୍ଠାରୁ" ଶୀର୍ଷକର ଜନକଲ୍ୟାଣକର ଉଦ୍ଦେଶ୍ୟ ।*

### ଭୀଷ୍ମଙ୍କ ଶରଶଯ୍ୟା

ମହାରାଜା ମନୁ ଅଗସ୍ତି ମୁନିଙ୍କ ଶ୍ରୀଚରଣରେ ପ୍ରଣାମ କରି ମହାଭାରତ ଯୁଦ୍ଧର ବିବରଣୀ ସମ୍ବନ୍ଧରେ ଜିଜ୍ଞାସା କରିବାକୁ ଅଗସ୍ତି କହିଲେ, " ମହାରଥୀ ଭୀଷ୍ମ ପାଣ୍ଡବଙ୍କୁ ଆପଣାର ମୃତ୍ୟୁଭେଦ ଅବଗତ କରାଇଲେ ।।" ଅଗସ୍ତି ମୁନି ମନୁ ମହାରାଜାଙ୍କୁ କହୁଛନ୍ତି, "ରାଜା ଧୃତରାଷ୍ଟ୍ରଙ୍କୁ ସଞ୍ଜୟ କହିଲେ ଯେ, ଭୀଷ୍ମଙ୍କର ମୃତ୍ୟୁଦିବସ ନିକଟ ହେଲା । ଏଥି ନିମନ୍ତେ ଭୀଷ୍ମଙ୍କର ଦୋଷନାହିଁ, ତମ ପୁତ୍ର ହିଁ ମନ୍ଦବୁଦ୍ଧି ସମ୍ପନ୍ନ ଓ ଦୁଷ୍ଟଅଟେ । କୃଷ୍ଣଙ୍କର ଛନ୍ଦ ବୁଝି ନ ପାରି ଦୁର୍ଯ୍ୟୋଧନ ଅର୍ଜ୍ଜୁନଙ୍କୁ ମୁକୁଟ ଦେଲା । ସେ ମୁକୁଟ ବାନ୍ଧି ବୀର ଧନଞ୍ଜୟ ଭୀଷ୍ମଙ୍କୁ ଭେଟିଲା । ଭୀଷ୍ମଦେବ ସେ ମୁକୁଟ ଦେଖି ଅର୍ଜ୍ଜୁନଙ୍କୁ ଦୁର୍ଯ୍ୟୋଧନ ବୋଲି ମନେ କରି ଶ୍ରୀକୃଷ୍ଣଙ୍କ କୁଟ କପଟ ବୁଝି ନ ପାରି ଆପଣାର ମୃତ୍ୟୁଭେଦ କହିଲେ: ଯୁଦ୍ଧରେ ଶିଖଣ୍ଡୀ ରଥୀ ହୋଇଥିବାର ଦେଖି ଭୀଷ୍ମ ଅସ୍ତ୍ରଶସ୍ତ୍ର ତ୍ୟାଗ କରି ଯୁଦ୍ଧରୁ ନିବୃତ୍ତ ହେବେ । ଏହି ସମୟରେ ଅର୍ଜ୍ଜୁନର ଶସ୍ତ୍ରାଘାତରେ ଭୀଷ୍ମ ଶରଶାୟୀ ହେବେ ।"

ମକର ମାସ, ଶୁକ୍ଳ ପକ୍ଷ, ଦଶମୀ ତିଥି, ଗୁରୁବାର, ରୋହିଣୀ ନକ୍ଷତ୍ରରେ ଭୀଷ୍ମଙ୍କର ଶରଶଯ୍ୟା ହେବା କଥା ଭୀଷ୍ମଦେବ ପ୍ରକାଶ କଲେ । ଏହିଦିନ ମହାଭାରତ ଯୁଦ୍ଧରେ ଉଭୟ କୌରବ ଓ ପାଣ୍ଡବ ପକ୍ଷ ପ୍ରତିଦିନ ଭଳି ଯୁଦ୍ଧ ନିମନ୍ତେ ପ୍ରସ୍ତୁତ ହୋଇ ରହିଲେ । ଭୀଷ୍ମଦେବ କହିଲେ :

"ମାତା ରଜ ପିତା ବୀର୍ଯ୍ୟ ମିଶେ ଯେତେବେଳେ ।

ଧାତା ଯାହା ଲେଖିଥାଇ ଜୀବର କପାଳେ ।।

କେ ଆନ କରିବ ସେହି କର୍ମର ଲେଖନ ।

କାହାର ବଳେ ମେଣ୍ଟିବ କର୍ମର ଘଟନ ।।"

ଏହା କହି ଗାଙ୍ଗେୟ ଭୀଷ୍ମ ଜୟଶଙ୍ଖ ନାଦ କଲେ । ଏଣେ କୃଷ୍ଣ ଅର୍ଜୁନଙ୍କ ରଥରେ ସାରଥୀ ହୋଇ ଶିଖଣ୍ଡିକୁ ଯୁଦ୍ଧରେ ପାଣ୍ଡବ ପକ୍ଷର ସେନାପତି କରିବା ନିମନ୍ତେ ପରାମର୍ଶ ଦେଲେ । ଯୁଧିଷ୍ଠିର ଶିଖଣ୍ଡୀକୁ ସେନାପତି ପଦରେ ଅଧିଷ୍ଠିତ କରି ଯୁଦ୍ଧକୁ ପ୍ରେରଣ କଲେ । ଭୀଷ୍ମ ଅର୍ଜୁନଙ୍କର ଯୁଦ୍ଧ ଭୟାବହ ହୋଇଉଠିଲା । ଭୀଷ୍ମଙ୍କର ମହାଶରମାନଙ୍କର ଆଘାତରୁ ଶ୍ରୀକୃଷ୍ଣ ହନୁମାନଙ୍କ ସହାୟତାରେ ଅର୍ଜୁନଙ୍କୁ ରକ୍ଷା କରି ଚାଲିଥାନ୍ତି । ଏପରି ସମୟରେ ଭୀଷ୍ମ ଶିଖଣ୍ଡୀକୁ ରଥାରୂଢ଼ ହୋଇ ଯୁଦ୍ଧକୁ ଆସୁଥିବାର ଦେଖି ଧନୁଶର ଶସ୍ତ୍ରତ୍ୟାଗ କଲେ । କାଶୀ ରାଜକନ୍ୟା ଅମ୍ବା ଶିଖଣ୍ଡୀ ରୂପରେ ଭୀଷ୍ମଙ୍କ କାଳ ହେଲା । ଶିଖଣ୍ଡୀ କଣ୍ଟକ ଶର, ମଦନ ଶର ଇତ୍ୟାଦି ନିକ୍ଷେପ କରନ୍ତେ ଭୀଷ୍ମଙ୍କର ପ୍ରତିଟି ଲୋମ କୂପରୁ ରେତ ସ୍ଖଳିତ ହେଲା । ନଅ ହଜାର ବର୍ଷ ଧରି ଯେଉଁ ବୀର୍ଯ୍ୟ ଅସ୍ଖଳିତ ହୋଇଥିଲା ଶିଖଣ୍ଡୀ ରୂପରେ ଅମ୍ବାର ଦର୍ଶନରୁ ତାହା ଅସ୍ୱାଭାବିକ ଭାବରେ ସ୍ଖଳିତ ହେବାରୁ ଭୀଷ୍ମ ଅଶକ୍ତ ହୋଇ ପଡ଼ିରହିଲେ ।

ବୈବସ୍ୱତ ମନୁଙ୍କୁ ଅଗସ୍ତି ମୁନି କହିଲେ, "ସଞ୍ଜୟ ଦିବ୍ୟଚକ୍ଷୁରୁ ଏ ବିବରଣୀ ଧୃତରାଷ୍ଟ୍ର ରାଜାଙ୍କୁ ଜଣାଇଲେ । ଶ୍ରୀକୃଷ୍ଣଙ୍କ ବରଦାନରୁ ମକର ମାସ ଶୁକ୍ଳ ପକ୍ଷ ଦଶମୀ ତିଥି ଭୀଷ୍ମ ଦଶମୀ ନାମରେ ଖ୍ୟାତ ହେବ । ଭୀଷ୍ମଙ୍କ ଅନୁରୋଧରେ ଅର୍ଜୁନ ତାଙ୍କ ନିମନ୍ତେ ଯୁଦ୍ଧକ୍ଷେତ୍ରରେ ଶରଶଯ୍ୟା ନିର୍ମାଣ କରିଦେଲେ । ମନଭେଦି ଶର ନିକ୍ଷେପ କରି ଶରରେ ଶର ଛନ୍ଦି ଶଯ୍ୟାନିର୍ମିତ ହେଲା । ଶରଶଯ୍ୟାରେ ଶୟନକରି ଭୀଷ୍ମ ଜଳପାନ ନିମନ୍ତେ ଇଚ୍ଛା ପ୍ରକାଶ କଲେ । ଅର୍ଜୁନ ଜଳ ଶର ନିକ୍ଷେପ କରିବାରୁ ନିରବଚ୍ଛିନ୍ନ ଜଳଧାର ଝରିପଡ଼ିଲା ଓ ଭୀଷ୍ମଙ୍କ ତନୁମନ ଶୀତଳ ହେଲା । ଭୀଷ୍ମ ଶରଶଯ୍ୟାରେ ମହାଭାରତ ଯୁଦ୍ଧର ଶେଷ ପର୍ଯ୍ୟନ୍ତ କୁରୁକ୍ଷେତ୍ର ସମର ପ୍ରାଙ୍ଗଣରେ ଶାନ୍ତିରେ ଅବସ୍ଥାନ କଲେ ।

## ମୀମାଂସା

ମହାରାଜା ବୈବସ୍ୱତ ମନୁ ହେଉଛନ୍ତି ବିବେକ । ଅଗସ୍ତି ମୁନି ହେଉଛନ୍ତି ସ୍ଥୂଳ ଚୈତନ୍ୟ, ସୂକ୍ଷ୍ମ ଚିତ୍ତ । ପିଣ୍ଡତତ୍ତ୍ୱରେ କୁରୁକ୍ଷେତ୍ର ହେଉଛି ଆସୁରୀ ଶକ୍ତି ଏବଂ ଧର୍ମକ୍ଷେତ୍ର ହେଉଛି ଦୈବୀ ଶକ୍ତି । ଶ୍ରୀକୃଷ୍ଣ ହେଉଛନ୍ତି ପରମ ଆତ୍ମା । ମନଚୈତନ୍ୟର କେନ୍ଦ୍ରସ୍ଥଳ ଦୈବୀଧର୍ମ, ଆସୁରୀ ଧର୍ମ ଓ ପୁରୁଷ ଧର୍ମର ବିଶ୍ଳେଷଣ ନେଇ ମହାଭାରତର ସୃଷ୍ଟି । ବିବେକ ଚୈତନ୍ୟକୁ ପଚାରୁଛନ୍ତି । ଚୈତନ୍ୟ ବିବେକକୁ ଅବଗତ କରାଉଛନ୍ତି । ଭୀଷ୍ମ ବୋଇଲେ ଭୀଷଣ ଅଟଳ ପ୍ରତିଜ୍ଞା ଏବଂ ଦୃଢ଼ନୀତିକୁ ବୁଝାଏ । ଜୀବ ଯେତେବେଳେ ଯୋଗସ୍ଥ ହେବାକୁ ଯାଏ, ପ୍ରଥମେ ପ୍ରତିଜ୍ଞାବଦ୍ଧ ହୋଇ ନୀତିରେ ଦୃଢ଼ତା ରଖିବା ଆବଶ୍ୟକ ହୁଏ । ଏଠାରେ ଭୀଷ୍ମବୋଇଲେ ଜୀବର ଏହି ଯୋଗସ୍ଥ ଅବସ୍ଥାକୁ ବୁଝାଏ । ଶରଶଯ୍ୟା ବୋଇଲେ ସମାଧିଭାବ । ପଞ୍ଚମନର ସ୍ୱାଭାବିକ "ଶୂନ୍ୟ" ଭାବରେ ପହଞ୍ଚିଲେ, ଜୀବ ଆପଣାର ମୃତ୍ୟୁଭେଦ ଜାଣିପାରେ । ଫଳତଃ ସେ ନିଜେ କେବେ ମୃତ୍ୟୁବରଣ କରିବ ଅର୍ଥାତ୍ କିପରି ଭାବରେ କେବେ ସ୍ଥୂଳ ଦେହ ଛାଡ଼ିବ ତାହା ସ୍ୱମୁଖରେ କହିଦେଇପାରିବ ।

ପିଣ୍ଡର ଅନ୍ତଃକରଣରେ ଚାଲିଥିବା ମହାଭାରତ ଯୁଦ୍ଧରେ ସମସ୍ତ କଥା ଭୁଲି ଚୈତନ୍ୟରେ କେନ୍ଦ୍ରୀଭୂତ ହୋଇ ଖେଳିଲେ, ପରମାତ୍ମା ପାଇଁ ଜୀବ ପ୍ରକୃତି ଓ ଇନ୍ଦ୍ରିୟଗଣାଦିର ବିରୁଦ୍ଧାଚରଣ କଲେ କୌଣସି ଦୋଷ ଲାଗେ ନାହିଁ । ଦୁର୍ଯ୍ୟୋଧନ ବୋଇଲେ ଦୁର୍ବୁଦ୍ଧି .। ଅର୍ଜୁନ ହେଉଛନ୍ତି ମନ : ପାଞ୍ଚମନ । ଦୁର୍ଯ୍ୟୋଧନ ଅର୍ଜୁନଙ୍କୁ ମୁକୁଟ ଦେଲା ଅର୍ଥାତ୍ ଦୁର୍ବୁଦ୍ଧି ପାଞ୍ଚମନ ନିକଟରେ ଶରଣାପନ୍ନ ହେଲା । ମନର ରଥରେ ପରମାତ୍ମା ସାରଥି ବା ପରିଚାଳକ ହେଲେ । ମନ ହିଁ ଆତ୍ମାର ସୂକ୍ଷ୍ମ ସ୍ୱରୂପ ଓ ତେଣୁ ସୁହୃଦ୍ । ଧନଞ୍ଜୟ ବୋଇଲେ ବିଶ୍ୱଚିତ୍ତ । ପରମାତ୍ମାଙ୍କ ନିର୍ଦ୍ଦେଶରେ ବିଶ୍ୱଚିତ୍ତ ବିଶ୍ୱକଲ୍ୟାଣ ନିମନ୍ତେ ତ୍ୟାଗକର୍ମ କରିଚାଲେ । ପରମାତ୍ମାଙ୍କର ଦୁଇ ଅସ୍ତ୍ର କୂଟ ଅର୍ଥାତ୍ ମାୟା ଏବଂ କପଟ ବୋଇଲେ ମହାମାୟା । ଦୁର୍ବୁଦ୍ଧି କଦାପି ମାୟା ବା ମହାମାୟାର ଖେଳକୁ ବୁଝି ନ ପାରି ବାରମ୍ବାର ଭୁଲ୍ କରି ଆପଣାର ସର୍ବନାଶ ପଥରେ ଆଗେଇ ଚାଲେ । ସତ୍ ଉପଦେଶ ପ୍ରତି କର୍ଣ୍ଣପାତ ନ କରି ଆପଣା ମତରେ ଦୃଢ଼ ରହି ନାଶଯାଏଁ । ଦୁର୍ଯ୍ୟୋଧନର ତାହାହିଁ ହୋଇଛି ।

ପିଣ୍ଡତତ୍ତ୍ୱରେ ଅମ୍ବା ବା ଶିଖଣ୍ଡୀ ହେଉଛି ମହାମାୟା । ଏହା ବଡ଼ ତେଜସ୍ୱୀ । ଏହା ତେଜ ଦ୍ୱାରା ପ୍ରକୃତି ଓ ଇନ୍ଦ୍ରିୟାଦିକୁ ଆୟତ୍ତ କରି ପରିଚାଳିତ କରେ । ମହାମାୟାଙ୍କ ସହିତ ଭେଟ ହେବାରୁ ଭୀଷ୍ମ ଇନ୍ଦ୍ରିୟାଦିଗଣ ରୂପକ ଅସ୍ତ୍ରଶସ୍ତ୍ର ତ୍ୟାଗ କରି ନିସ୍ତେଜ ହୋଇଗଲେ । ମନର ସତ୍ୟନିଷ୍ଠ ଶସ୍ତ୍ରାଘାତ ବା କଠିନ ଭାବ ଦ୍ୱାରା ଦୃଢ଼ ହୁଏ । ଭୀଷ୍ମ ବା ଦୃଢ଼ପ୍ରତିଜ୍ଞ ଜୀବର ଶରଶଯ୍ୟା ବା ସମାଧି ଅବସ୍ଥା କେବେ ହେବ ? ମକର ମାସ ଶୁକ୍ଳ ପକ୍ଷ, ଦଶମୀ ତିଥି, ଗୁରୁବାର, ରୋହିଣୀ ନକ୍ଷତ୍ରରେ ଅର୍ଥାତ୍ ଜୀବବ୍ରହ୍ମ ସାଧନା ପଥରେ ଅଗ୍ରସର ହୋଇ ପ୍ରକୃତି ଓ ଇନ୍ଦ୍ରିୟକୁ ଜିଣି ପରମବ୍ରହ୍ମଙ୍କର ନିକଟବର୍ତ୍ତୀ ହେଲେ ସମାଧି ଅବସ୍ଥାକୁ ଲାଭ କରି ଚରମ ପ୍ରାପ୍ତ ହେବ ।

କାଶୀ ରାଜକନ୍ୟା ଅମ୍ବା ହେଉଛନ୍ତି ମହାମାୟାଙ୍କ ବିକ୍ଷେପକ; ଅର୍ଥାତ୍ ଆତ୍ମା ଓ ଚୈତନ୍ୟକୁ ମହାମାୟା ଢାଙ୍କି ରଖିବା ଦ୍ୱାରା ନବଦେହ ଧରି ମହାତେଜ ବୀର୍ଯ୍ୟକୁ ଧାରଣ କରିଥିବା ଜୀବର ତେଜ ବିଚ୍ଛୁରିତ ହେଲା । ଶର ଅର୍ଥ ପ୍ରକୃତି, ମହାଶର ବୋଇଲେ ଇନ୍ଦ୍ରିୟାଦିଗଣ । ସମାଧିସ୍ଥ ଦୃଢ଼ପ୍ରତିଜ୍ଞ ଜୀବ ଯୋଗାରୂଢ଼ ହୋଇ ଯୋଗୀ ଅବସ୍ଥାରେ ଖେଚରୀ ମୁଦ୍ରାରେ ତାଳୁରୁ ଅମୃତରସ ଝର ଅନବରତ ପାନ କରି ସ୍ଥୂଳ ଓ ସୂକ୍ଷ୍ମରେ ଶାନ୍ତି ଲାଭକରେ ।

❋❋❋

ଗୁରୁ ଦ୍ୱାରେ ଗୁରୁମୁଖ ବାଣୀ କର୍ମଧାରା ।
ଅବିଶ୍ୱାସ କରି ଭରେ ସନ୍ଦେହ ପସରା ।।

ତାହାକୁ ବୋଲଇ ଶାସ୍ତ୍ର ଚୋର ଡକାୟତ ।
ଖଣ୍ଡ ତସକର ପୁଣି ସମାଜେ ପତିତ ।।




'ସିକ୍ତକରୁ ମୋ' ନତ ମସ୍ତକ କଲ୍ୟାଣ ଧାରା ତମ ।
ତମ ଇଚ୍ଛାମତେ ଚଳାଇ ନିଅ ହେ ପ୍ରାପତ ହେଉ ଚରମ ।।'

*ପ୍ରାଣନାଥ ଗୁରୁସ୍ୱାମୀ ଭାବଗ୍ରାହୀ ଭକ୍ତବତ୍ସଳ ଶ୍ରୀ ଶ୍ରୀ ଶ୍ରୀ ଠାକୁରଙ୍କର ବିଶ୍ୱମାନବ ପାଇଁ ଆଶୀର୍ବାଦମାଳା "କଲ୍ୟାଣ ଦେଲି ତୋତେ ।।" ଏହାହିଁ ଆମ ସମସ୍ତଙ୍କର ସକଳ କାମନାର ପୂର୍ତ୍ତି । ଏତକ ପାଇବା ପରେ ଆଉ ପ୍ରାପ୍ତି ନାହିଁ, କାମନା ବାସନା ମଧ୍ୟ ନାହିଁ । ଅଛି କେବଳ ନିତ୍ୟ ଶାନ୍ତି । ଏହା ଆମ ସମସ୍ତଙ୍କର ନିତ୍ୟପାଠ୍ୟ ଏବଂ ଅନୁସରଣୀୟ ।*

ଚରମରେ !

ପ୍ରଥମରୁ ପରା ମୁଁ ତୋତେ କହିଛି, ତୁ ଖସଡ଼ା ପଥରେ ପାଦ ଦେଇଛୁ । ହୁସିଆର୍ ହୋଇ ଧିରେ ଧିରେ ଆଗେଇବୁ । କିନ୍ତୁ, ମୁଁ ଲକ୍ଷ୍ୟ କରୁଛି, ତୁ ଥକିଯାଉଛୁ । ଆହୁରି ଅନେକ ଦୂର ଯିବାକୁ ହେବ ତୋତେ । ଏଇ ମାତ୍ର ସାତ ପାଦରେ ତୁ ଯଦି ଅବଶ ହୋଇଯିବୁ, ମନ ଭାଙ୍ଗିଦେବୁ, ତେବେ ତୋର ପିତାଙ୍କ ଲକ୍ଷ୍ୟ ପୂରଣ କରିପାରିବୁ ତ ବାୟା ? କହିଲୁ ବାପ, ତୋ ଉପରେ ଯେଉଁ ଭରସା ରଖିଛି, ତୁ କ'ଣ ତାହା ପୂର୍ଣ୍ଣ ନ କରି ନିଜକୁ ନିଜେ ନିରାଶ ହେବୁ କି ? ଏଇ ମାତ୍ର ସାତ ପାଦରେ ଯେଉଁ କଣ୍ଟା ତୋ ପାଦରେ ଫୁଟିଛି, ସେ ତ କିଛି ନୁହେଁରେ । ଆହୁରି ଅନେକ, ଅସୁମାରି କଣ୍ଟା ତୋ ଚଲାପଥରେ ବିଛା ହୋଇଛି । ଭୟ କରନା, ଭାଙ୍ଗିପଡ଼ନା, ମନ ବିକାରଗ୍ରସ୍ତ କରନା । ସବୁବେଳେ

ସବୁ ସ୍ଥାନରେ, ସବୁ ଅବସ୍ଥାରେ ମୁଁ ତୋ ନିକଟରେ, ତୋ ପାଖେ ପାଖେ, ତୋର ଛାଇ ପରି ରହିଛି । ତୋ ପାଦରେ କଣ୍ଟା ଫୁଟିବା ମାତ୍ରେ ନିଜ ହାତରେ ସେ କଣ୍ଟା ମୁଁ କାଢ଼ିଦେବି, ତୋ ପାଦ ଆଉଁସି ଦେବି, ସମସ୍ତ କଷ୍ଟ, ଯନ୍ତ୍ରଣା ନିମିଷକ ମଧ୍ୟରେ ହରଣ କରିନେବି । ନିର୍ଭର କରି ନିର୍ଭୀକ ପରି ଆଗେଇ ଯାଆ ମନେ ରଖିଥିବୁ – ଧିରେ ଧିରେ ସଳଖ ପଥ ଛାଡ଼ି ତୁ ଗଳିକନ୍ଦି, ଅଙ୍କାବଙ୍କା, ଅପନ୍ତରା ଅଚିହ୍ନା ରାସ୍ତାରେ ପାଦ ପକେଇବାକୁ ଯାଉଛୁ । ଏଣିକି ଯେତେ ଯେତେ ଆଗେଇ ଚାଲିଥିବୁ, ସେତେ ସେତେ ନୂଆ ନୂଆ ଅଘଟଣର ସାମ୍ନା ସାମ୍ନି ହେଉଥିବୁ । ଚରମ ପରିବାରରେ ହୁଏତ ସେ ସବୁ ଘଟଣା ତୋତେ ଅକଳିଆ ଅସୁବିଧା ଲାଗିବ । ସେଥିରୁ ଗୋଟିଏ ଉଦାହରଣ ଦେଇ କହୁଛି – ଧିରସ୍ଥିର ଭାବରେ ଶୁଣି ମନେ ରଖିବୁ ଧନ ।

ବାର ବାର ତୋତେ ବୁଝାଇ କହିଛି – ଏ ସୃଷ୍ଟିରେ ଧର୍ମ ଏକ, ଲକ୍ଷ୍ୟ ଏକ ପୁଣି କେନ୍ଦ୍ର ମଧ୍ୟ ଏକ । କିନ୍ତୁ ମତ, ପଥ ଅନେକ । ସମାଜରେ ଏହି ପ୍ରତିଟି ମତକୁ ପ୍ରଚଳିତ ଭାଷାରେ ସମ୍ପ୍ରଦାୟ ବୋଲି କହୁଛନ୍ତି । ତେଣୁ ପ୍ରତିଟି ମତ, ପ୍ରତିଟି ପଥ, ଗୋଟିଏ ଗୋଟିଏ ସମ୍ପ୍ରଦାୟ ଭାବରେ ନାମିତ ହୋଇଛି । କିନ୍ତୁ, ସମସ୍ତଙ୍କ ଲକ୍ଷ୍ୟ ସେହି ଏକ 'ଚରମ ପ୍ରାପ୍ତି' । ତୁ ଯେତେବେଳେ ଏହ ସମ୍ପ୍ରଦାୟଗୁଡ଼ିକ ନିକଟରେ ପହଞ୍ଚିବୁ, ଦେଖିବୁ – କାହାରି ସହିତ କାହାରି ମନ ମେଳ ନାହିଁ, କାହାରି ସହିତ କାହାରି ପଡ଼ୁ ନାହିଁ । ପ୍ରତ୍ୟେକ ନିଜ ନିଜକୁ ବଡ଼ ବୋଲି ଆପଣା ତୁଣ୍ଡରେ ଦାଣ୍ଡଘାଟରେ କଣ୍ଠ ଫଟାଇ ଡିଣ୍ଡିମ ପିଟୁଛନ୍ତି । ପ୍ରତ୍ୟେକ ଅନ୍ୟମାନଙ୍କୁ ସମାଲୋଚନା କରୁଛନ୍ତି – କଟୁ ଭାଷାରେ, ବେଳେବେଳେ ସୌଜନ୍ୟ ମଧ୍ୟ ଭୁଲି ଯାଉଛନ୍ତି । ଅଯଥାରେ ଚରିତ୍ର ସଂହାର ମଧ୍ୟ କରୁଛନ୍ତି । ପ୍ରତ୍ୟେକେ କହୁଛନ୍ତି, ଆମେ ହିଁ ଠିକ୍, ଆଉ ସମସ୍ତେ ଭୁଲ୍ । ଆହୁରି ଦେଖିବୁ – ଯଦି କୌଣସି ଏକ ସମ୍ପ୍ରଦାୟର କେହି ଜଣେ ଅନ୍ୟ ଏକ ସମ୍ପ୍ରଦାୟ ପ୍ରତି କୌଣସି ନା କୌଣସି କାରଣରୁ ଆକୃଷ୍ଟ ହୋଇ ସାହାଯ୍ୟ, ସହଯୋଗ ଓ ସହାନୁଭୂତି ଦେଖାଇଲା ତ, ତେବେ ତା'କୁ ତା'ର ନିଜ ସମ୍ପ୍ରଦାୟରେ ଏକ ରକମ ବାସନ୍ଦ କରିଦିଆଯାଉଛି । ଧର୍ମଦ୍ରୋହୀ, ଗୁରୁଦ୍ରୋହୀ, ଗୁରୁତ୍ୟାଗୀ ଇତ୍ୟାଦି ଦୋଷ ତା'ମୁଣ୍ଡରେ ଲଦି ଦିଆଯାଉଛି । ଏ ସବୁ କେବଳ ଭୌତିକ ଜଗତର ଖେଳ । ଆଧ୍ୟାତ୍ମିକ ଜଗତରେ ଏସବୁ ଖେଳ ଆଦୌ ନାହିଁ ।

ତୁ କ'ଣ ଜାଣିନାହୁଁ ନା ଶୁଣିନାହୁଁ -'ସର୍ବ ଦେବ ନମସ୍କାର କେଶବଂ ପ୍ରତିଗଚ୍ଛତି ।' ତମେ ଯାହାକୁ ପୂଜ, ଯାହାକୁ ନମସ୍କାର କର; ସେ ସବୁ ସେହି ଏକ ଏବଂ ଅଦ୍ୱିତୀୟ ନିରାକାର ବ୍ରହ୍ମ ହିଁ ସର୍ବଥା ଓ ସର୍ବଦା ଗ୍ରହଣ କରୁଅଛନ୍ତି ।

ଦକ୍ଷତାର ସହିତ ଦନ୍ତୁରିତ ପଥରେ ପାଦ ପକାଇ ଚାଲୁ ଚାଲୁ ସାମ୍ପ୍ରତିକ ସମାଜରେ ତୁ ଏହିପରି ହଟଚମଟ ଦେଖି କସ୍ମିନ୍‌କାଳେ ବିଷାଦଗ୍ରସ୍ତ ହେବୁ ନାହିଁ, ବାପ ! ବିଚଳିତ ହେବୁ ନାହିଁ । ଧିରସ୍ଥିର ଭାବରେ ସକଳ ମାନ, ଅପମାନ, ବାଦ, ବିସମ୍ବାଦ, ବିବାଦ, ଅପବାଦକୁ ପାଶୋରିଯାଇ ତୋ କାମରେ ଲାଗିଥିବୁ । କାରଣ, ଏ ସବୁ ଖେଳ ପାଇଁ ସେମାନଙ୍କର କୌଣସି ତ୍ରୁଟି ନାହିଁ କି ବିଚ୍ୟୁତି ମଧ୍ୟ ନାହିଁ । ଏପରି ମନୋଭାବ ତାଙ୍କର ରହିବ ନିଶ୍ଚୟ । ଯୁଗେ ଯୁଗେ ଏହି ମନୋଭାବ ଲୋକ ସମାଜରେ ରହି ଆସିଛି, ଏବେ ବି ରହିଛି, ରହିବ ମଧ୍ୟ । ଏହାପରା ସ୍ରଷ୍ଟାପୁରୁଷଙ୍କର ଲୀଳା । ଏ ଲୀଳା ବଡ଼ ବିଚିତ୍ର । ପ୍ରତ୍ୟକ୍ଷ ଅନୁଭୂତି ବିନା ଏ ବିଚିତ୍ର ଲୀଳାର ଆଦିଅନ୍ତ କଳନା କରିବା ସମ୍ଭବ ନୁହେଁ ।

ପୁରୁଷୋତ୍ତମର ସନ୍ତାନ ତୁ । ତୁ ପରା ନିଗମ ଘରର ପିଲାରେ ! ସେ ଘରର ପାଠ ପଢ଼ିସାରି ତୁ ଏଠାକୁ ଆସିଛୁ । ତେଣୁ ଏଠାରେ ପହଞ୍ଚିଲା ପରେ ତୋ ପିତାଙ୍କର ଲୀଳାକୁ ଭୁଲିଯାଇ ଯଦି ତୁ ସେହି ମାୟାଜାଲରେ ଛନ୍ଦି ହୋଇଯିବୁ, ତେବେ ତୋର, ତୋ ପିତାର, ତୋ ଘରର ବିଶେଷତ୍ୱ, ମହିମା ଓ ମର୍ଯ୍ୟାଦା ରହିବଟି ? ଧନରେ ! ମୁଁ ବୁଝୁଛି, ତୁ ବାରମ୍ବାର ଆଘାତ ପାଇ ତୋ ଘରର ପାଠ କିଛି କିଛି ଭୁଲିଯାଇଛୁ । ମନେ ପକାଇଦେଉଛି, ସ୍ମରଣ କରିନେ ।

ସ୍ଥୂଳିକୃତ ଜଡ଼ଜଗତ ଊର୍ଦ୍ଧ୍ୱରେ ସୂକ୍ଷ୍ମଜଗତ, ସୂକ୍ଷ୍ମଜଗତର ବହୁ ଊର୍ଦ୍ଧ୍ୱରେ ଅବସ୍ଥିତ ଅବ୍ୟକ୍ତ ମଣ୍ଡଳ କଥା ମନେ ପକା । ସେଠାରେ ଗଦା ଗଦା ହୋଇ ଜ୍ଞାନତତ୍ତ୍ୱ ଠୁଳ ହୋଇ ରହିଛି । କେବଳ ସ୍ରଷ୍ଟାଙ୍କ ବ୍ୟତୀତ ଆଉ କେହି ତାହାର କଳନା କରିପାରେ ନାହିଁ, ଜାଣିବା ତ' ବହୁତ ଦୂରର କଥା । ସେ ଯେତିକି ଜ୍ଞାନ ଏ ସୃଷ୍ଟିକୁ ପଠାଇବାକୁ ଇଚ୍ଛା କରନ୍ତି, କେବଳ ସେତିକି ଆସେ । କିନ୍ତୁ, ବାୟାରେ; ଜ୍ଞାନ କ'ଣ ସ୍ଥୂଳ ବସ୍ତୁ ଯେ, କୌଣସି

ଏକ ସ୍ୱରୂପ ଧରି ଖସିଆସିବ ? ସେଥିପାଇଁ ଜ୍ଞାନର ଆଧାର ରୂପେ ଜ୍ଞାନୀପୁତ୍ର ସୃଷ୍ଟି କରି ତାଙ୍କରି ମାଧମରେ ସ୍ରଷ୍ଟା ଏକ ନିର୍ଦ୍ଦିଷ୍ଟ ତତ୍ତ୍ୱଜ୍ଞାନ ଧରାଧାମକୁ ଏକ ନିର୍ଦ୍ଦିଷ୍ଟ ସମୟରେ ପଠାଇଥାଆନ୍ତି ।

**ଷଡ଼ବର୍ଗ:** ( କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ) : ସିଦ୍ଧ ଦୁଇପ୍ରକାର ମାନସପୁତ୍ରଙ୍କୁ ସ୍ରଷ୍ଟା ସୃଷ୍ଟିର କଲ୍ୟାଣ ନିମନ୍ତେ ସୃଷ୍ଟି କରନ୍ତି । ସେ ମଧ୍ୟରେ ଦଳେ ଚେତନଶୀଳ ଓ ଅନ୍ୟ ଦଳେ କ୍ରିୟାଶୀଳ । ଚେତନଶୀଳ ସନ୍ତାନମାନେ ଅବ୍ୟକ୍ତ ଜ୍ଞାନମଣ୍ଡଳରୁ ଜ୍ଞାନତତ୍ତ୍ୱ ନେଇ ସିଧା ଓହ୍ଲାଇ ଆସନ୍ତି ଜନ୍ମସିଦ୍ଧ ହୋଇ । ସେମାନଙ୍କର ଆଉ କୌଣସି ସାଧନାର ପ୍ରୟୋଜନ ହୁଏ ନାହିଁ । କ୍ରିୟାଶୀଳ ସନ୍ତାନମାନେ ଆଶୀର୍ବାଦ ନେଇ ଆସନ୍ତି ଏବଂ କ୍ରିୟାଯୋଗ ମାଧ୍ୟମରେ ଜ୍ଞାନସିଦ୍ଧି ଆହରଣ କରନ୍ତି । ସମସ୍ତେ ସମାନ ଓ ସମସ୍ତେ ସେହି ଏକ ପିତାର ସନ୍ତାନ ।

ଆଜି ଏତିକି । ପର ଥରକୁ ପୁଣି ଏହିଠାରୁ ଆରମ୍ଭ କରିବି । ମୋତେ ସଞ୍ଜେ ସକାଳେ ସ୍ମରଣ କରି ସର୍ବଦା ଓ ସର୍ବଥା ମନେ ରଖି ଧାରା ଧରି କର୍ମଯୋଗ ଅଭ୍ୟାସ କରି ତୋର ଲକ୍ଷ୍ୟ – ଚରମପ୍ରାପ୍ତି ଦିଗରେ ଆଗେଇ ଚାଲୁଥିବୁ । ମୁ ତୋତେ କଲ୍ୟାଣ କରୁଛି ।

॥ ଇତି ॥

ତୋର ଚିରମଙ୍ଗଳକାରୀ

ପିତା

***

# କେଶବ କୈବଲ୍ୟ କଣିକା

*ପରମ ପ୍ରେମମୟ ଜୀବନ ଦେବତା ଶ୍ରୀ ଶ୍ରୀ ଠାକୁରଙ୍କର ଶ୍ରୀମୁଖ ନିଃସୃତ ବହୁ ଉପାଦେୟ ବାଣୀ ଗୁରୁଭାଇମାନେ ବିଭିନ୍ନ ସମୟରେ ସଂଗ୍ରହ କରନ୍ତି । ସଂଗୃହୀତ ବାଣୀଗୁଡ଼ିକ ମଧ୍ୟରୁ କେତେକ ସୁନିର୍ବାଚିତ ଯୁଗୋପଯୋଗୀ ବାଣୀ ଚରମରେ ନିୟମିତ ପ୍ରକାଶ ହେଉଛି । ଏହା ପ୍ରତ୍ୟେକଙ୍କ ଶିକ୍ଷଣୀୟ ଏବଂ ଆଚରଣୀୟ ଅଟେ ।*

- ଭାଗ୍ୟ ଅନୁକୂଳ ହେଲେ, ମନୁଷ୍ୟର ସମସ୍ତ କାର୍ଯ୍ୟ ସହଜରେ ସିଦ୍ଧ ହୋଇଥାଏ । କର୍ମଯୋଗ ଓ ଧର୍ମଧାରାରେ ଚଳିଲେ, ଦୁର୍ଭାଗ୍ୟ ମଧ୍ୟ ସୌଭାଗ୍ୟରେ ପରିଣତ ହୁଏ ।
- ଦାନବୀର ରୂପେ ରାଜା ହରିଶ୍ଚନ୍ଦ୍ର, ଦୟାବୀର ରୂପେ ରାଜା ଶିବି, ଯୁଦ୍ଧବୀର ରୂପେ ଅର୍ଜ୍ଜୁନ ଏବଂ ସତ୍ୟବୀର ରୂପେ ଯୁଧିଷ୍ଠିର ଖ୍ୟାତନାମା ଅଟନ୍ତି ।
- ଦୟାଳୁ ପୁରୁଷମାନେ ସର୍ବଶ୍ରେଷ୍ଠ ଅଟନ୍ତି । ଯେଉଁ ବ୍ୟକ୍ତିମାନଙ୍କର ଜୀବନ ବିଶ୍ୱକଲ୍ୟାଣ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ, ସେମାନଙ୍କର ନାମ ସ୍ମରଣ, କୀର୍ତ୍ତନ କଲେ ଅଶେଷ ମଙ୍ଗଳ ସାଧନ ହୁଏ ଓ ତାହା ଶୁଭପ୍ରଦ ଅଟେ ।
- ସର୍ବଦା ଓ ସର୍ବଥା ସାମର୍ଥ୍ୟ ଅନୁସାରେ ଓ ସ୍ୱାଭାବିକ ଭାବରେ କାର୍ଯ୍ୟ କରିବା ଉଚିତ । ସାମର୍ଥ୍ୟ ବହିର୍ଭୂତ କାର୍ଯ୍ୟକଲେ, ଅଯଥା ଅଶାନ୍ତି ଓ ସମସ୍ୟା ମଥା ଟେକେ ଓ କରିବା ଲୋକ ଅବଶ୍ୟ ହାସ୍ୟାସ୍ପଦ ହୁଏ ।
- ଏଯୁଗରେ କଳିର ଅନ୍ତିମ ପ୍ରଭାବରୁ ଲୋକେ ସାଧାରଣ ନୀତିନିୟମରୁ ଚ୍ୟୁତ ହୋଇ ପଥଭ୍ରଷ୍ଟ ହେବେ । ମଣିଷ ସମାଜକୁ ଠିକ୍ ଦର୍ଶନ ଦେବାପାଇଁ ସତ୍ୟବୀରମାନଙ୍କର ଗାଥାମାନ ରହିଛି । ଏହା ପଠନ ଓ ଶ୍ରବଣ କଲେ, ମନୁଷ୍ୟ ଉଚିତ ମାର୍ଗର ସନ୍ଧାନ ପାଏ ଓ ତାହାର ସକଳ କଳୁଷ (ପାପ) ଦୂର ହୋଇଯାଏ ।
- ମୂଳତତ୍ତ୍ୱକୁ ଜନସାଧାରଣଙ୍କୁ ବୁଝାଇଦେବା ପାଇଁ କରାଯାଇଥିବା ଅବତାରଣାକୁ ଉଦାହରଣ କୁହାଯାଏ । ତମେ ଉଦାହରଣରେ ମଜ୍ଜିଯାଇ ମୂଳତତ୍ତ୍ୱକୁ ବିସ୍ମୃତ ହେଲେ, ପ୍ରକୃତ ଜ୍ଞାନଲାଭ କରିବ କିପରି ? ମୂଳତତ୍ତ୍ୱର ବିପରୀତ ଘଟଣାବଳୀର ଉଦାହରଣ ହିଁ ପ୍ରତ୍ୟୁଦାହରଣ ବୋଲି ଗଣ୍ୟ ହୁଏ ।
- ବିବେକ, ଶୌର୍ଯ୍ୟ ଏବଂ ଉତ୍ସାହ : ଏହି ତ୍ରିଗୁଣ ସମ୍ପନ୍ନ ପୁରୁଷ ହିଁ ସମାଜରେ ବୀର ରୂପେ ସମ୍ମାନିତ ହୁଅନ୍ତି । ସେହିପରି ଏହି ତ୍ରିଗୁଣ ବିହୀନ ପୁରୁଷ ନାନାଦି ନିନ୍ଦିତ କର୍ମ କରି ସମାଜରେ ଉପେକ୍ଷିତ ହୁଅନ୍ତି ।
- ସଂସ୍କୃତି ଓ ସଭ୍ୟତା ମାନବ ସମାଜର ଅମୂଲ୍ୟ ନିଧି । ତେଣୁ ଆପଣାର ସଂସ୍କୃତି ଓ ସଭ୍ୟତାର ସୁରକ୍ଷା କରିବା ପ୍ରତ୍ୟେକଙ୍କର କର୍ତ୍ତବ୍ୟ ।
- ଗୋପନ କଥା ପ୍ରକାଶ କରିବା, ମାଗିବା, କଠୋର ହେବା, ଠକିବା,  କ୍ରୋଧ କରିବା, ମିଥ୍ୟା କହିବା, ଜୁଆ ଖେଳିବା, ନିଶା ସେବନ କରିବା ଇତ୍ୟାଦି ଭ୍ରାତୃତ୍ୱ ବନ୍ଧନର ପରିପନ୍ଥୀ ଅଟେ ।
- ମନୁଷ୍ୟ ବିବେକ ହରାଇଲେ ଚୋରି କରେ; ଶୌର୍ଯ୍ୟହୀନ ବ୍ୟକ୍ତି ଅଳ୍ପକେ କାତର ହୋଇପଡ଼େ ଏବଂ ଉତ୍ସାହହୀନ ବ୍ୟକ୍ତି ଆଳସ୍ୟରେ ବୁଡ଼ି ରହେ ।
- ନୀତିଜ୍ଞ ଲୋକ ଏକାକୀ ଅଭିଳଷିତ କାର୍ଯ୍ୟ ସମ୍ପାଦନ କରି ସୁଖୀ ହୁଏ ।  କିନ୍ତୁ ଜଣେ ଅନେକ ଲୋକଙ୍କର ପରାମର୍ଶ ଲୋଡ଼ିଲେ, ତା'ର ବୁଦ୍ଧି ବିଚଳିତ ହୁଏ ଓ ସେ କ'ଣ କରିବ ବା ନ କରିବ ସ୍ଥିର କରିପାରେ ନାହିଁ ।

- ଧନବ୍ୟୟ ହୋଇଯିବ ବୋଲି ଯେ ଭୟ କରେ ବା ଦାନ ଦେବାକୁ ଓ ତ୍ୟାଗ ସ୍ୱୀକାର କରିବାକୁ ଯେ କୁଣ୍ଠିତ, ସେହି ବ୍ୟକ୍ତି କୃପଣ ବୋଲି ଗଣ୍ୟ ହୋଇଥାଏ ।
- ଯେ ଥରେ ଶୁଣିଲେ, ଶୁଣିବା କଥା ଜୀବନ ଭରି ଭୁଲିପାରେ ନାହିଁ ଏବଂ ଯାହାର ବୁଦ୍ଧି ଅସାଧାରଣ ଧାରଣ ଶକ୍ତିସମ୍ପନ୍ନ, ତାଙ୍କୁ ମେଧାବୀ କୁହାଯାଏ ।
- ଭ୍ରମର କଣ୍ଟକଯୁକ୍ତ କେତକୀ ଫୁଲରୁ ମଧୁପାନ ନ କଲେ ମଧ୍ୟ ସୁଗନ୍ଧି ଗ୍ରହଣ କଲାପରି ଗୁଣଜ୍ଞ ଲୋକେ ଅନ୍ୟର ଦୋଷ ନ ଧରି ଗୁଣମାନ ଗ୍ରହଣ କରିନିଅନ୍ତି ।
- ଯେ ମିଠା କଥା କହି ଅତି କୁତ୍ସିତ ଓ ଦୁଃସାହସିକ କାର୍ଯ୍ୟ କରିପାରେ ଏବଂ ଅନ୍ୟର ଧନସମ୍ପତ୍ତି ଠକି ନେବାରେ ପାରଙ୍ଗମ ଅଟେ, ତାହାକୁ ବଞ୍ଚକ କୁହାଯାଏ ।
- ଧର୍ମଧାରା ଧରି ପ୍ରତିଦିନ ନିଷ୍ଠାର ସହିତ କର୍ମଯୋଗ ସାଧନା କଲେ, ସକଳ ବିପତ୍ତିରୁ ଅବଶ୍ୟ ରକ୍ଷା ପାଇବ ।
- ଆମ ଦେଶ ଭାରତ ଏକ ପୁଣ୍ୟଭୂମି । ଏହା ଯୁଗଯୁଗ ଧରି ଶାନ୍ତି, ସମତା, ସୌହାର୍ଦ୍ଦ୍ୟ ଓ ଭ୍ରାତୃତ୍ୱର ବାର୍ତ୍ତାବହ ହୋଇ ଆସିଛି । ଅନେକ ସ୍ଥଳରେ ଏହା ବିଶ୍ୱକୁ ଆଧ୍ୟାତ୍ମିକ ଜ୍ଞାନର ଆଲୋକ ପ୍ରଦାନ କରିଛି । ତେଣୁ, ଜଣେ ଭାରତୀୟ ଭାବେ ଏ ଦେଶର ସଭ୍ୟତା ଓ ସଂସ୍କୃତିକୁ ଦିଗ୍‌ଦର୍ଶନ ରୂପେ ଦୃଷ୍ଟି ସମକ୍ଷରେ ରଖିଲେ, ଏହା ଜୀବନର ଲକ୍ଷ୍ୟ ନିର୍ବାଚନରେ ନିଶ୍ଚୟ ସହାୟ ହେବ ।
- ତେନ୍ତୁଳି (ଖଟା ବା ଟକ) ସିନା ପ୍ରଥମେ ରୁଚି ଜନ୍ମାଏ; ମାତ୍ର ଅତ୍ୟଧିକ ହେଲେ, ପରିଣାମ ମନ୍ଦ ହୁଏ ।
- ପିଶାଚ, ପିଶୁନ ଏବଂ କୁକୁର – ଏମାନେ ସ୍ୱଭାବତଃ ଲୋଭୀ ।
- ପ୍ରଜ୍ଞାହୀନ ଲୋକ ଗୁରୁସେବା କରି ଯାବଜ୍ଜୀବନ ଆସମୁଦ୍ର ଭୂମଣ୍ଡଳ ପରିଭ୍ରମଣ କରି ନାନା ଶାସ୍ତ୍ର ଅଧ୍ୟୟନ ଓ ଅନୁଶୀଳନ କଲେ ହେଁ, ବୁଦ୍ଧିହୀନତା ଦୋଷରୁ ପଣ୍ଡିତ ପଦବାଚ୍ୟ ହୋଇପାରେ ନାହିଁ ।
- ବିଦ୍ୟା ସକଳ ଚତୁର୍ଦ୍ଦଶ ପ୍ରକାର । ଚତୁର୍ଦ୍ଦଶ ବିଦ୍ୟା ମଧ୍ୟରେ ଶସ୍ତ୍ରବିଦ୍ୟା ଓ ଶାସ୍ତ୍ରବିଦ୍ୟା ଅନ୍ୟାନ୍ୟ ସକଳ ବିଦ୍ୟାଠାରୁ ଉତ୍ତମ ।
- ଧନ ଲକ୍ଷ୍ମୀ ଉଦ୍‌ଯୋଗୀ ପୁରୁଷକୁ ତ୍ୟାଗ କରିପାରନ୍ତି, କିନ୍ତୁ ବିଦ୍ୟା କଦାପି ବିଦ୍ୱାନ୍‌କୁ ତ୍ୟାଗ କରେ ନାହିଁ ।
- ବିଦ୍ୱାନ୍ ସମସ୍ତଙ୍କ ମଧ୍ୟରେ ଶ୍ରେଷ୍ଠ । ସେ ଯେଉଁଠାରେ ବାସ କଲେ ବି, ସମସ୍ତଙ୍କର ସମ୍ମାନନୀୟ ଓ ଆଦରଣୀୟ ହୋଇ ବାସ କରନ୍ତି ।
- ଅର୍ଥ, କ୍ଷମତା ଅଥବା ଯୌନବିକୃତିର ଶିକାର ହେଲେ, ବ୍ୟକ୍ତି ତଥା ସମାଜ ବିନଷ୍ଟ ହୁଏ । ତେଣୁ, ମହାପୁରୁଷମାନଙ୍କର ଜୀବନ ରୂପକ ଦୀପଶିଖାରେ ଆପଣାର ଜୀବନାଙ୍ଗନ ଉଦ୍ଭାସିତ କରିପାରିଲେ, ଯେ କେହି ଯଥାର୍ଥ ଜୀବନ ପଥ ସନ୍ଧାନରେ ବ୍ରତୀ ହେବ ଓ ମାନସିକ ବା ହତାଶାରୁ ଅବଶ୍ୟ ରକ୍ଷା ପାଇଯିବ ।
- କାମୁକ ଲୋକ ସ୍ତ୍ରୀ ବ୍ୟତିରେକେ ଅନ୍ୟ କୌଣସିରେ ସନ୍ତୁଷ୍ଟ ହୁଏ ନାହିଁ, ପିଶୁନ ଲୋକ ଖଳତା ପ୍ରତିରେକେ ସୁଖୀ ହୋଇପାରେ ନାହିଁ, ଈର୍ଷୁକ ଓ ହିଂସ୍ରଲୋକ ଈର୍ଷା ବା ହିଂସା ଆଚରଣ ନ କଲେ, ତା'ର ମନବୋଧ ହୁଏ ନାହିଁ ।
- ସକଳ ବିଦ୍ୟାଠାରୁ ବେଦବିଦ୍ୟା ଉତ୍ତମ ଏବଂ ସମସ୍ତ ପଣ୍ଡିତଙ୍କ ମଧ୍ୟରେ ବେଦଜ୍ଞ ପଣ୍ଡିତ ଶ୍ରେଷ୍ଠ ଅଟନ୍ତି ।
- ମନୁଷ୍ୟ ସମ୍ପୂର୍ଣ୍ଣ ଆଶାଶୂନ୍ୟ ହେଲେ, ତା'ର ତତ୍ତ୍ୱଜ୍ଞାନ ଉଦୟ ହୋଇ ମୋକ୍ଷସାଧନାର ପଥ ପରିଷ୍କାର ଦିଶେ ।

# ଜିଜ୍ଞାସା : ଜିଜ୍ଞାସୁ

ପରମ ଶ୍ରଦ୍ଧେୟ ଦିବଂଗତ ଯତୀଶଦା'ଙ୍କ ସହିତ ଶ୍ରୀ ଶ୍ରୀ ଠାକୁରଙ୍କର ଆଧ୍ୟାତ୍ମିକ ଆଲୋଚନାର ଧାରାବିବରଣୀ ହିଁ ଜିଜ୍ଞାସା : ଜିଜ୍ଞାସୁ ଶୀର୍ଷକର ବସ୍ତୁବିନ୍ୟାସ । ଆଧାତ୍ମିକ ଶିକ୍ଷାରେ ବୁଦ୍ଧିମତ୍ତ ଏହି ପ୍ରଶ୍ନୋତ୍ତରୀ ବିଭାଗ ଜିଜ୍ଞାସୁ ଭକ୍ତଗଣଙ୍କର ଜିଜ୍ଞାସାର ପରିତୃପ୍ତି ନିମନ୍ତେ ଏହା ଚରମରେ ନିୟମିତ ଧାରାବାହିକ କ୍ରମ । ପ୍ରଶ୍ନକର୍ତ୍ତାଙ୍କ ବିଭିନ୍ନ ମାର୍ମିକ ପ୍ରଶ୍ନର ଉତ୍ତର ଦିଅନ୍ତି କଲ୍ୟାଣମୟ ଶ୍ରୀଶ୍ରୀ ଠାକୁର ଅତି ସରଳ ସାବଲୀଳ ଭାଷାରେ ଓ ଆଧାତ୍ମିକ ରୁଚିରେ ।

## ଶ୍ରୀ ଶ୍ରୀ ଶ୍ରୀ ଗୁରୁସ୍ୱାମୀଙ୍କ ସହିତ ନାନା ପ୍ରସଙ୍ଗେ

ଜିଜ୍ଞାସୁ : ଆଜ୍ଞା, ମୋର ଗୋଟିଏ କଥା ବୁଝିବାର ଅଛି ।

ଶ୍ରୀଶ୍ରୀ ଠାକୁର : କହୁନା, କି କଥା ? ଜାଣିଥିଲେ କହିବି ।

ଜିଜ୍ଞାସୁ : ଧର୍ମ ପଥରେ ତ ସମସ୍ତଙ୍କର ସ୍ୱାଧୀନ ଅଧିକାର ଅଛି । କିନ୍ତୁ ଯେଉଁମାନେ ଏ ମାର୍ଗରେ ଆସୁଛନ୍ତି, ସେମାନଙ୍କୁ ଅନ୍ୟମାନେ ଲାଞ୍ଛିତ କରି କଥାବାର୍ତ୍ତା କରୁଛନ୍ତି କାହିଁକି ?

ଶ୍ରୀଶ୍ରୀ ଠାକୁର : ଏ ସବୁ ବଡ଼ ନିଗମ କଥା ।

ଜିଜ୍ଞାସୁ : ଏ କଥା କ'ଣ ନିଗମ ?

ଶ୍ରୀଶ୍ରୀ ଠାକୁର : ହଁ, ନିଗମ । ସୃଷ୍ଟିରେ ସବୁହିଁ ନିଗମ, ଘଞ୍ଚ ଏବଂ ସବିସ୍ତୃତ । ଯେତେବେଳେ ମାୟାବ୍ରହ୍ମରୁ ଦେହ ପଞ୍ଚବିଂଶତି ତତ୍ତ୍ୱ ନେଇ ତିଆରି ହେଉଛି, ସେତେବେଳେ ତା' ମଧ୍ୟରେ ଅହଙ୍କାର ଶ୍ରେଷ୍ଠସ୍ଥାନ ଅଧିକାର କରୁଛି ।

ଜିଜ୍ଞାସୁ : ଅହଙ୍କାର କ'ଣ ପ୍ରତ୍ୟେକ ଗୁଣରେ ଅଛି ?

ଶ୍ରୀଶ୍ରୀ ଠାକୁର : ହଁ ଅଛି । ସତ୍‌ଗୁଣରେ ସତ୍‌ଭାବ ଅହଙ୍କାର, ରଜ ଗୁଣରେ ରଜଭାବ ଅହଙ୍କାର ଏବଂ ତମ ଗୁଣରେ ତମଭାବ ଅହଙ୍କାର ଅଛି ।

ଜିଜ୍ଞାସୁ : ସତ୍ ଗୁଣରେ କିପରି ସତ୍‌ଭାବର ଅହଙ୍କାର ଅଛି ?

ଶ୍ରୀଶ୍ରୀ ଠାକୁର : ସତ୍‌ଗୁଣର ଅହଙ୍କାର ସତ୍‌ରୁ ଅଧିକ ସତ୍ ଭଳି । ମନେ କର ତୁମେ ଯାହା ଜାଣ ଭକ୍ତି ଓ ବିନୟ ଭାବ ରହିଲେ, ସତ୍‌ରୁ ଅଧିକ ସତ୍ ଦ୍ରୁତତର ଗତିରେ ତମ ମଧ୍ୟରେ ଠୁଳ ହୁଏ । ଜୀବ ଭିତରେ ପରମାର୍ଥିକ ଭାବ ଯଦିଓ ଅହଂଦ୍ୱାରା ସତ୍ ଅଧିଷ୍ଠାନ କରେ, କିନ୍ତୁ ତାହା ସହିତ ଭକ୍ତିଭାବ, କୋମଳ ସ୍ୱଭାବ, ବିନୟ ଗୁଣ ଇତ୍ୟାଦି ପୂର୍ଣ୍ଣଭାବେ ଆଧାର କ୍ରିୟା କରନ୍ତି । ଏସବୁ ଆଧାର ଜୀବ ମୂଳତଃ ଯୋଗମୁଦ୍ରା ଦ୍ୱାରା ଅଭ୍ୟାସ କର୍ମ ନ କଲେ, ତା'ର ଜ୍ଞାନକୁ ଅହଙ୍କାର ବୁଡ଼ାଇ ରଖେ ଓ ସେ ସ୍ଥାନରେ ତମ ଗୁଣ ଆଧିପତ୍ୟ ବିସ୍ତାର କରେ ।

ଜିଜ୍ଞାସୁ : ତମ ଗୁଣ ବିସ୍ତାର ଲାଭ କରି କ'ଣ କରେ ?

ଶ୍ରୀଶ୍ରୀ ଠାକୁର : ମନେ କର ଶିଶୁଟିଏ ଜନ୍ମ ନେଲା । ଧିରେ ଧିରେ ଶରୀର ବଡ଼ ହେଲା । ଶରୀର ବଡ଼ ହେବା ସଂଗେ ସଂଗେ ପଞ୍ଚତତ୍ତ୍ୱଗୁଡ଼ିକ ବଳଶାଳୀ ହେଲା । ଫଳରେ ରଜତମ ମିଶ୍ରିତ ଭାବ ପିଣ୍ଡରେ ବଳଶାଳୀ ହୋଇ କାର୍ଯ୍ୟକଲା । ଯେଉଁମାନେ ବାଲ୍ୟକାଳରୁ ଧର୍ମମାର୍ଗ ଅଭ୍ୟାସଯୋଗ ଅବଲମ୍ବନ କରନ୍ତି, ସେମାନଙ୍କ ଶରୀର ମଧ୍ୟରେ ସୁପ୍ତ ଥିବା ସତ୍‌ଭାବଗୁଡ଼ିକ ଶୀଘ୍ର ଜାଗ୍ରତ ହୋଇଯାଆନ୍ତି । ସେହି ସତ୍ ସ୍ୱଭାବ ସ୍ପଷ୍ଟ ବାରି ହୋଇଯାଆନ୍ତି ।

ଜିଜ୍ଞାସୁ : ସତ୍ ସ୍ୱଭାବ ଦେଖାଇଲେ ବ୍ରହ୍ମଦର୍ଶୀ ହୋଇପାରିବା କି ?

ଶ୍ରୀଶ୍ରୀ ଠାକୁର : ନା, କେବଳ ଏତିକିରେ ତାହା ସମ୍ଭବ ନୁହେଁ । ତା'ର ଆହୁରି ମଧ୍ୟ ସାଧନାସୂତ୍ର ଅଛି । ସତ୍ ବୃତ୍ତିର ବାସ୍ତବ କର୍ମାନୁଷ୍ଠାନ ତୋଳିଲେ ଯାଇ ହେବ ।

ଜିଜ୍ଞାସୁ : ଏସବୁ ସତ୍‌ଭାବ, ସାଧୁସନ୍ଥ ବିଶ୍ୱାସ କିଭଳି ଜାଗ୍ରତ ହୁଏ ? ଜୀବ ତ ଅବୋଧ, ଅଚେତନ ଓ ଜଡ଼ ବୁଦ୍ଧି ସମ୍ପନ୍ନ । ସେ ଧର୍ମପଥକୁ କିପରି ଆସେ ?

ଶ୍ରୀଶ୍ରୀ ଠାକୁର : ଗୃହସ୍ଥ ଧର୍ମରେ ରହି ଗୁରୁ ଗ୍ରହଣ କରି ଯେଉଁମାନେ ଦୀକ୍ଷା ନେଇ ଛାଡ଼ନ୍ତି, ସେମାନେ ପରବର୍ତ୍ତୀ ଜନ୍ମରେ ବାଲ୍ୟକାଳରୁ ଧର୍ମବିଶ୍ୱାସୀ ହୁଅନ୍ତି ଓ ସାଧୁ ସଙ୍ଗରେ ବସନ୍ତି । ପୂର୍ବଜନ୍ମର ବାସନା ନଥିଲେ, ଜଣେ ଏ ଜନ୍ମରେ କିଛି ନ ଜାଣି ମଧ୍ୟ ଧର୍ମବିଶ୍ୱାସୀ ହୋଇପାରିବ ନାହିଁ । ଭାଗବତରେ ଅଛି ପରା :

"ଯାହାର ପୂର୍ବ ଭାଗ୍ୟ ବଶେ । ତା'ପୁତ୍ର ସାଧୁ ସଂଗେ ବସେ ॥"

ସାଧୁ ସଂଗରେ ବସିବା ପାଇଁ ପୂର୍ବଜନ୍ମର ସତ୍‌ବାସନା ଆବଶ୍ୟକ । ଯାହା ଦେହରେ ସାଧୁତାର ଭାବ ଅଛି, ଫଳତଃ ବାସ୍ତବ କ୍ରିୟା କଲେ ଧିରେ ଧିରେ ତାହା ସକ୍ରିୟ ହୋଇ ସତ୍ ସ୍ୱଭାବ ତୋଳେ ।

ଜିଜ୍ଞାସୁ : ବେଳେବେଳେ କେତେକ ପୁସ୍ତକରେ ଲେଖା ହୋଇଥିବାର ପଢ଼ିଛୁ, ଉତ୍ତମ ଗତି, ମଧ୍ୟମ ଗତି, ନିକୃଷ୍ଟ ଗତି । ଏସବୁ ଗତି କ'ଣ ?

ଶ୍ରୀଶ୍ରୀ ଠାକୁର : ମୀନ, କୃମି, ସର୍ପ, କଚ୍ଛପ, ବୃକ୍ଷାଦି ତମ ଗୁଣର ନିକୃଷ୍ଟ ଗତି ବୋଲାଯାଏ । ଏ ସବୁ ତମଗୁଣର ଭାବରେ ଗତି କରନ୍ତି । ସୃଷ୍ଟିର କ୍ରମାନୁଯାୟୀ ଅଧମ ଗତି, ମଧ୍ୟମ ଗତି ଓ ଉତ୍ତମ ଗତି ଅଛି । କର୍ମାନୁଯାୟୀ ଜୀବର ଦେହପ୍ରାପ୍ତି ହୁଏ ଓ ତଦନୁସାରେ ସେ ଜୀବଦଶାରେ ଅଧମ, ମଧ୍ୟମ ଓ ଉତ୍ତମ ଗତି ଲାଭ କରେ ।

ଜିଜ୍ଞାସୁ : ଠାକୁରେ, ଆଲୋଚନାରେ ସନ୍ଦେହ ରହିଯାଉଛି ।

ଶ୍ରୀଶ୍ରୀ ଠାକୁର : (ହସି) ତମେ ଧାରାବାହିକଭାବେ ବୁଝିବାକୁ ଅପେକ୍ଷା ନ କରି ଭିନ୍ନ ଭିନ୍ନ ପ୍ରଶ୍ନ ଥୋଇଦେଉଛ । ସନ୍ଦେହ ରହିବ ନାହିଁ ?

ଜିଜ୍ଞାସୁ : ଆଚ୍ଛା, ପୂର୍ବର ବାସନା ଅନୁଯାୟୀ ଜଣେ ନାସ୍ତିକର ବିଶ୍ୱାସ ଜନ୍ମିବ କିପରି ?

ଶ୍ରୀଶ୍ରୀ ଠାକୁର : ନାସ୍ତିକ ହେଲେ ମଧ ବ୍ରହ୍ମର ଅଂଶରୁ ଶରୀର ନେଇ ଆସିଛି, କିନ୍ତୁ ଭାବ ନାସ୍ତିକ ହୋଇ ଯାଉଛି । ଗୃହସ୍ଥ ଧର୍ମରେ ବୁଡ଼ି ରହିଲେ ଅବିଶ୍ୱାସ ଭାବ, ସନ୍ଦେହ ଓ ନାସ୍ତିକ ଭାବ ରହେ । ତା' ମଧରେ ବିହିତ କିଛିତ୍ ଦେବାଦେବୀ ବିଗ୍ରହ, ମଠ, ମନ୍ଦିର ଓ ଧର୍ମାନୁଷ୍ଠାନ ପ୍ରତି ଟିକିଏ ଆସକ୍ତି ଆସିଲେ,

ଟିକିଏ ପ୍ରଣାମ କରିବା, ଫୁଲ ଧୂପ ଇତ୍ୟାଦି ନେଇ ଦେବା ଦ୍ୱାରା ଭାବ ଉଦ୍ରେକ ହୁଏ । ଏହାଦ୍ୱାରା ଟିକିଏ ଟିକିଏ କୋଷ ସଂଗ୍ରହ କରି ଶରୀରର ମୃତ୍ୟୁ ପର୍ଯ୍ୟନ୍ତ ଜୀବର ଭାବ ଟାଣ ଓ ଶକ୍ତ ହୋଇଯାଏ । ଫଳରେ ପରବର୍ତ୍ତୀ ଜନ୍ମରେ ଆତ୍ମା ପିଣ୍ଡ ଧରି ଆସିଲେ ବାଲ୍ୟକାଳରୁ ଧର୍ମଧାରା ଗ୍ରହଣ କରେ । ତଥାପି ସେଥିରେ ମଧ୍ୟ ବିଶ୍ୱାସ ଅବିଶ୍ୱାସର କାରଣ ଥାଏ । ସନ୍ଦେହ ଥିଲେ ମଧ୍ୟ ସେହି ସନ୍ଦେହ ଭିତରେ ବିଶ୍ୱାସ ଭାବ ବେଳେବେଳେ ଆସୁଥାଏ । ଏହିପରି ଭଙ୍ଗୀ ଭଙ୍ଗୀ ଭାବରେ ଅଳ୍ପ ଅଳ୍ପ ବିଶ୍ୱାସ ଜାଗ୍ରତ ହେଲେ କ୍ରମପର୍ଯ୍ୟାୟରେ ଜୀବ ଦୃଢ଼ ବିଶ୍ୱାସୀ ହୋଇଯାଏ ।

ଜିଜ୍ଞାସୁ : **ବିଶ୍ୱାସର ଭାବରେ କିଛି ସ୍ୱାର୍ଥ ଫଳ ହାସଲ କଲେ ଜଣେ କ'ଣ ହଠାତ୍ ବିଶ୍ୱାସୀ ହୋଇଯାଇପାରିବ ?**

ଶ୍ରୀଶ୍ରୀ ଠାକୁର : ଜୀବର କାମନା ବାସନା ଜଡ଼ିତ ଫଳ ଯଥା : ରୋଗ ଭଲ ହେବା, ଚାକିରୀ ହୋଇଯିବା, ହଠାତ୍ ଧନୀ ହୋଇଯିବା, ବ୍ୟବସାୟରେ ଉନ୍ନତି ହେବା, ପୁଅ ଝିଅ ବାହାଘର ହେବା ଇତ୍ୟାଦି ବଞ୍ଚିବା ବଢ଼ିବା କର୍ମଫଳର ଲାଭ ଯଦି ଠିକ୍ ହିସାବରେ ଚାଲିଲା, ତେବେ ସାଧୁସନ୍ଥଙ୍କୁ ବିଶ୍ୱାସ କରିବା ଏବଂ ଧର୍ମଧାରାରେ ଚଳିବା ସହଜ ହୋଇଯାଏ । ଏସବୁ ସାଧାରଣ ପ୍ରାଣୀଙ୍କ ପକ୍ଷେ ପ୍ରଯୁଜ୍ୟ । କାମ କାମନାରେ ବିଶ୍ୱାସ କରି ଏବଂ ଲାଭଫଳରେ ମନ ଦେଇ ଭଗବଦ୍ ସାନିଧ୍ୟ ଲାଭ ଜଟିଳ ଅଟେ । ତେଣୁ ଭଗବଦ୍ ବିଶ୍ୱାସୀ ହୋଇଯିବା ଏତେ ସହଜ ନୁହେଁ ।

ଜିଜ୍ଞାସୁ : କାମ କାମନା ବିଷୟା ଫଳରହିତ କ୍ରିୟା ଛାଡ଼ିବା ବ୍ୟକ୍ତି ଧରାପୃଷ୍ଠରେ ଅଛନ୍ତି କି ?

ଶ୍ରୀଶ୍ରୀ ଠାକୁର : କାମନା ବାସନା କଥା ଅନେକଥର ଆଲୋଚନା ସତ୍ତ୍ୱେ ତମର ପୁଣି ସନ୍ଦେହ ରହିଯାଉଛି । ଯେଉଁ ବିଷୟା ବାସନାରେ କାମନାର ଫଳ ଆସୁଛି, ସେହି ଫଳ ସାତ୍ତ୍ୱିକ ବୃତ୍ତିରେ ନିୟୋଜିତ ହେଲେ ସତ୍‌ଫଳ ପ୍ରାପ୍ତି ବା ତମର ଲକ୍ଷ୍ୟ : ଚରମ ପ୍ରାପ୍ତି, ମାନସିକ କାମନାକୁ ଚାଲିଆସିବ । ଜୀବ ଯେତେବେଳେ ଯୋଗ ଅଭ୍ୟାସ କରେ କାମନାରୂପକ ସତ୍‌ଫଳ କେବେ ପ୍ରାପ୍ତ ହେବ ସେଥିନିମନ୍ତେ ଧୈର୍ଯ୍ୟଧରି ଅପେକ୍ଷା କରିପାରେ ନାହିଁ । ତେଣୁ ସାଧନକ୍ରିୟାରେ ଏହା ବାଧକ ସୃଷ୍ଟି କରେ । ତମର କାମ ପୁରୁଷାର୍ଥ ପ୍ରୟୋଗ, ଭଗବଦ୍ କୃପା ଦୈବର ଅଧୀନ । ଏକଥା ଆମେ ପରା ତମକୁ ପୂର୍ବରୁ ବୁଝାଇଛୁ । ଅଭ୍ୟାସ କର୍ମଯୋଗ କରିଚାଲ, ଧର୍ମଧାରାରେ ନିଷ୍ଠା ରଖ । ଦିନ ଗଣ ନାହିଁ । ଏହାକଲେ କର୍ମଯୋଗରୁ ପଛଘୁଞ୍ଚା ଦେବ । ତମର ଧର୍ମଧାରା ହେଉଛି ପ୍ରକୃତ ନିୟମ ଅନୁସାରେ ସତ୍‌ମାର୍ଗର ସାଧନସୂତ୍ର ଧରି ଚାଲିବା । ସତ୍ କର୍ମଫଳ ଏହାଦ୍ୱାରା ତମ ପଛେ ପଛେ ଗୋଡ଼ାଇବ । ସଂସାରରେ ଜୀବମାତ୍ରେ ହିଁ କାମନା ବାସନାର ଶରୀର ଧରି ଆତଯାତ ହେଉଅଛି । କାମନା ନଥିଲେ ଇଚ୍ଛା ଆସିବ ନାହିଁ । ଇଚ୍ଛା ନ ଆସିଲେ କର୍ମ କରି ପାରିବ ନାହିଁ । କର୍ମ ନ କଲେ ଫଳପ୍ରାପ୍ତି ନାହିଁ । ଏହି କାମନା ଜୀବ ଭେଦରେ ସତ୍ ରଜ ତମ ତିନିଭାଗରେ ବିଭକ୍ତ ହୋଇଛି । ଆମେ ଭାଗ ଭାଗ କରି ବାଛି ନେବା । ରଜ ତମ ଜନିତ କାମନାକୁ ଅଭ୍ୟାସ କର୍ମଦ୍ୱାରା ନିୟନ୍ତ୍ରଣ କଲେ, ତାହା ସତ୍‌ଗୁଣରେ ସାତ୍ତ୍ୱିକ କାମନାରେ ପରିଣତ ହୁଏ । ସାତ୍ତ୍ୱିକ କାମନାକୁ ବିନାଶ କଲେ, ପରମାର୍ଥ ଯୋଗ ଲାଭ କରାଯାଏ । ଏତାଦୃଶ ସାଧନ ମାର୍ଗରେ କାମନା ବାସନା ବିଷୟା ଫଳ ରହିତ ଜୀବ ପୃଥିବୀରେ ଅତି ଅଳ୍ପ ସଂଖ୍ୟାରେ ଅଛନ୍ତି ।




"ପ୍ରଥମ ପୁଷ୍ପରେ ତିନୋଟି ପାଖୁଡ଼ା
ଦ୍ୱିତୀୟରେ ପୁଣି ଚାରୋଟି ।
ତୃତୀୟ ପୁଷ୍ପରେ ଛଅଗୋଟି ପୁଣି
ବାସ ମହକିବ ଉକୁଟି ।।"

ଚରମରେ ! ମୋର ପ୍ରିୟ ମାନସ ସନ୍ତାନ ! ଏଇମାତ୍ର ଦୁଇଟି ବର୍ଷ ଅତିକ୍ରମ କରି ତୃତୀୟ ବର୍ଷରେ ପାଦ ଦେଇଛୁ । ପ୍ରଥମ ବର୍ଷ : ପ୍ରଥମ ପୁଷ୍ପରେ ତିନୋଟି ପାଖୁଡ଼ା ଧରିଛୁ । ସଂଖ୍ୟାର ଦ୍ୱିତୀୟ ମହକ ବିଛୁରି ଦେଇଛୁ । ଦ୍ୱିତୀୟ ବର୍ଷ : ଦ୍ୱିତୀୟ ପୁଷ୍ପରେ ତୋର ଚାରୋଟି ପାଖୁଡ଼ା ଶୋଭନୀୟ ହୋଇଛି । ତୃତୀୟ ବର୍ଷ ଏହି ମାତ୍ର ଆରମ୍ଭ ହେଲା, ଆଜିଠାରୁ, ପବିତ୍ର ଶାରଦୀୟ କୁମାର ପୂର୍ଣ୍ଣିମାର ସାନ୍ଧ୍ୟଅବକାଶରେ । ତୃତୀୟ ବର୍ଷ : ପୁଷ୍ପରେ ତୋର ତନୁ ଛଅଗୋଟି ପାଖୁଡ଼ାରେ ବିମଣ୍ଡିତ ହେବ ।

ଆମ ପ୍ରକାଶିତ ଯୁଗୋପଯୋଗୀ ଆଧ୍ୟାତ୍ମିକ ପତ୍ରିକାର ବାର୍ଷିକ ଗ୍ରାହକମାନଙ୍କୁ ବିଶେଷ ଅନୁରୋଧ ଯେ, ତୃତୀୟ ବର୍ଷର 'ଚରମ'ର ଗ୍ରାହକ ଦେୟ ୬୦ ଟଙ୍କା (ଷାଠିଏ ଟଙ୍କା) ମାତ୍ର ଅଫିସ୍‌କୁ ବା ଆମ ପ୍ରତିନିଧିଙ୍କୁ ଦେଇ ବିଧିବଦ୍ଧ ରସିଦ୍ ଗ୍ରହଣ କରିବେ । ତୃତୀୟ ବର୍ଷରେ ତୃତୀୟ ପୁଷ୍ପରେ 'ଚରମ'ର ଛଅଗୋଟି ପାଖୁଡ଼ା ପ୍ରତି ଦୁଇମାସରେ ଥରେ ପ୍ରକାଶ ପାଇବାର ନୀତି ନିର୍ଦ୍ଧାରିତ ହୋଇଛି ।

ଓଡ଼ିଶା ଓ ଓଡ଼ିଶା ବାହାରର ଓଡ଼ିଆବାସୀ ସହୃଦୟ ଅଧ୍ୟାତ୍ମପ୍ରେମୀ ଜନଗଣଙ୍କୁ ଆମର ଅନୁରୋଧ ସେମାନେ ଏହି ବିଶ୍ୱକଲ୍ୟାଣ ଯୋଗାଯୋଗ ଓ ସମ୍ପର୍କ ରକ୍ଷା କରନ୍ତୁ । ପୃଷ୍ଠପୋଷକ ସଭ୍ୟ, ଆଜୀବନ ତଥା ବାର୍ଷିକ ଗ୍ରାହକ ହୁଅନ୍ତୁ ।

ଏତଦ୍‌ବ୍ୟତୀତ 'ଚରମ ପ୍ରକାଶନ ସଂସ୍ଥା' ଦ୍ୱାରା ପ୍ରକାଶିତ ସାମୟିକ ପୁସ୍ତକ ପୁସ୍ତିକା, ପତ୍ରପତ୍ରିକା ସଂଗ୍ରହ କରି ପାଠ କରନ୍ତୁ ଓ ବ୍ୟକ୍ତିଗତ, ଦାମ୍ପତ୍ୟ, ପାରିବାରିକ, ସାମାଜିକ ତଥା ରାଷ୍ଟ୍ରୀୟ ଜୀବନରେ ସୁଖ, ଶାନ୍ତି, ଆନନ୍ଦ ଓ ସନ୍ତୋଷ ଲାଭ କରି ଜୀବନକୁ ସାର୍ଥକ ସଫଳ କରନ୍ତୁ ।

ମୁକ୍ତି ପାଇଁ କିଆଁ ହେଉଛ ବାୟା ?
ଧାରା ଧରି ଭୁଲ ଆପଣା କାୟା ।।

ପଦବୀ ଲାଳସା ନ ରଖ ମନେ ।
ପ୍ରଭୁପଦ ରଖ ସଦା ତୋ ଧ୍ୟାନେ ।।

ଶାଖା ସତ୍‌ସଙ୍ଗ ଛାଡ଼ି କୁସଙ୍ଗରେ ମେଳ ।
କରୁଥିଲେ ଅଚାନକ ଘୋଟି ଆସେ କାଳ ।।

# ଆଶ୍ରମ ସନ୍ଦେଶ

- ତା୨୭.୬.୯୫ରିଖ : ମଙ୍ଗଳବାର : ପରମପୂଜ୍ୟା ଠାକୁମା' କୁଳିଆରେ ବହୁଦିନ ଧରି ଅବସ୍ଥାନ କରୁଥିବାରୁ ପ୍ରଭୁପାଦ ଗୁରୁସ୍ୱାମୀ ଶ୍ରୀଶ୍ରୀ ଠାକୁର ସେଠାକୁ ଯାଇ ଦର୍ଶନ ଦେଇ ସେହିଦିନ ରାତିରେ ଆଶ୍ରମକୁ ଫେରି ଆସିଲେ ।
- ତା୩୦.୬.୯୫ରିଖ : ଶୁକ୍ରବାର : ସ୍ୱର୍ଣ୍ଣକ୍ଷେତ୍ର ଧାମରେ ଶ୍ରୀଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରା ଦେବୀଙ୍କର ଶ୍ରୀଗୁଣ୍ଡିଚା ଯାତ୍ରା ମହାସମାରୋହରେ ପାଳିତ ହେଲା ।
- ତା୬.୭.୯୫ରିଖ : ଗୁରୁବାର : କ୍ଷିତିଜ୍ୟୋତି ଆଶ୍ରମର ପ୍ରଥମ ପ୍ରଧାନଚାର୍ଯ୍ୟ ଦିବଂଗତ ଯତୀଶ ଦା'ଙ୍କର ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ଭାବ ଗମ୍ଭୀର ସମାବେଶରେ ଯଥାବିଧି ପାଳିତ ହେଲା ।
- ତା୮.୭.୯୫ରିଖ : ଶନିବାର : ମାଉସୀ ମା ମନ୍ଦିରରୁ ରଥାରୂଢ଼ ବିଗ୍ରହ ବାହୁଡ଼ି ଆସି ସ୍ୱର୍ଣ୍ଣକ୍ଷେତ୍ରସ୍ଥ ଅବାଢ଼ବାଗ ଧାମରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ସିଂହାସନାରୂଢ଼ ହେଲେ ।
- ତା୯.୭.୯୫ରିଖ : ରବିବାର : କେନ୍ଦୁଝର କେନ୍ଦ୍ରୀୟ ଶାଖା ଅନ୍ତର୍ଭୁକ୍ତ ଗୁରୁଭଗ୍ନୀ ସ୍ୱର୍ଗତା ପଦ୍ମାକୟା ମଲିକଙ୍କ ତିଳତର୍ପଣ ଯଥାବିଧି କରାଗଲା ।
- ତା୧୦.୭.୯୫ରିଖ : ସୋମବାର : କେନ୍ଦୁଝର କେନ୍ଦ୍ରୀୟଶାଖା ଅନ୍ତର୍ଭୁକ୍ତ ଗୁରୁଭ୍ରାତା ଶ୍ରୀ ଦୁଃଶାସନ ମଲିକଙ୍କ ବାସଭବନରେ ପାରିବାରିକ ସତ୍‌ସଂଘ ଅନୁଷ୍ଠିତ ହେଲା ।
- ତା୨୯.୭.୯୫ରିଖ : ଶନିବାର ଠାରୁ ତା ୧.୮.୯୫ ରିଖ, ମଙ୍ଗଳବାର ପର୍ଯ୍ୟନ୍ତ କ୍ଷିତିଜ୍ୟୋତି ଆଶ୍ରମର ପ୍ରଧାନାଚାର୍ଯ୍ୟ ପୂଜନୀୟ ଶ୍ରୀ ବିରଞ୍ଚି ନାରାୟଣ ଦାସ ମାଲ୍‌କାନାଗିରି ଜିଲ୍ଲା ଗସ୍ତ କରି ଶ୍ରୀଶ୍ରୀଠାକୁରଙ୍କର ଲୀଳା ପ୍ରସଙ୍ଗ ତଥା ଆଧ୍ୟାତ୍ମିକ ପଥ ଓ ଧର୍ମଧାରାର ଶ୍ରେଷ୍ଠତ୍ୱ ବିଭିନ୍ନ ସତ୍‌ସଂଘ ବୈଠକରେ ଆଲୋଚନା ମାଧ୍ୟମରେ ପ୍ରତିପାଦନ କରିଥିଲେ ।'
- ତା୧୦.୮.୯୫ରିଖ : ଗୁରୁବାର : ମାଳିକା ପ୍ରବାଦ ଅନୁଯାୟୀ ପୁଣ୍ୟ ପବିତ୍ର ଗହ୍ମାପୂର୍ଣ୍ଣିମା ତିଥିରେ ଗୁରୁଭାଇ ଶ୍ରୀ ନେପାଳ ଦାସଙ୍କ ନେତୃତ୍ୱରେ ଚାନ୍ଦୋଳ ଓ ସଠିଲୋ-ଶିଶୁଆ ଶାଖାରୁ ପ୍ରଥମ କରି ୧୯ଟି ପୂର୍ଣ୍ଣକୁମ୍ଭ ମସ୍ତକରେ ବହନ କରି ମହାମନ୍ତ୍ର ସଂକୀର୍ତ୍ତନ ସହ ଗୁରୁଭାଇମାନେ ପଟୁଆରରେ ଆସି ମହୁରାକ୍ଷେତ୍ରରେ ପ୍ରାତଃ ଘ.୬.୫୫ମି. ସମୟରେ ଶ୍ରୀଶ୍ରୀ ମହାପ୍ରଭୁଙ୍କର ଚରମପାଦକୁ ଧୌତ କରିଥିଲେ । ସେମାନଙ୍କୁ ସ୍ୱାଗତ କରି ଧର୍ମ ଧ୍ୱନି ଦିଆଯାଇଥିଲା । ସମବେତ ଭକ୍ତ ଅନୁଗତ ଭାଇଭଉଣୀମାନେ ପଦଧୌତ ଜଳ ସଂଗ୍ରହ କରି ପାନ, ମସ୍ତକରେ ସିଞ୍ଚନ ଓ ଭକ୍ତିଭରେ ସାଇତି ରଖିଥିଲେ ।
- ଆଶ୍ରମବାସୀଗଣ ଏବଂ ଆଶ୍ରମାଗତ ଭାଇଭଉଣୀମାନେ ମହାପ୍ରଭୁ ଶ୍ରୀଶ୍ରୀ ଠାକୁରଙ୍କ ହାତରେ ରକ୍ଷାବନ୍ଧନ ବାନ୍ଧି ପ୍ରଣାମି ସହ ସାଷ୍ଟାଙ୍ଗ ପ୍ରଣାମ ନିବେଦନ କରିଥିଲେ ଏବଂ ପରସ୍ପର ହାତରେ ରାକ୍ଷୀ ବାନ୍ଧି ଆନନ୍ଦ ଅନୁଭବ କରିଥିଲେ । ପରମ୍ପରାକୁ ରକ୍ଷା କରି ଶ୍ରୀ ଶ୍ରୀ ଠାକୁର ଭଉଣୀ କମଳା (କୁଳିଆ)କୁ ଦର୍ଶନ ଦେବାପାଇଁ ଯାଇଥିଲେ । ଭଉଣୀ କମଳା ଭାଇଙ୍କ ହାତରେ ରାକ୍ଷୀ ବାନ୍ଧି ଦେଇଥିଲେ ।
- ତା୧୩.୮.୯୫ରିଖ : ରବିବାର : ସ୍ୱର୍ଗତା ଜୟନ୍ତି ମଲିକ, ସ.ପ.ନଂ୨୯୩୨, ଗ୍ରାମ - ଶୁଖୁଆପଡ଼ାଙ୍କ ତିରୋଧାନରେ ଯଥାବିଧି ତିଳତର୍ପଣ ଅନୁଷ୍ଠିତ ହୋଇଯାଇଛି ।
- ତା୧୪.୮.୯୫ରିଖ : ସୋମବାର : କେନ୍ଦୁଝର କେନ୍ଦ୍ରୀୟ ଶାଖାର ଗୁରୁଭାଇ ଶ୍ରୀ ରବିନାରାୟଣ ଶର୍ମାଙ୍କର ପୁତ୍ରର ଏକୋଇଶା ଉପଲକ୍ଷେ ମୋତିବନ୍ଧସ୍ଥିତ ସରକାରୀ ବାସଭବନରେ ପାରିବାରିକ ସତ୍‌ସଂଗ ଅନୁଷ୍ଠିତ ହୋଇଯାଇଛି ।

- ତା୧୫.୮.୯୫ରିଖ : ମଙ୍ଗଳବାର : ଆଶ୍ରମ ଅନ୍ତେବାସୀଙ୍କ ପାଇଁ ପ୍ରାତଃ ୬ ଘଣ୍ଟାରୁ ୭ଘଣ୍ଟା ପର୍ଯ୍ୟନ୍ତ ପ୍ରତ୍ୟହ ଏକ ଘଣ୍ଟା ଆଧ୍ୟାତ୍ମିକ ବିଦ୍ୟାଧ୍ୟୟନ କାର୍ଯ୍ୟକ୍ରମ ସ୍ୱତନ୍ତ୍ର ଭାବରେ ଆରମ୍ଭ ହୋଇଛି । ସ୍ୱୟଂ ମହାପ୍ରଭୁ ଶ୍ରୀଶ୍ରୀ ଠାକୁର ଏହି କାର୍ଯ୍ୟକ୍ରମରେ ନିଜେ ଶିକ୍ଷାଦାନ କରୁଅଛନ୍ତି ଓ ଦୈନନ୍ଦିନ ଚାଲିବାପାଇଁ ମହାପ୍ରଭୁଙ୍କର କୃପା ମଧ୍ୟ ମିଳିଅଛି ।
- ତା୨୦.୮.୯୫ରିଖ : ରବିବାର : ଆଚାର୍ଯ୍ୟ ବିରଞ୍ଚି ନାରାୟଣ ଦାସ କୁନ୍ଦଳ ଶାଖାକୁ ଗସ୍ତ କରି ସାପ୍ତାହିକ ସତ୍‌ସଂଗ ବୈଠକରେ ଯୋଗ ଦେଇ ଫେରି ଆସିଛନ୍ତି ।
- ତା୨୧.୮.୯୫ରିଖ : ସୋମବାର : ଅଚ୍ୟୁତ ଗୁପ୍ତ ବ୍ରହ୍ମ ସଂଘ ଆନୁକୂଲ୍ୟରେ ସ୍ୱର୍ଣ୍ଣକ୍ଷେତ୍ର ଧାମରେ ଶ୍ରୀ ଶ୍ରୀ ଠାକୁରଙ୍କର ଉପସ୍ଥିତିରେ ପ୍ରତ୍ୟେକ ଶାଖା, ପ୍ରସ୍ତାବିତ ଶାଖା ତଥା ଅଣଆନୁଷ୍ଠାନିକ ଭାବେ କାର୍ଯ୍ୟ କରୁଥିବା ଶାଖାପରିଚାଳକ, ସହପରିଚାଳକ, ପୂଜକ, ସହପୂଜକ ଏବଂ ପ୍ରତିନିଧିମାନଙ୍କୁ ନେଇ ଏକ ମିଳିତ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି ।
- ତା୨୭.୮.୯୫ରିଖ : ରବିବାର : ଶୁକ୍ଳା ପ୍ରତିପଦ୍ ତିଥିରେ ସ୍ୱର୍ଣ୍ଣକ୍ଷେତ୍ର ପରିସରରେ ଏକ ଦାତବ୍ୟ ଚିକିତ୍ସାଳୟ ପ୍ରଭୁପାଦ ଗୁରୁସ୍ୱାମୀ ଶ୍ରୀଶ୍ରୀ ଠାକୁରଙ୍କର ଅପାର ଆଶୀର୍ବାଦରୁ ଉନ୍ମୋଚିତ ହୋଇଛି ଏବଂ ରୋଗୀ ସେବା କାର୍ଯ୍ୟକ୍ରମ ଚାଲୁ ରହିଛି ।
- ତା୩୦.୮.୯୫ରିଖ : ବୁଧବାର : ବାରିପଦା ଶାଖା ଅନ୍ତର୍ଭୁକ୍ତ ପୁରିଖୁଣ୍ଟା ଗ୍ରାମର ଗୁରୁଭାଇ ସ୍ୱର୍ଗତ ଦମ୍ବରୁଧର ପ୍ରଧାନ, ସ.ପ.ନଂ. ୨୦୬୯ଙ୍କ ତିରୋଧାନରେ ଯଥାବିଧି ତିଳତର୍ପଣ ତଥା ପିରବୋରବର୍ଗଙ୍କୁ ଆର୍ଥିକ ସହାୟତା କରାଯାଇଛି ।
- ତା୩.୯.୯୫ରିଖ : ରବିବାରଠାରୁ ତା ୯.୯.୯୫ ରିଖ, ଶନିବାର ପର୍ଯ୍ୟନ୍ତ ଶ୍ରୀ ଶ୍ରୀ ଠାକୁରଙ୍କର ୪୧ତମ ଶୁଭ ଆବିର୍ଭାବ ଉପଲକ୍ଷେ ସପ୍ତାହବ୍ୟାପୀ ଶ୍ରୀମଦ ଭାଗବତ ପାରାୟଣ ସ୍ୱର୍ଣ୍ଣକ୍ଷେତ୍ରରେ କେନ୍ଦ୍ରୀୟ ଶାଖା ସମେତ ୭୭ଟି ଶାଖା, ପ୍ରସ୍ତାବିତ ଶାଖା ଓ ଅଣଆନୁଷ୍ଠାନିକ ଶାଖାରେ ତଥା ଶାଖା ଅନ୍ତର୍ଭୁକ୍ତ ହୋଇ ନଥିବା ଶହ ଶହ ଗୁରୁଭାଇ ଭଉଣୀଙ୍କର ସ୍ୱଗୃହରେ ଯଥାବିଧି ପାଳନ କରାଯାଇଛି ।
- ତା୯.୯.୯୫ରିଖ : ଶନିବାର ଇନ୍ଦ୍ରୋତ୍ସବ ପୂର୍ଣ୍ଣିମା, ଭାଗବତ ଜନ୍ମ ଏବଂ ୪୧ ତମ କେଶବାବ୍ଦ ଆରମ୍ଭ - ବ୍ରାହ୍ମମୁହୂର୍ତ୍ତରୁ ପବିତ୍ର ବେଦ ଧ୍ୱନି, ମାଙ୍ଗଳିକ କର୍ମାନୁଷ୍ଠାନ ଏବଂ ଯଥାବିଧି ପୂଜାର୍ଚ୍ଚନା ଓ ଘୃତାହୁତି ହୋମଯଜ୍ଞ ସହିତ ପ୍ରଭୁପାଦ ଗୁରୁସ୍ୱାମୀ ମହାପ୍ରଭୁ ଶ୍ରୀଶ୍ରୀ ଠାକୁରଙ୍କର ୪୧ତମ ଶୁଭ ଆବିର୍ଭାବ ତିଥି ଉତ୍ସବ ଆରମ୍ଭ ହୋଇଅଛି । ଏଥି ନିମନ୍ତେ ପ୍ରାତଃ ଘ.୪.୪୫ମି. ସମୟରେ ୪୧ଥର ଶଙ୍ଖଧ୍ୱନି ସହିତ ପ୍ରଭୁଙ୍କର ଜନ୍ମଲଗ୍ନ ଘୋଷଣା କରାଯାଇଛି । ଦିବସବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ବାଳକ ସେବା, ନରନାରାୟଣ ସେବା ସହିତ ସନ୍ଧ୍ୟାରେ ୪୧ ଗୋଟି ପ୍ରଦୀପ ପ୍ରଜ୍ୱଳନ, ୪୧ ଥର ଶୁଭ ଶଙ୍ଖଧ୍ୱନି ପରେ ସତ୍‌ସଂଗ ବୈଠକ ଅନୁଷ୍ଠିତ ହୋଇଅଛି । ଦିବସବ୍ୟାପୀ ଶ୍ରୀ ପ୍ରଭୁଙ୍କର ଶ୍ରୀ ବିଗ୍ରହ ତଥା ଶ୍ରୀପାଦୁକା ପୂଜା ଅର୍ଚ୍ଚନା ସହିତ ୪୧ ପ୍ରକାର ପ୍ରସାଦ ନିବେଦିତ ଓ ୪୧ ପ୍ରକାର ଫୁଲ ସମର୍ପିତ ହୋଇଛି । ସମସ୍ତ ଶାଖାରେ ଏହା ଯଥାବିଧି ପାଳିତ ହୋଇଛି ।
- ତା୧୨.୯.୯୫ରିଖ : ମଙ୍ଗଳବାର : ସ୍ୱର୍ଣ୍ଣକ୍ଷେତ୍ରସ୍ଥ କ୍ଷିତିଜ୍ୟୋତି ଆଶ୍ରମର ସନାତନ ଆଧ୍ୟାତ୍ମିକ ବିଦ୍ୟା ନିକେତନର ଏକଶାଖା ବିଦ୍ୟାଳୟ ଜଗତପୁରସ୍ଥ ଜଗନ୍ନାଥ ଲକ୍ କଂପ୍ଲେକ୍ସର କେଶବ ଭବନଠାରେ ଆଜି ଶ୍ରୀ ଶ୍ରୀ ଠାକୁରଙ୍କର ସଦୟ ଉପସ୍ଥିତିରେ ମାଙ୍ଗଳିକ କାର୍ଯ୍ୟ ମାଧ୍ୟମରେ ଉଦ୍ଘାଟିତ ହୋଇଯାଇଛି ।
- ଏତଦ୍‌ବ୍ୟତୀତ ଯଥାରୀତି ଶ୍ରୀଶ୍ରୀ ଠାକୁରଙ୍କ ନୀତି, ଶ୍ରୀଜଗନ୍ନାଥାଦି ତ୍ରିମୂର୍ତ୍ତିଙ୍କ ନୀତି, ଅଖଣ୍ଡ ଦୀପ ଓ ମହାମନ୍ତ୍ର ସଙ୍କୀର୍ତ୍ତନ ସହିତ ଆଶ୍ରମର ପ୍ରାତଃ ଓ ସାୟଂ ସମବେତ ପ୍ରାର୍ଥନାଦି ଚାଲିଛି ।

*ଅର୍ଥ ନେଇ ଅୟସରେ ବିତାଇ ଜୀବନ ।*
*ଜଷଣ ରହିଲେ ସିନା ଶରୀର ସାଧନ ।।*

*ଗୁରୁସେବା ବିଶ୍ୱସେବା ହୁଏ ଜିରେ ଧନ !*
*ତହୁଁ ଚିତ୍ତଶୁଦ୍ଧି ତହୁଁ ନିରିମଳ ମନ ।।*

ଆମର ଲକ୍ଷ୍ୟ : ଚରମ ପ୍ରାପ୍ତି